R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୬୮
ତିଥି : ଦ୍ୱାଦଶୀ
୨୬ ମାର୍ଚ୍ଚ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 168
26 March 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ୧୨ କଂଗ୍ରେସ ବିଧାୟକ ଗୃହରୁ ନିଲମ୍ବିତ

# ବିଧାନସଭା ସମ୍ମୁଖରେ ମୁହାଁମୁହିଁ ସ୍ଥିତି



ଭୁବନେଶ୍ୱର, ୨୫।୩ (ସବ୍ୟୁ) : ଗୃହ ମଧ୍ୟରେ ଘଣ୍ଟ, ଗିନି, ବଇଁଶି, ତୁରୀ ବଜାଇବା କଂଗ୍ରେସ ବିଧାୟକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ନାରୀ ନିର୍ଯାତନା ପ୍ରସଙ୍ଗରେ ଗୃହ କମିଟି ଦାବିରେ ଅଟଳ ଥିବା କଂଗ୍ରେସ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭରୁ ହଟ୍ଟଗୋଳ ଆରମ୍ଭ କରିଛି । କେତେବେଳେ ବାଚସ୍ପତିଙ୍କ ପୋଡିୟମ୍ ଉପରେ ଚଢ଼ିବା, କଳା ପୋଷାକ ପିନ୍ଧି ପ୍ରତିବାଦ କରିବା ଓ ଶେଷରେ ଘଣ୍ଟ-ଘଣ୍ଟା ବଜାଇବା ଆଦି ପ୍ରଦର୍ଶନ କରି ତାର ବିରୋଧ ଜାରି ରଖିଛି । ତେବେ ଆଜି ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ବାଚସ୍ପତି ସୁରମା ପାଢ଼ୀ ବିଧାନସଭାରେ ଅଶୋଭନୀୟ ଆଚରଣ, ନିୟମ ଉଲ୍ଲଂଘନ ଓ ବାଚସ୍ପତିଙ୍କ ପ୍ରତି ଅସମ୍ମାନ କାରଣରୁ ୧୪ ବିଧାୟକଙ୍କ ମଧ୍ୟରୁ ୧୨ ବିଧାୟକଙ୍କୁ ୭ ଦିନ ନିଲମ୍ବିତ କରାଯାଇଛି । ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏନେଇ ପ୍ରସ୍ତାବ ଆଗତ କରିଥିଲେ । ତାହାକୁ ପାରିତ କରାଯାଇ ବାଚସ୍ପତି ଅନୁରୂପ ନିଷ୍ପତ୍ତି ନେଇଛନ୍ତି ।

କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ପ୍ରସଙ୍ଗରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଛି । ବିଧାନସଭା ଭିତରେ ଧାରଣାରତ ନିଲମ୍ବିତ ବିଧାୟକଙ୍କୁ ଭେଟିବା ପାଇଁ ପିସିସି ସଭାପତିଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯାଉଥିବାବେଳେ ସୁରକ୍ଷାକର୍ମୀ ସେମାନଙ୍କୁ ଫାଟକ ନିକଟରେ ଅଟକାଇଛନ୍ତି । ପିସିସି ସଭାପତିଙ୍କ ସମେତ ୫ ବରିଷ୍ଠ ନେତାଙ୍କୁ ଅଟକାଯାଇଥିଲା । ଯାହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । କଂଗ୍ରେ କର୍ମୀମାନେ ବିଧାନସଭା ସମ୍ମୁଖରେ ଧାରଣା ଦେଇଥିଲେ । ପ୍ରଥମେ ନିଲମ୍ବିତ ବିଧାୟକ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଥିଲେ । ଧାରଣାରତ କଂଗ୍ରେସ କର୍ମୀଙ୍କୁ ପୋଲିସ ଘଟଣାସ୍ଥଳରୁ ଉଠାଇ ନେଇଛି ।

#### ୭ ଦିନ ପାଇଁ ନିଲମ୍ବିତ କଲେ ବାଚସ୍ପତି
#### ବିଧାୟକଙ୍କୁ ହଟାଇବା ଲାଗି ମାର୍ଶଲଙ୍କୁ ନିର୍ଦ୍ଦେଶ
#### ବିଧାନସଭା ପ୍ରବେଶ ବେଳେ କଂଗ୍ରେସ ନେତାଙ୍କୁ ଅଟକାଇଲା ପୋଲିସ
#### ପ୍ରତିବାଦରେ ଧାରଣା ଦେଲେ କଂଗ୍ରେସ କର୍ମୀ, ନେତା
#### ବିଧାନସଭା ସମ୍ମୁଖରେ ୧୬୩ ଧାରା ଜାରି
#### ଧାରଣାରତ କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ
#### ସୁରକ୍ଷାକର୍ମୀଙ୍କ ସହ ଧସ୍ତାଧସ୍ତି ବେଳେ କାଡାମ ଆହତ

(୯ ପୃଷ୍ଠାରେ)

## ୨୯ରୁ ବଢ଼ିବ ତାତି

ଭୁବନେଶ୍ୱର, ୨୫।୩ (ସବ୍ୟୁ): କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ତାପମାତ୍ରା ସ୍ୱାଭାବିକ ଥିବା ବେଳେ ଚଳିତ ସପ୍ତାହର ଶେଷ ବେଳକୁ ଏହା ଧୀରେ ଧୀରେ ବଢ଼ିବାର ସମ୍ଭାବନା ରହିଛି । ଆସନ୍ତା ୨୯ ତାରିଖ ବେଳକୁ ଗ୍ରୀଷ୍ମ ଲହରୀ ଫେରିବ । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏଭଳି ପୂର୍ବାନୁମାନ କରାଯାଇଛି । ଆଗାମୀ ୫ ଦିନରେ ତାପାମାତ୍ରା କ୍ରମଶଃ ବଢ଼ିବ ବୋଲି କୁହାଯାଇଛି ।

ପାଣିପାଗ ବିଭାଗର କହିବାନୁଯାୟୀ, ଗ୍ରୀଷ୍ମ ଲହରୀ ଲାଗି ସତର୍କତା ଜାରି ହୋଇଛି । ତାତି ପୁଣି ବଢ଼ିବ । ସେପଟେ ଆଗାମୀ ୭ ଦିନ ପାଗ ବିଶେଷ ଶୁଖିଲା ରହିବ । ୫ ଦିନରେ ତାପମାତ୍ରା ଧୀରେଧୀରେ ବଢ଼ିବାର ସମ୍ଭାବନା ରହିଛି । ବର୍ତ୍ତମାନ ତାପମାତ୍ରା ସ୍ୱାଭାବିକ ତାପମାତ୍ରା ଠାରୁ ୨ରୁ ୩ ଡିଗ୍ରୀ କମ ରହିଛି । ଯାହାକି ଆଗାମୀ ୫ ଦିନ ମଧ୍ୟରେ କ୍ରମଶଃ ବୃଦ୍ଧି ପାଇବ । ଏହି ବର୍ଦ୍ଧିତ ତାପମାତ୍ରାକୁ ନେଇ ରାଜ୍ୟର ତାପମାତ୍ରା ୪୦ ଡିଗ୍ରୀ ଟପିବା ସହ ୨୯ ତାରିଖ ବେଳକୁ ହିଟ ୱେଭ ପାଇଁ ସତର୍କତା ଜାରି କରାଯାଇଛି । ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ୨୯ ତାରିଖ ପାଇଁ ହିଟ ୱେଭ ରହିବ । ସମ୍ବଲପୁର, ସୁବର୍ଣ୍ଣପୁର ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲା ପାଇଁ ୨୯ ତାରିଖରେ ହିଟ୍ ୱେଭ ସତର୍କତା ସୂଚନା ରହିଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶିକା ମନୋରମା (୯ ପୃଷ୍ଠାରେ)

## ୩ ମାସରେ ନିଆଁ ଲାଗି ୩ ହଜାର ହେକ୍ଟର ଜଙ୍ଗଲ ପୋଡ଼ିଛି



ଭୁବନେଶ୍ୱର, ୨୫।୩ (ସବ୍ୟୁ) : ରାଜ୍ୟରେ ପ୍ରତିବର୍ଷ ବଢ଼ି ଚାଲୁଛି ଜଙ୍ଗଲ ନିଆଁ । ଚଳିତ ବର୍ଷ ୩ ମାସ ମଧ୍ୟରେ ୩୦୩୩.୨୭ ହେକ୍ଟର ଜଙ୍ଗଲ ନିଆଁ ଲାଗି ଧ୍ୱଂସ ପାଇଛି । ଜଙ୍ଗଲ ନିଆଁ ମୁଖ୍ୟତଃ ଭୂପୃଷ୍ଠୀୟ । ଏଥିରେ ନଷ୍ଟ ହେଉଥିବା ଜଙ୍ଗଲ ବର୍ଷା ଋତୁରେ ପୁନର୍ଜୀବିତ ହୁଏ ବୋଲି ଜଙ୍ଗଲ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଧାନସଭାରେ ପ୍ରକାଶ କରିଛନ୍ତି ।

ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୨୦୨୧ରେ ନିଆଁ ଲାଗିବା ଯୋଗୁ ୨୮୫୬୯.୯୮ (୯ ପୃଷ୍ଠାରେ)

## ଜଷ୍ଟିସ୍ ବର୍ମାଙ୍କ ଘରେ ୩ ଜଣିଆ ତଦନ୍ତ ଟିମ୍

ନୂଆଦିଲ୍ଲୀ, ୨୫।୩ : ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ସରକାରୀ ବାସଭବନରେ ନିଆଁ ଲାଗିବା ସମୟରେ ପୋଡ଼ିଯାଇଥିବା ଟଙ୍କାର ଅନୁଧ୍ୟାନ ପାଇଁ ୩ ଜଣିଆ କମିଟି ତଦନ୍ତ ଆରମ୍ଭ କରିଛନ୍ତି । ସୁପ୍ରିମ୍‌କୋର୍ଟ ଦ୍ୱାରା ଗଠନ ହୋଇଥିବା ଏହି ୩ ଜଣିଆ କମିଟି ଆଜି ଶ୍ରୀ ବର୍ମାଙ୍କ ସରକାରୀ ବାସଭବନକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି । ଆଜି ଅପରାହ୍ନରେ କମିଟି ଗସ୍ତ କରିଥିଲା । ଜଷ୍ଟିସ୍ ବର୍ମାଙ୍କ ଘରୁ ଟଙ୍କା ଜଳିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି ।

ସୁପ୍ରିମ୍‌କୋର୍ଟ କୋଲେଜିୟମ୍ ନିର୍ଦ୍ଦେଶରେ ତାଙ୍କୁ ଆଲ୍‌ହାବାଦ୍ ହାଇକୋର୍ଟକୁ ବଦଳି କରାଯାଇଛି । ତାଙ୍କୁ ନ୍ୟାୟପାଳିକାର ସବୁ କାର୍ଯ୍ୟରୁ ନିବୃତ୍ତ କରାଯାଇଛି । ସୁପ୍ରିମ୍‌କୋର୍ଟ ଦ୍ୱାରା ଗଠିତ କମିଟିରେ ପଞ୍ଜାବ, ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ସେଲ୍ ନାଗୁ, ହିମାଚଳପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଜିଏସ୍ ସାନ୍ଧୱାଲା ଓ କର୍ଣ୍ଣାଟକ ହାଇକୋର୍ଟର ଜଷ୍ଟିସ୍ ଅନୁ ଶିବରମନ ସଦସ୍ୟ ଅଛନ୍ତି । ଏମାନେ ୪୫ ମିନିଟ୍ ଧରି ତଦନ୍ତ ଆରମ୍ଭ କରିଛନ୍ତି । କମିଟିରେ ଥିବା ସଦସ୍ୟମାନେ ସୁପ୍ରିମ୍‌କୋର୍ଟରେ ରିପୋର୍ଟ ଦାଖଲ କରିବେ ।

### ଭିଜିଲାନ୍ସ ଜାଲରେ କାର୍ଯ୍ୟନିର୍ବାହୀ ଅଧିକାରୀ

## ଚଢ଼ାଉରେ ମିଳିଲା ନଗଦ ୧୭ ଲକ୍ଷ



ଭୁବନେଶ୍ୱର, ୨୫।୩ (ସବ୍ୟୁ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଟଣୀ ମ୍ୟୁନିସିପାଲିଟି ଏକ୍‌ଜିକ୍ୟୁଟିଭ୍ ଅଫିସର ସୂର୍ଯ୍ୟମଣି ପାଢ଼ଯୋଶୀଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ଚଢାଉ କରୁଛି । ଏକସଂଗେ ଭୁବନେଶ୍ୱର, ଜଟଣୀ, ବ୍ରହ୍ମପୁର, ଗଞ୍ଜାମ ସମେତ ୧୦ ସ୍ଥାନରେ ଚଢାଉ କରାଯାଉଛି । ଚଢାଉରେ ସାମିଲ ଅଛନ୍ତି ୯ ଡିଏସ୍‌ପି, ୪ ଇନ୍ସପେକ୍ଟର, ୧୩ ଏଏସ୍‌ଆଇ ଓ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀ । ଭୁବନେଶ୍ୱର ଜାଗମରା ବିଳାସପୂର୍ଣ୍ଣ ଘରୁ ନଗଦ ୧୭ ଲକ୍ଷ ଟଙ୍କା ଜବତ ହୋଇଛି । ଭୁବନେଶ୍ୱର, ଗଞ୍ଜାମ, ବ୍ରହ୍ମପୁର, ଜଟଣୀରେ ବିଳାସପୂର୍ଣ୍ଣ ଘର ଓ ପ୍ଲଟ୍ ଥିବା ଜଣାପଡିଛି ।

ଭୁବନେଶ୍ୱରର ତିନୋଟି ସ୍ଥାନରେ ୩ଟି ବହୁମୂଲ୍ୟ କୋଠା ରହିଛି । ତାହା ଜାଗମରା, ଖାରବେଳନଗର ଓ ଡେଲ୍‌ଟା ଅଞ୍ଚଳରେ । ବ୍ରହ୍ମପୁର ଓ ଗଞ୍ଜାମରେ ୧୧ ପ୍ଲଟ୍ ଥିବା ଭିଜିଲାନ୍ସ କହିଛି । ବ୍ରହ୍ମପୁରରେ ମଲ୍ଟିଷ୍ଟୋରେଜ ବିଲ୍ଡିଂ ଓ ମେଡିକାଲ କ୍ୟାମ୍ପସ୍‌ରେ ଥିବା ଏସ୍‌ବିଆଇ ଶାଖାରେ ଏକ ଲକ୍କର ରହିଛି । ସୂର୍ଯ୍ୟମଣିଙ୍କ ଘରୁ ୨୦ଟି ବ୍ୟାଙ୍କ ଖାତା ଜବତ କରାଯାଇ ଯାଞ୍ଚ ହେଉଥିବା ଭିଜିଲାନ୍ସ ସୂଚନା ଦେଇଛି । ପୋଷ୍ଟାଲ ଡିପୋଜିଟ୍, ଇନ୍‌ସ୍ୟୁରାନ୍ସ ଓ ଅନ୍ୟାନ୍ୟ କ୍ଷେତ୍ରରେ ଟଙ୍କା ବିନିଯୋଗ ହୋଇଥିବା ଜଣାପଡିଛି । ଗୋଟିଏ କାର୍, ତିନୋଟି ବାଇକ୍ ମଧ୍ୟ ରହିଛି । ତାଙ୍କ ଘରୁ ଦେଢଶହ ଗ୍ରାମ୍ (୯ ପୃଷ୍ଠାରେ)

### ଗଞ୍ଜେଇ ଚାଲାଣରେ ଯବାନଙ୍କ ସମ୍ପୃକ୍ତି

## ୩ ଆର୍‌ବିଆଇ ଯବାନ ଗିରଫ

ବୌଦ୍ଧ/କନ୍ଧମାଳ, ୨୫।୩ (ସବ୍ୟୁ) : ବୌଦ୍ଧ ଜିଲ୍ଲା ମନମୁଣ୍ଡା ଆଇଆରବି ବାରାକରୁ ୧୫ କେଜି ଗଞ୍ଜେଇ ଜବତ ହୋଇଥିବାବେଳେ ୩ ଜଣ ୫ମ ବାଟାଲିୟନର ଯବାନ ଗିରଫ ହୋଇଛନ୍ତି । ଗିରଫଙ୍କ ମଧ୍ୟରେ ଜଣେ ହାବିଲଦାର ଓ ଦୁଇ ଜଣ କନେଷ୍ଟବଳ ଥିବା ସୂଚନା ମିଳିଛି । ଗଞ୍ଜେଇ ଚାଲାଣରେ ସଂପୃକ୍ତ ଏହି ୩ ଗିରଫ ଯବାନଙ୍କୁ କୋର୍ଟ ଚାଲାଣ କରିଛି ମନମୁଣ୍ଡା ପୋଲିସ ।

ସୂଚନା ଅନୁଯାୟୀ ମନମୁଣ୍ଡା ଥାନା ଅଞ୍ଚଳରେ ମାଓବାଦୀଙ୍କ ଗତିବିଧିକୁ ନେଇ ନଜର ରଖିବା ଏବଂ ଗଞ୍ଜେଇ ଚାଲାଣ ଉପରେ ନଜର ରଖିବା ପାଇଁ ୫ମ ବାଟାଲିୟନର ଏକ ପ୍ଲାଟୁନକୁ ମନମୁଣ୍ଡା ଥାନା ପରିସରରେ ଥିବା ବାରାକରେ ନିୟୋଜିତ କରାଯାଇଥିଲା । ତେବେ ସୋମବାର ବାରାକରେ ବାଟାଲିୟନର ୩ ଜଣ ଯବାନ ଗଞ୍ଜେଇ ରଖିଥିବା ନେଇ ପୋଲିସ ସୂଚନା ପାଇବା ପରେ ସେଠାରେ ଚଢାଉ କରିଥିଲା । ୩ ଜଣ ଯବାନଙ୍କ ନିକଟରୁ ୧୫ କେଜି ୯୩୦ ଗ୍ରାମ ଗଞ୍ଜେଇ ଜବତ କରାଯିବା ସହିତ ୩ ଜଣଙ୍କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ହାବିଲଦାର କୁନାର ସିଂହଙ୍କ ନିକଟରୁ ୫ କେଜି, କନେଷ୍ଟବଳ ତ୍ରିଲୋଚନ ରଣାଙ୍କ ନିକଟରୁ ୭ କେଜି ଓ କନେଷ୍ଟବଳ ନିଲମ୍ ବାର୍ଲାଙ୍କ ନିକଟରୁ ୩ କେଜି ଗଞ୍ଜେଇ ଜବତ ହୋଇଥିବା ସୂଚନା ମିଳିଛି। ତେବେ ଏମାନେ କେଉଁ କାରଣରୁ ଗଞ୍ଜେଇ ଆଣି ନିଜ ପାଖରେ ରଖିଥିଲେ ଏବଂ ଚାଲାଣ କରୁଥିଲେ ନା ଏମାନେ ବେପାରରେ ସଂପୃକ୍ତ ଥିଲେ ସେ ନେଇ ତଦନ୍ତ ଚାଲିଛି । ଏମାନଙ୍କ ସହିତ ଅନ୍ୟ (୯ ପୃଷ୍ଠାରେ)

## ରୋଲର ମେସିନକୁ ଧକ୍କାଦେଲା ଡମ୍ଫର, ୩ ମୃତ



କାମାକ୍ଷାନଗର, ୨୫।୩ (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ରେକୁଲା ସତସଙ୍ଗ କେନ୍ଦ୍ର ସମ୍ମୁଖରେ ବିଳମ୍ବିତ ରାତିରେ ହୃଦୟବିଦାରକ ଦୁର୍ଘଟଣା ଘଟିଯାଇଛି। ଢେଙ୍କାନାଳ-କାମାକ୍ଷାନଗର ରାସ୍ତାକାମରେ ନିୟୋଜିତ ଥିବା ଜଣେ ପୂର୍ତ୍ତ ବିଭାଗର କର୍ମଚାରିଙ୍କ ସହିତ ୨ଜଣ ଶ୍ରମିକ ଡମ୍ଫର ଧକ୍କା ଦେବା ଫଳରେ ରୋଲର ମେସିନରେ ଚାପି ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି ।

ସୋମବାର ବିଳମ୍ବିତ ରାତିରେ କାମାକ୍ଷାନଗର - ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତାର ରେକୁଳା ସତସଙ୍ଗ କେନ୍ଦ୍ର ସମ୍ମୁଖରେ ରାସ୍ତାରେ ପିଚୁକାମ କରାଯାଉଥିଲା । ଏହି କାର୍ଯ୍ୟରେ ଏଥିରେ ଶ୍ରମିକ ମାନେ ନିୟୋଜିତ ଥିବାବେଳେ କାମ ସମୟରେ ଏକ ଡମ୍ଫର ଦ୍ରୁତଗତିରେ ଆସି କାର୍ଯ୍ୟରେ ନିୟୋଜିତ ଥିବା ପିଚୁ ରୋଲର ମେସିନ ଉପରକୁ ଚଢିଯାଇଥିଲା। ଫଳରେ ପିଚୁକୁ ରୋଲିଙ୍ଗ କରୁଥିବା ରୋଲର ମେସିନ ଓ ପାଖରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ମଝିରେ କର୍ମଚାରୀମାନେ (୯ ପୃଷ୍ଠାରେ)

#### ମୁଖ୍ୟମନ୍ତ୍ରୀଙ୍କ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଘୋଷଣା

## ଧମକ ପରେ ବି କୁନାଲ କାମ୍ରା ଜାରି କଲେ ନୂଆ ଭିଡ଼ିଓ



ନୂଆଦିଲ୍ଲୀ, ୨୫।୩ : ଷ୍ଟାଣ୍ଡାପ୍ କମେଡିଆନ୍ କୁନାଲ କାମ୍ରାଙ୍କ ଏକ କମେଡି ଭିଡ଼ିଓ ଭାଇରାଲ ହେବାପରେ ମହାରାଷ୍ଟ୍ର ରାଜନୀତିରେ ବଡ ହଟଚମଟ ଆରମ୍ଭ ହୋଇଛି । ସେ ତାଙ୍କ ଭିଡିଓରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଧେଙ୍କ ନାମ ନନେଇ ତାଙ୍କୁ ଗର୍ଦ୍ଦାର ବୋଲି କହିଛନ୍ତି । ଏହି ଭିଡ଼ିଓ ଭାଇରାଲ ହେବାପରେ ସିନ୍ଧେଙ୍କ ସମର୍ଥକମାନେ ତାଙ୍କୁ ଖୋଲା ଧମକ ଦେବାସହ ତାଙ୍କୁ କ୍ଷମା ମାଗିବା ପାଇଁ ବାଧ କରିଥିଲେ । ମାତ୍ର କୁନାଲ କାମ୍ରା କ୍ଷମା ମାଗିବେନାହିଁ ବୋଲି ସ୍ପଷ୍ଟ କରିବା ସହ ଶିବସେନା ଉପରେ ପୁଣି ଆଉଏକ ଭିଡ଼ିଓ ପ୍ରସ୍ତୁତ କରି ସେୟାର କରିଛନ୍ତି ।

ଯେଉଁ ହାବିଟାଟ୍ କମେଡି କ୍ଲବ୍‌ରେ ସେ ଶୋ' କରିଥିଲେ ତାହାକୁ ବିଏମ୍‌ସି ପକ୍ଷରୁ ଭାଙ୍ଗି ଦିଆଯାଇଛି । ସିନ୍ଧେଙ୍କ ସମର୍ଥକମାନେ ମଧ୍ୟ ସମ୍ପୃକ୍ତ ହୋଟେଲରେ ହଙ୍ଗାମା କରି ଭଙ୍ଗାରୁଜା କରିଛନ୍ତି । କୁନାଲଙ୍କ ନାମରେ ମଧ୍ୟ ଏତଲା ହୋଇଛି ଓ ପୋଲିସ ତାଙ୍କୁ ହାଜର ହେବାପାଇଁ ସମନ କରିଛି । ସୂଚନାଅନୁଯାୟୀ କୁନାଲଙ୍କୁ ୫୦୦ରୁ ଉର୍ଦ୍ଧ୍ୱ ଧମକପୂର୍ଣ୍ଣ ଫୋନ୍ କଲ ଆସିଛି । ତେବେ କୁନାଲ ଏଥିରେ ଭୟଭୀତ ନହୋଇ ହାତରେ ସମ୍ବିଧାନ ପୁସ୍ତିକା ଧରି ନିଜର ଫଟୋକୁ ସେୟାର କରିଛନ୍ତି । ମୁମ୍ବାଇ ପୋଲିସ ନିକଟରେ ହାଜର ହେବାପାଇଁ ସେ ଅଧିକ ସମୟ ମାଗିଥିବା ସୂଚନା ମିଳିଛି । ତେବେ ଏହି ବିବାଦ ଭିତରେ କୁନାଲ କାମ୍ରା ଆଉଏକ ନୂଆ ଭିଡ଼ିଓ ଜାରି କରିଛନ୍ତି । (୯ ପୃଷ୍ଠାରେ)

#### ପୋଲିସ ପାଖରେ ହାଜର ହେବାକୁ ସମୟ ମାଗିଲେ
#### ୫୦୦ରୁ ଉର୍ଦ୍ଧ୍ୱ ଧମକପୂର୍ଣ୍ଣ କଲ୍ ପାଇଛନ୍ତି କୁନାଲ

### ଘରୋଇ କଳିରୁ ଅଭାବନୀୟ ଘଟଣା

## ଘରେ ନିଆଁ ଲଗାଇଲା ବାପା, ୧୪ ମାସର ଶିଶୁ ଜୀବନ୍ତ ଦଗ୍ଧ

ହିନ୍ଦୋଳ, ୨୫।୩ (ସବ୍ୟୁ) : ହିନ୍ଦୋଳ ଉପଖଣ୍ଡ ବାଲିମିଥାନା ଅନ୍ତର୍ଗତ ଅସରଡା ଗ୍ରାମପଞ୍ଚାୟତ ବାରସିଂହା ଗ୍ରାମରେ ମଙ୍ଗଳବାର ଏକ ଅଭାବନିୟ ଘଟଣାକ୍ରମେ ଗୋଟିଏ ୧୪ ମାସର ଶିଶୁ କନ୍ୟା ଜୀବନ୍ତ ଦଗ୍ଧ ହେବା ସହ ସେହି ପରିବାରର ୨ବଖରା ଘର ଜଳି ପୋଡି ପାଉଁସ ହୋଇଯାଇଛି ।

ଗ୍ରାମର ଭରତ ସାହୁଙ୍କ ସାନ ପୁଅ ବାବୁଲି ସାହୁ (ବଣି) କୌଣସି କାରଣରୁ ମଙ୍ଗବାର ଦିନ ମଧ୍ୟାହ୍ନ ସମୟରେ ନିଜ ଘରେ ପାଟିତୁଣ୍ଡ କରି ନିଜ ସ୍ତ୍ରୀ ସୁଭଦ୍ରାକୁ ବିଭିନ୍ନ ପ୍ରକାର ଗାଳି ଗୁଲଜ ସହ ମାର ପିଟ କରି ଘରୁବାହାର କରିଦେବା ପରେ ନିଜ ଘରକୁ ନିଆଁ ଲଗାଇ ଦେଇଥିଲା । ତାଙ୍କର ଦୁଇଟି ସନ୍ତାନ ମଧ୍ୟରୁ ପୁଅର ବୟସ ସାଢେ ୩ ବର୍ଷ ହୋଇଥିବା ବେଳେ ସେ ଘରେ ନଥିବାରୁ ସୌଭାଗ୍ୟ କ୍ରମେ ବର୍ତ୍ତି ଯାଇଥିବା ସମୟରେ ସାନ କନ୍ୟା ସନ୍ତାନଟି ମାତ୍ର ୧୪ ମାସର । ମାଡ ଖାଇ ସୁଭଦ୍ରା ପଳେଇବା ସମୟରେ ଝିଅଟି ଘରେ ଶୋଇଥିଲା । ତେଣୁ ଉକ୍ତ ଅଗ୍ନିକାଣ୍ଡ ଘଟଣାରେ ଗ୍ରାମବାସୀ ଓ ଖଜୁରିଆକଟା ଦମକଳ ବାହିନି ନିଆଁ କୁ ଆୟତ କରିବା ବେଳକୁ ତାଙ୍କର ୨ ବଖରା ପୋଡି ପାଉଁସ ହେବା ସହ ଘରେ ଶୋଇଥିବା ଝିଅଟି ମଧ୍ୟ ଜିବନ୍ତ ଦଗ୍ଧ ହୋଇଯାଇଥିବା ଦେଖିବାକୁ ମିଳିଛି । ଖବରପାଇ ଘଟଣା ସ୍ଥଳରେ ବାଲିମି ଥାନାଧିକାରୀ ସଲିଳ କୁମାର ପ୍ରଧାନ ବାଲିମି ପୋଲିସ ସହ ସଦଳବଳେ ପହଞ୍ଚି ତୁରନ୍ତ ଅନୁସନ୍ଧାନ ସହ ଭରତ ସାହୁଙ୍କ ସପରିବାରକୁ ଥାନାକୁ ଆଣି ପଚରା ଉଚରା ପରେ (୯ ପୃଷ୍ଠାରେ)

# ଅପସ୍ମାର

ଅପସ୍ମାର ଏକ ମସ୍ତିଷ୍କ ବ୍ୟତିକ୍ରମ, ଯେଉଁଥିରେ ବାତ ଗୋଟିଏ ପ୍ରମୁଖ ଲକ୍ଷଣ । ଏହା ଏପିଲେପ୍ସି ନାମରେ ମଧ୍ୟ ପରିଚିତ ଯାହା ସଳ୍ପ କାଳୀନ ବା ପ୍ରାୟ ଅଣଚିହ୍ନଟ ହୋଇପାରେ । ଏହି ସମସ୍ୟା ଥିଲେ ବାତ ସମସ୍ୟା ବାରମ୍ବାର ଦେଖିବାକୁ ମିଳିଥାଏ । ଅଧିକାଂଶ ଅପସ୍ମାର ରୋଗର କାରଣ ଅଜଣା ଥିଲେ ମଧ୍ୟ କେତେକ କାରଣ ଯଥା ମସ୍ତିଷ୍କ ଆଘାତ, ଷ୍ଟ୍ରୋକ, ଜନ୍ମଗତ ତୃଟି ଓ ମାତ୍ରାଧିକ ନିଶା ସେବନ ଉଲ୍ଲେଖ ଯୋଗ୍ୟ । ଜେନେଟିକ ମ୍ୟୁଟେସନ ଯୋଗୁ ମଧ୍ୟ କିଛି କ୍ଷେତ୍ରରେ ଏହି ସମସ୍ୟା ଦେଖିବାକୁ ମିଳେ । ଏହି ରୋଗ ମସ୍ତିଷ୍କରେ ଅସାଧାରଣ ଓ ଅତ୍ୟଧିକ ସ୍ନାୟୁ ଉତ୍ତେଜନା ହେବା କାରଣରୁ ଦେଖିବାକୁ ମିଳିଥାଏ । ସୂଚନା ଅନୁସାରେ ୨୦୧୩ ସୁଦ୍ଧା ପୃଥିବୀରେ ପ୍ରାୟ ୨୨ନିୟୁତ ଅପସ୍ମାର ରୋଗୀ ରହିଥିଲେ । ପ୍ରାୟ ୮୦ % ରୋଗୀ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଦେଖାଯାଆନ୍ତି ବୋଲି ସୂଚନା ରହିଛି । ସେହିଭଳି ୧୯୯୦ରେ ଏହା ଯୋଗୁ ୧୧୨,୦୦୦ ଜଣଙ୍କର ମୃତ୍ୟୁ ହୋଇଥିଲା । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଏହି ରୋଗ ହେବା ସମ୍ଭାବନା ବଢିଥାଏ । ତେବେ ଯଦି ଅପସ୍ମାରର କୌଣସି ବି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ତେବେ କିଛି ଲୋକଙ୍କ କ୍ଷେତ୍ରରେ ଏହା ଜଣା ପଡିନଥାଏ, ସେମାନେ ଜୀବନସାରା ଏହି ରୋଗ ସହିତ ସାଧାରଣ ଜୀବନ ବଞ୍ଚିଥାଆନ୍ତି । ହେଲେ କିଛି ଲୋକଙ୍କ କ୍ଷେତ୍ରରେ ଏହା ଘାତକ ସାଜିଥାଏ । ସେହଭଳି ଅପସ୍ମାର ରୋଗର ବିଭିନ୍ନ ପ୍ରକାର ରହିଛି । ସାଧାରଣତଃ ଏହାକୁ ୫ ପ୍ରକାର ବର୍ଗୀକରଣ କରାଯାଇଥାଏ, ଯଥା କାରଣ ଅନୁସାରେ, ବାତ ମାରିବା ଅନୁସାରେ, ମସ୍ତିଷ୍କରେ ସୃଷ୍ଟି ହୋଇଥିବା ସମସ୍ୟା ଅନୁସାରେ, ଲକ୍ଷଣ ଅନୁସାରେ, ଟ୍ରିଗର ଅନୁସାରେ ।



**ଲକ୍ଷଣ**

- ଏହାର ଲକ୍ଷଣ ବିଭିନ୍ନ ପ୍ରକାରର ହୋଇଥାଏ । ଏହା ବିଶେଷ ଭାବେ ରୋଗୀର ମସ୍ତିଷ୍କ ଉପରେ ନିର୍ଭର କରିଥାଏ ।
- ନିୟନ୍ତ୍ରଣ ବାହାର ଦେହ ହାତ ଥରିବା ।
- ଚେତା ଶୂନ୍ୟ ହୋଯିବା ।
- ଖାଲିରେ ଆଖି ବଡ ବଡ କରି ଚାହିଁବା ।
- ରୋଗୀଙ୍କୁ ବିଭିନ୍ନ ପ୍ରକାର ଅଜବ ବାସ୍ନା ହେବା ।
- କଥା କହିବାରେ ଅସୁବିଧା ହେବା

**କାରଣ**

- ବଂଶଗତ
- ମସ୍ତିଷ୍କରେ ଆଘାତ ଲାଗିବା
- କୌଣସି ବଡ ମାନସିକ ଆଘାତ
- ସଂକ୍ରମଣ
- ଷ୍ଟ୍ରୋକ
- ଟ୍ୟୁମର

## ସଚେତନତା ପାଇଁ ଦିବସ

ଏହି ରୋଗକୁ କମାଇବାର ଏକ ମାତ୍ର ଉପାୟ ସଚେତନତା । ତେଣୁ ପ୍ରତିବର୍ଷ ମାର୍ଚ୍ଚ ୨୬ରେ ପାଳନ କରାଯାଇଥାଏ ବିଶ୍ୱ ଅପସ୍ମାର ଦିବସ । ଏହି ରୋଗ ସମ୍ପର୍କରେ ଲୋକମାନେ ଯେତେ ଜାଣିବେ ଏହି ରୋଗକୁ ଦୂରେଇବା ସେତେ ସମ୍ଭବ ହୋଇପାରିବ । ଅନେକ ସ୍ଥାନରେ ଏହି ରୋଗକୁ ଭୁତ ଲାଗିବା ସହିତ ମଧ୍ୟ ତୁଳନା କରାଯାଇଥାଏ । ଯାହା ଫଳରେ ଡାକ୍ତରଙ୍କ ପରିବର୍ତ୍ତେ ରୋଗୀଙ୍କୁ ଗୁଣିଆଙ୍କୁ ନିକଟକୁ ନିଆଯାଇଥାଏ । ଯାହା ସେମାନଙ୍କ ପାଇଁ ଖୁବ ଅଧିକ ସମସ୍ୟା ସୃଷ୍ଟି କରିଥାଏ । ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ଏହି ରୋଗର କାରଣ, ଲକ୍ଷଣ ଓ ପ୍ରକାର ବିଷୟରେ ସଚେତନ କରାଯାଇଥାଏ । କିଭଳି ଏହି ରୋଗ ମଧ୍ୟ ଆରୋଗ୍ୟ ହୋଇ ପାରିବ ସେନେଇ ବାର୍ତ୍ତା ପ୍ରଦାନ କରାଯାଇଥାଏ ।



୧୮୯୩: ବଙ୍ଗଳା ସିନେମାର ଚର୍ଚ୍ଚିତ ଅଭିନେତା ଓ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ଗାଙ୍ଗୁଲିଙ୍କ ଜନ୍ମ ।
୧୯୩୩: ଲଳିତ ନିବନ୍ଧର ତଥାକଥିତ ସ୍ରଷ୍ଟା କୁବେରନାଥ ରାୟଙ୍କ ଜନ୍ମ ।
୧୯୫୩: ଡାକ୍ତର ଜୋନାସ ସାଲ୍କଙ୍କ ଦ୍ୱାରା ନୂଆ ପୋଲିଓ ଟିକାର ସନ୍ଧାନ ।
୧୯୭୩: ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜରେ ମହିଳାଙ୍କ ନିଯୁକ୍ତି ।
୧୯୯୨: ହେବିୱେଟ୍ ବକ୍ସିଂ ଚାମ୍ପିୟନ ମାଇକ ଟାଇସନଙ୍କୁ ବଳାତ୍କାର ମାମଲାରେ ୧୦ ବର୍ଷର ଜେଲ୍ ଦଣ୍ଡାଦେଶ ।
୧୯୯୬: ପ୍ରସିଦ୍ଧ ଭାରତୀୟ କଳାକାର କେ.କେ. ହେବ୍ବାରଙ୍କ ନିଧନ ।
୧୯୯୯: ଭାରତୀୟ ଗୀତିକାର ଓ ସଙ୍ଗୀତକାର ଆନନ୍ଦ ଶଙ୍କରଙ୍କ ପରଲୋକ ।
୨୦୦୬: ମେଲବର୍ନରେ ୧୮ତମ ରାଷ୍ଟ୍ରମଣ୍ଡଳ ଖେଳ ସମ୍ପନ୍ନ ।
୨୦୦୮: ଟାଟା ମୋଟର୍ସ ଦ୍ୱାରା ଆମେରିକୀୟ କମ୍ପାନୀ ଜଗୁଆର ଓ ଲ୍ୟାଣ୍ଡ ରୋଭର ଅଧିଗ୍ରହଣ ।
୨୦୦୮: ୨.୯୦ କୋଟି ଟଙ୍କା ହେର୍‌ଫେର୍ ମାମଲାରେ ବିସିସିଆଇର ପୂର୍ବତନ ଅଧକ୍ଷ ଜଗମୋହନ ଡାଲମିଆ ଗିରଫ ।
୨୦୦୮: ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଭାରତ ଓ ପାକିସ୍ତାନରେ ମଧ୍ୟରେ ବିଦେଶ ମନ୍ତ୍ରଣାଳୟସ୍ତରୀୟ ଆଲୋଚନା ।

## ଦୁଇ ହଜାର ଦଣ୍ଡବତ ପ୍ରଣାମ

ଜଣେ ସନ୍ଥ ବର୍ତ୍ତମାନ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି । ରାଜସ୍ଥାନର ୬୦ ବର୍ଷୀୟ ଏହି ସନ୍ଥ କେଦାର କଟର ବର୍ତ୍ତମାନ ନିଜର ଦଣ୍ଡବତ ପ୍ରଣାମ ପାଇଁ ଚର୍ଚ୍ଚାକୁ ଆସିଛନ୍ତି । ସେ ଏହି ଯାତ୍ରା ୨୦୨୩ ଅକ୍ଟୋବର ମାସରୁ ଆରମ୍ଭ କରିଛନ୍ତି ଯାହା ୨୦୩୦ ଅକ୍ଟୋବର ମାସରେ ସରିବ । ପ୍ରତିଦିନ ସେ ୩୦୦ରୁ ୪୦୦ ମିଟର ରାସ୍ତା ପ୍ରାୟ ୨ହଜାରର ଦଣ୍ଡପ୍ରଣାମ କରି ପୂରା କରୁଛନ୍ତି । ତାଙ୍କର ପୁରା ଯାତ୍ରାରେ ସେ ୩୨୧ କିମି ପୂରା କରିବାସହିତ ସମୁଦାୟ ୧୭,୬୫,୫୫୧ଥର ଦଣ୍ଡ ପ୍ରଣାମ କରିବେ । ସୋସିଆଲ ମିଡିଆରେ ଲୋକମାନେ ସନ୍ଥଙ୍କର ଏଭଳି ମନୋଭାବକୁ ପ୍ରଶଂସା କରୁଛନ୍ତି । ଅନେକଙ୍କୁ ତାଙ୍କର ଏହି ପଦକ୍ଷେପ ଖୁବ ସାହସିକ ପଦକ୍ଷେପ ଭଳି ମନେ ହେଉଛି । ପରିଣତ ବୟସରେ ଏଭଳି କାର୍ଯ୍ୟ କରିବାକୁ ସାହସର ଆବଶ୍ୟକତା ରହିଛି ବୋଲି ସମସ୍ତେ ମତ ଦେଉଛନ୍ତି ।

## ସୋସିଆଲ କୋଟ୍ସ



“ଅମିତାଭଙ୍କ ସହିତ କାମ କରିବାର ଅନୁଭୂତି ବେଶ୍ ନିଆରା । ସେ ଜଣେ ଏଭଳି ଅଭିନେତା ଯିଏ କାନ ନୁହେଁ ବରଂ ନିଜ ଆଖିରେ ଶୁଣି ଥାଆନ୍ତି ।

ସୂରଜ ବଡଜାତ୍ୟା, ଫିଲ୍ମମେକର



“ମୋର ଓ ରଶ୍ମିକାଙ୍କ ଭିତରେ ଥିବା ବୟସ ବ୍ୟବଧାନ ବର୍ତ୍ତମାନ ଖୁବ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଏହି ବ୍ୟବଧାନକୁ ନେଇ ଯଦି ରଶ୍ମିକାଙ୍କୁ କୌଣସି ସମସ୍ୟା ନାହିଁ । ତେବେ ଆପଣଙ୍କୁ କ’ଣ ପାଇଁ ହେଉଛି ।

ସଲମାନ ଖାନ୍, ଅଭିନେତା



“ଗଜନୀ ସିକୁଏଲ୍ ପ୍ରସ୍ତୁତ କରିବାକୁ ସମସ୍ତଙ୍କର ଇଚ୍ଛା ରହିଛି । ମୁଁ ମଧ୍ୟ ଏହି ତାଲିକାରେ ସାମିଲ ଅଛି । ତେବେ ସିକୁଏଲ ପାଇଁ ମୋ ପାଖେ କିଛି ଆଇଡିଆ ଅଛି, ହେଲେ ପୂରା ସ୍କ୍ରିପ୍ଟ ଏବେ ଯାଏ ନାହିଁ ।

ଏଆର୍ ମୁରଗ୍‌ଦାସ, ଫିଲ୍ମମେକର



## ରାଗ ବଢାଉଛି ଟ୍ରାଫିକ ଶବ୍ଦ

ଟ୍ରାଫିକ୍ ଶବ୍ଦ ସାଧାରଣତଃ ମଣିଷଙ୍କ ଖୁବ ବିବ୍ରତ କରିଥାଏ, ତେବେ ଏହି ତାଲିକାରେ କେବଳ ମଣିଷ ନୁହେଁ ପକ୍ଷୀମାନେ ମଧ୍ୟ ସାମିଲ ଅଛନ୍ତି । ନିକଟରେ ବୈଜ୍ଞାନିକମାନେ ଏକ ରିସର୍ଚ୍ଚରେ ଏଭଳି କିଛି ତଥ୍ୟ ଜାଣିବାକୁ ପାଇଛନ୍ତି । ପକ୍ଷୀମାନେ ଯେତେ ଅଧିକ ମାତ୍ରାରେ ଟ୍ରାଫିକ ଶବ୍ଦ ଶୁଣନ୍ତି ସେତେ ଅଧିକ ରାଗି ପାଲଟି ଥାଆନ୍ତି ବୋଲି ଜଣା ପଡିଛି । ଏପରିକି ସେମାନେ ନିଜନିଜର ବିପକ୍ଷ ପକ୍ଷୀଙ୍କ ସହିତ ଝଗଡା କରୁଥିବାର ମଧ୍ୟ ଦେଖିବାକୁ ମିଳିଛି । ଜର୍ଣ୍ଣାଲ ଆନିମଲ ବିହେବିଅରରେ ଏନେଇ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି, ଯାହା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ଭିଏନାର ଦୁଇଟି ବିଶ୍ୱ ବିଦ୍ୟାଳୟ ଏନେଇ ଅଧିକ ତର୍ଜମା ଜାରି ରଖିଛନ୍ତି । ସେମାନେ ଏହି ରିସର୍ଚ୍ଚ କରିବାକୁ ପାଖାପାଖି ୩୮ଟି ସ୍ପିକରରେ ପକ୍ଷୀଙ୍କ ପାଇଁ ଉଦିଷ୍ଟ ଗୀତ ବା ପକ୍ଷୀ ବୋବାଉଥିବା ଶବ୍ଦକୁ ପରିବେଷଣ କରାଯାଇଛି । କେବଳ ଏତିକି ନୁହେଁ ସେହି ଶବ୍ଦ ସହିତ ଟ୍ରାଫିକ୍ ନଏଜ୍‌ର ରେକର୍ଡ ମଧ୍ୟ ବଜା ଯାଇଥିଲା । ଏହି ଅଞ୍ଚଳରେ ୟେଲୋ ୱାରବ୍ଲରସ୍ ପ୍ରଜାତିର ପକ୍ଷୀ ଅଧିକ ରହିଥିଲେ । ତେବେ ଦେଖିବାକୁ ମିଳିଥିଲା ଯେଉଁମାନେ ଟ୍ରାଫିକ୍ ଶବ୍ଦକୁ ଅଧିକ ଶୁଣିଥିଲେ ସେମାନଙ୍କ ନିକଟରେ ରାଗର ପରିମାଣ ଅଧିକ ଦେଖିବାକୁ ମିଳିଥିଲା । ସେହିଭଳି ଯେଉଁ ପକ୍ଷୀମାନେ ଟ୍ରାଫିକ୍ ଶବ୍ଦ ଠାରୁ ଦୂରରେ ଥିଲେ ସେମାନେ ଶାନ୍ତ ରହିଥିଲେ । ତେଣୁ ଶବ୍ଦ ପ୍ରଦୂଷଣର ପ୍ରଭାବ ଜୀବଜଗତ ଉପରେ ମଧ୍ୟ ପଡୁଛିବୋଲି ଏହି ଗବେଷଣାରୁ ଜଣା ପଡିଛି ।



## ପଣସ ମଞ୍ଜି ପାଳଙ୍ଗ ସାମ୍ବର



**ସାମଗ୍ରୀ–** ହରଡ ଡାଲି ଅଧା କପ, ଗୋଟିଏ କପ ପାଳଙ୍ଗ ସିଝା, ଏକ କପ ପଣସ ମଞ୍ଜି, ଏକ କପ୍ ସଜନାଛୁଇଁ, ଅଧା କପ ଛୋଟ ପିଆଜ, ଅଳ୍ପ ନଡିଆ କୋରା, ୨ଚାମଚ ସାମ୍ବର ପାଉଡର, ଏକ ଚାମଚ ସୋରିଷ, ୨ଟା ଶୁଖିଲା ଲଙ୍କା, ଏକ ଚାମଚ ମେଥି, ଭୃସଙ୍ଗପତ୍ର ଅଳ୍ପ, ଏକ ଚାମଚ ନଡିଆ ତେଲ, ଦୁଇ ଚାମଚ ତେନ୍ତୁଳି ରସ, ଏକ କପ ଟମାଟୋ କଟା, ଏକ କପ ଭେଣ୍ଡି, ଲୁଣ ସ୍ୱାଦ ଅନୁସାରେ ।

**ପ୍ରଣାଳୀ–** ଗୋଟିଏ ପ୍ରେସରକୁକୁରରେ ଡାଲି, ପଣସ ମଞ୍ଜି ଓ ପାଣି ଦେଇ ୨ଟି ସିଟି ଦେଇ ସିଝାଇ ନିଅନ୍ତୁ । ଗୋଟିଏ ପ୍ୟାନ ବସାଇ ସେଥିରେ ନଡିଆ କୋରାରେ ସାମ୍ବର ପାଉଡର ପକାଇ ଭାଜନ୍ତୁ । ପାଣି ମିଶାଇ ଏହି ଭଜାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଟମାଟ ଓ ଭେଣ୍ଡିକୁ ଅଲଗା ଭାଜି କାଢନ୍ତୁ । ସେହିଭଳି ପ୍ରେସରକୁକର୍‌ରେ ସଜନାଛୁଇଁ, ପାଳଙ୍ଗ ସିଝା ଓ ଛୋଟପିଆଜ ମିଶାଇ କିଛି ସମୟ ରାନ୍ଧନ୍ତୁ । ପ୍ରେସରକୁକର୍‌ରେ ଥିବା ମିଶ୍ରଣ ଫୁଟିବା ଆରମ୍ଭ କଲେ ସେଥିରେ ନଡିଆ ବଟାକୁ ମିଶାନ୍ତୁ । କିଛି ସମୟ ଫୁଟିବା ପରେ ଏଥିରେ ଭଜା ଭେଣ୍ଡି ଓ ଟମାଟୋ ପକାନ୍ତୁ । କିଛି ସମୟ ପରେ ତେନ୍ତୁଳି ରସ ପକାଇ ଫୁଟାନ୍ତୁ । ସେହିପରି ଆଉ ଏକ ପ୍ୟାନ୍‌ରେ ନଡିଆ ତେଲରେ ସୋରିଷ, ଭୃସଙ୍ଗପତ୍ର ଓ ଛୋଟ ପିଆଜ ପକାଇ ଭାଜନ୍ତୁ । ଏହି ଫୁଟଣକୁ ପୂର୍ବରୁ ପ୍ରସ୍ତୁତ ସାମ୍ବରରେ ପକାଇ ପ୍ରସ୍ତୁତ କରନ୍ତୁ ପଣସ ମଞ୍ଜି ପାଳଙ୍ଗ ସାମ୍ବର ।

## ଅଣଦେଖା ହେଉଛି ଭାରତୀୟ ଫିଲ୍ମ



ନିକଟରେ ଓସ୍କାର ଆୱାର୍ଡକୁ ନେଇ ମନଖୋଲି କଥା ହୋଇଛନ୍ତି ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ୍ । ଅନେକ ସମୟରେ ଓସ୍କାରରେ ଭାରତୀୟ ଫିଲ୍ମକୁ ନଜର ଅନ୍ଦାଜ କରାଯାଇଥାଏ ବୋଲି ଦୀପିକା ଦୁଃଖ ବ୍ୟକ୍ତ କରିଛନ୍ତି । ଓସ୍କାରର ଏଭଳି ମନୋଭାବ ତାଙ୍କୁ ନିରାଶ କରିଛି ବୋଲି ଦୀପିକା ମତ ଦେଇଛନ୍ତି । ଅନେକ ଥର ଭାରତୀୟ ଫିଲ୍ମ ପାଖରୁ ଓସ୍କାରକୁ ଛଡେଇ ନିଆଯାଇଛି ବୋଲି ଦୀପିକା ମତ ଦେଇଛନ୍ତି । ଅନେକ ଯୋଗ୍ୟ ଫିଲ୍ମ ଏହି ଆୱାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି ଯାହା ତାଙ୍କୁ ସବୁବେଳେ ଦୁଃଖ ଦେଇଥାଏ । ବିଭିନ୍ନ ସମୟରେ ଭାରତୀୟ ଫିଲ୍ମକୁ ଅଣଦେଖା କରାଯାଇଛି । ଦୀପିକା ସେୟାର କରିଥିବା ଏହି ଭିଡିଓରେ ଏଭଳି ଅନେକ ଫିଲ୍ମର ଝଲକକୁ ସ୍ଥାନ ଦିଆଯାଇଛି ଯେଉଁ ଗୁଡିକ ଓସ୍କାର ଦୌଡରେ ସାମିଲ ହୋଇଥିଲେ ବି ଆୱାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ସମସ୍ତ ଫିଲ୍ମକୁ ଅନ୍ୟ ସବୁଠି ପ୍ରଂଶସା ମିଳିଲେ ମଧ୍ୟ ଓସ୍କାରରେ କିନ୍ତୁ ଏଗୁଡିକ ପଛରେ ପଡିଛନ୍ତି ଏବଂ ଏଗୁଡିକୁ ଅଣଦେଖା କରାଯାଇଛି ବୋଲି ଦୀପିକା ମତ ଦେଇଛନ୍ତି ।

## ସ୍ନିକର ଥିମ୍‌ର କଫିନ୍

ନିକଟରେ ଜଣେ ବ୍ରିଟିଶ୍ ବ୍ୟକ୍ତିଙ୍କର କଫିନ୍‌ର ଥିମ୍ ଚର୍ଚ୍ଚାରେ ରହିଛି । ତାଙ୍କ ପରିବାର ତାଙ୍କୁ ଚକୋଲେଟ୍ ବାର୍ ସ୍ନିକରର ଥିମ୍ କଫିନ୍‌ରେ ସମାଧି ଦେଇଛନ୍ତି । ଏଭଳି ସମ୍ପୃକ୍ତଙ୍କ ବ୍ୟକ୍ତିଙ୍କର ଶେଷ ଇଚ୍ଛା ଥିଲାବୋଲି ପରିବାର ସଦସ୍ୟ ପ୍ରକାଶ କରିଛନ୍ତି । ବ୍ୟକ୍ତି ଜଣଙ୍କ ବଞ୍ଚିଥିବା ସମୟରେ ଖୁବ ଖୁସ୍ ମିଜାଜର ଥିଲେ ଏବଂ ସବୁବେଳେ ଥଟ୍ଟାମଜା କରୁଥିଲେ । ତେଣୁ ତାଙ୍କ ଶେଷ ଇଚ୍ଛା ମଧ୍ୟ ସେହିଭଳି କିଛି ୟୁନିକ୍ ରହିଥିଲା । ସେ ଅନେକ ସମୟରେ ଚକୋଲେଟ୍ ବାର ଥିମର କଫିନ୍‌ରେ ସମାଧି ନେବାକୁ, ଯାହାକୁ ତାଙ୍କ ପରିବାର ପୂରା କରିଛନ୍ତି । ସେମାନେ ବ୍ୟକ୍ତିଙ୍କୁ ଏକ ବଡ କଳାରଙ୍ଗର କଫିନ୍‌ରେ ସମାଧି ଦେଇଥିଲେ ଯେଉଁଥିରେ ବଡବଡ ସ୍ନିକରର ଫଟୋ ମଧ୍ୟ ରହିଛି ।



### ବିଧାନସଭାରେ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

# ଯୁବବର୍ଗ ହେଉଛି ଏକ ସଶକ୍ତ ସମାଜ ନିର୍ମାଣର ଆଧାର : ବାଚସ୍ପତି



ଭୁବନେଶ୍ୱର, (ସବ୍ୟୁ): ଆଜିର ଯୁବବର୍ଗ ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ଅମୂଲ୍ୟ ସମ୍ପଦ ଏବଂ ଆସନ୍ତାକାଲିର ଭବିଷ୍ୟତଛ ଯୁବବର୍ଗ ହେଉଛି ଏକ ସଶକ୍ତ ସମାଜ ନିର୍ମାଣର ଆଧାର । ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ପୂରଣ କରିବାରେ ଯୁବବର୍ଗଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଧାନସଭା ପରିସରରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ନିଶ୍ଚିତ ରୂପେ ଯୁବ ନେତୃତ୍ୱର ବିକାଶରେ ସହାୟକ ହେବ । ତୃଣମୂଳ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଯୁବଶକ୍ତିର ବିକାଶରେ ହିଁ ଦେଶର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ । ବିଧାନସଭା ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦୁଇ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ପ୍ରଥମ ଦିନରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ଜାତୀୟ ସ୍ତରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଆଜିର କାର୍ଯ୍ୟକ୍ରମରେ ଉପ-ବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀମାନ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଦିଗପହଣ୍ଡି ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ର, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ଆନୁକୂଲ୍ୟରେ ଆୟୋଜିତ ହେଉଥିବା ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ପ୍ରତିଭା ଏବଂ ଯୁବ ନେତୃତ୍ୱ ବିକାଶ ହେବାର ଲକ୍ଷ୍ୟ ରଖାଯାଇଛି ।

## ୩ଦିନିଆ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ସାଲେପୁର,(ସବ୍ୟୁ) :ସାଇ ମେମୋରିଆଲ୍ ହସ୍ପିଟାଲ ପକ୍ଷରୁ ସ୍ଥାନୀୟ ସତ୍ୟଲକ୍ଷ୍ମୀ ମଣ୍ଡପ ସପନପୁରଠାରେ ଏକମାଗଣା ସ୍ୱାସ୍ଥ୍ୟସେବା ଶିବିର ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଅନୁଷ୍ଠିତ ଏହଶିବିରରେ ଓଡ଼ିଶାର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା କାନ, ନାକ, ଗଳା, ଦାନ୍ତ ସମସ୍ୟାର ପରୀକ୍ଷା କରାଯାଇ ଔଷଧବିତରଣ କରାଯାଇଥିଲା। ୩ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫ଶହରୁ ଉଦ୍ଧ୍ୱ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ମାଗଣା ଔଷଧ ଓ କେତେକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା।



ଭୁବନେଶ୍ୱର ବିମାନବନ୍ଦର ଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଦାୟ ଜଣାଉଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପଟୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ନାବାଳିକା ବଳାତ୍କାରୀକୁ ୨୦ବର୍ଷ ସଜା

ଭୁବନେଶ୍ୱର, (ସବ୍ୟୁ) : ଜଣେ ନାବାଳିକା ବଳାତ୍କାରୀକୁ ୨୦ବର୍ଷ ସଜା ଦଣ୍ଡରେ ଦଣ୍ଡିତ କରିଛନ୍ତି ସ୍ପେଶାଲ ଫାଷ୍ଟଟ୍ରାକ୍ କୋର୍ଟ ଜଜ୍ ସରୋଜ କୁମାର ସାହୁ । ବଳାତ୍କାରୀ ବଣ୍ଟି ସାହୁକୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ ଦେବା ସହ ୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ ସଜା ଭୋଗିବାକୁ ପଡିବ ବୋଲି ରାୟରେ ଜଜ୍ କହିଛନ୍ତି । ପୀଡିତା ନାବାଳିକାଙ୍କୁ ଅନୁକମ୍ପା ରାଶି ଦେବାକୁ ରାୟରେ ନିର୍ଦ୍ଦେଶ ହୋଇଛି । ୧୬ଜଣ ସାକ୍ଷୀ, ପ୍ରଯୁଜ୍ୟ ଦସ୍ତାବିଜ୍‌ଗୁଡିକୁ ଆଧାର କରି ବଳାତ୍କାରୀ ବଣ୍ଟି ସାହୁକୁ ଏହି ଦଣ୍ଡବିଧାନ କରାଯାଇଛି । ପୀଡିତା ନାବାଳିକା ତାଙ୍କ ପରିବାର ସହ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଦୀର୍ଘଦିନ ହେବ ରହିଆସୁଛନ୍ତି । ଅଭିଯୁକ୍ତ ବଣ୍ଟି ସାହୁ ସେହି ଅଞ୍ଚଳରେ ଭଡାରେ ରହୁଥିଲା । ୨୦୧୯ ମସିହା ମେ' ୨୫ ତାରିଖ ବିଳମ୍ବିତ ରାତି ପର୍ଯ୍ୟନ୍ତ ଝିଅ ଘରକୁ ନଫେରିବାରୁ ସେ ଖୋଜାଖୋଜି କରିଥିଲେ । ଶେଷରେ ଅଭିଯୁକ୍ତ ରହୁଥିବା ଭଡାଘର ନିକଟରେ ଚେତାଶୂନ୍ୟ ଅବସ୍ଥାରେ ତାଙ୍କ ନାବାଳିକା ଝିଅ ପଡିଥିବା ଦେଖିଥିଲେ । ଝିଅକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନେବା ପରେ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦାଏର କରିଥିଲେ । ତାଙ୍କ ଏତଲାକୁ ଭିତ୍ତିକରି ବଣ୍ଟିଂ ସାହୁକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ସାକ୍ଷ୍ୟପ୍ରମାଣ ଆଧାରରେ ମଙ୍ଗଳବାର ୨୦ବର୍ଷ ସଜା ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ ।

### ସିପାହୀ, କନେଷ୍ଟବଳ ନିଯୁକ୍ତିରେ ବୟସ କୋହଳ ପ୍ରସଙ୍ଗ

# ୩ ବର୍ଷ କୋହଳ ହେଲା ବୟସ ସୀମା, ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

କଟକ(ସବ୍ୟୁ): ସିପାହୀ, କନଷ୍ଟେବଳ ପଦରେ ନିଯୁକ୍ତି ପାଇଁ ଆଶାୟୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି ଛ ରାଜ୍ୟ ସରକାର ସିପାହୀ, କନଷ୍ଟେବଳଙ୍କ ପାଇଁ ବୟସ ସୀମାରେ ୩ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ ବୋଲି ଆଜି ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ରାଜ୍ୟ ସରକାରଙ୍କ ଏହି ଜବାବରେ ପ୍ରତିପକ୍ଷ ମଧ୍ୟ ସମ୍ମତି ପ୍ରଦାନ କରିଥିଲେ । ଉଭୟପକ୍ଷ ଏହି ନିଷ୍ପତ୍ତିରେ ରାଜି ହେବାପରେ ହାଇକୋର୍ଟ ମାମଲାର ଅନ୍ତ ଘଟାଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ ରିଟ୍ ଅପିଲ୍ର ଶୁଣାଣି କରି ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଏବଂ ଜଷ୍ଟିସ୍ ମ୍ମାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ଓଡ଼ିଶା ପୁଲିସ୍ର ଓଏସ୍ପି, ଆଇଆର, ଏସ୍ଆଇଆର, ସ୍ପେଶାଲ୍ ସିକ୍ୟୁରିଟି ବାଟାଲିୟନରେ ୧୩୬୦ଟି ସିପାହୀ/ ଜନଷ୍ଟେବଳ ପଦ ପୂରଣ ପାଇଁ ଷ୍ଟେଟ୍ ସିଲେକ୍ସନ ବୋର୍ଡପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୨୦୨୪ ଜାନୁଆରୀ ପହିଲା ସୁଦ୍ଧା ପ୍ରାର୍ଥୀଙ୍କ ସର୍ବନିମ୍ନ ବୟସ ସୀମା ୧୮ ଏବଂ ସର୍ବାଧିକ ବୟସ ସୀମା ୨୩ ଧାର୍ଯ୍ୟ କରାଯାଇଥିଲା । ଅନ୍ୟପକ୍ଷରେ ୨୦୧୮ରେ ଶେଷ ଥର ପାଇଁ କନଷ୍ଟେବଳ/ସିପାହୀ ପଦଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା । କରୋନା ପାଇଁ ଆଉ ଏହି ପଦ ପୂରଣ ଲାଗି ବିଜ୍ଞପ୍ତି ପ୍ରକାଶ ନପାଇ ୬ବର୍ଷ ପରେ ୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୬ବର୍ଷ ପରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ଅନେକ ପ୍ରାର୍ଥୀ ବୟସ ସୀମା କଟକଣା ପାଇଁ ଏହି ପଦଲାଗି ଆବେଦନ କରିପାରିନଥିଲେ । ଫଳରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ୨୦୨୪ ଡିସେମ୍ବର ୫ ତାରିଖରେ ଏହି ମାମଲାର ରାୟ ପ୍ରକାଶ କରି ଏହି ଆଶାୟୀ ପ୍ରାର୍ଥୀମାନଙ୍କୁ ବୟସ ସୀମାରେ କୋହଳ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଚାଲେଞ୍ଜ କରି ରାଜ୍ୟ ସରକାର ରିଟ୍ରେ ହାଇକୋର୍ଟଙ୍କୁ ଆସିଥିଲେ । ହାଇକୋର୍ଟରେ ଶୁଣାଣି ଚାଲିଥିଲାବେଳେ ରାଜ୍ୟ ସରକାର ଏହି ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ । ଏହାକୁ ନେଇ ପ୍ରତିପକ୍ଷ ଆଶାୟୀ ପ୍ରାର୍ଥୀଙ୍କ ପକ୍ଷରୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଅଦାଲତ ଏହି ମାମଲର ଶୁଣାଣି ଶେଷ ନହେବା ପର୍ଯ୍ୟନ୍ତ ନିଯୁକ୍ତି ପ୍ରକ୍ରିୟା ଚାଲିପାରିବ ନାହିଁ ବୋଲି ଅନ୍ତରିଣ ଅଙ୍କୁଶ ଲଗାଇଥିଲେ । ଅପରପକ୍ଷରେ ରାଜ୍ୟ ସରକାର ଏବଂ ପ୍ରତିପକ୍ଷଙ୍କ ପକ୍ଷରୁ ଗତ ଦୁଇଦିନ ଧରି ଜବାବ ସୁଆଲ ଚାଲିଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଆଶାୟୀ ପ୍ରାର୍ଥୀଙ୍କ ପାଇଁ ୩ବର୍ଷ ପର୍ଯ୍ୟନ୍ତ ବୟସସୀମା କୋହଳ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ମାମଲର ଅନ୍ତ ଘଟିଛି । ରାଜ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ପ୍ରତିପକ୍ଷଙ୍କ ପକ୍ଷରୁ ଆଇନଜିବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ ।

### ଇପିଏଫ ପେନସନର୍ସ ମାନଙ୍କ ଦାବି

# ୯୦୦୦ ଟଙ୍କା ସର୍ବନିମ୍ନ ପେନସନ ଦିଅ

କଟକ ,( ସବ୍ୟୁ): ଚୌଦ୍ୱାର ବ୍ଲକ ଇପିଏଫ ପେନସନର୍ସ ଆସୋସିଏସନ୍ ଆହ୍ୱାନ କ୍ରମେ ନୂଆଗାଁ ସ୍ଥିତ ମାଁ ଯାଜ୍ଞେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଓଟିଏମ, ଲାରପୁର, ଇମ୍ପା, ଲିବ୍ରା, ଓସିଏମ, ଏବଂ କ୍ଷୁଦ୍ର ମଧ୍ୟମ ଶିଳ୍ପ ସଂସ୍ଥା ମାନଙ୍କ ରୁ ସ୍ୱଳ୍ପ ପେନସନ ଭୋଗୀ ମାନଙ୍କର ମହା ସମାବେଶ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ଜାତୀୟ ଉପସଭାପତି ତଥା ରାଜ୍ୟର ସାଧାରଣ ସଂପାଦକ ଭାଗ୍ୟଧର ବ୍ରହ୍ମା ଯୋଗଦେଇ ୯୦୦୦ଟଙ୍କା ସର୍ବନିମ୍ନ ପେନସନ ସହିତ ମହଙ୍ଗା ଭତ୍ତା ପ୍ରଦାନ ଦାବି କରିଥିଲେ । ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଆୟୁଷ୍ମାନ ଆରୋଗ୍ୟ ଯୋଜନା ରେ ସାମିଲ କରିବାକୁ ଦାବି କରି ୭୦ ବର୍ଷ ପରିବର୍ତ୍ତେ ୬୦ ବର୍ଷ ଲାଗୁ କରିବା କୁ ଦାବି କରିଥିଲେ । ଜିଲ୍ଲା ସଭାପତି ଅଗାଧୁ ଚରଣ ପ୍ରଧାନ ସଭାପତିତ୍ୱ



କରିଥିଲାବେଳେ ଜିଲ୍ଲା ସଂପାଦକ ବିନୋଦ ବେହେରା ଅତିଥି ପରିଚୟ ଦେଇଥିଲେ ଛଅବିଳମ୍ବେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବ୍ଲକ୍ କାର୍ଯ୍ୟାଳୟ କୁ ଘେରାଉ କରାଯିବ ବୋଲି ଆହ୍ୱାନ ଦେଇଥିଲେ, । ଜିଲ୍ଲା ସହକାରୀ ସଂପାଦକ ଅଲେଖ ଚରଣ ରାଉତ, ଜିଲ୍ଲା କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ସାହୁ, ପ୍ରମୋଦ କୁମାର ପଣ୍ଡା, ଆଦିତ୍ୟ ପଟ୍ଟନାୟକ, ବିଜୟ ସ୍ୱାଇଁ , ବିଜୟ ଦାସ ପ୍ରମୁଖ କ୍ତବ୍ୟ ରଖିଥିଲେ । ଅନେକ କର୍ମଚାରୀ ଙ୍କ ଅବସର ପରେ ତାଙ୍କର ପ୍ରାପ୍ୟ କୁ ପ୍ରଦାନ ନକରି ସେମାନଙ୍କୁ ଇପିଏଫଓ ସଂଗଠନ ନାନା ଆଳ ଦେଖାଇ ଫେରାଇ ଦେଉଛନ୍ତି ଏବଂ ଅନେକ କର୍ମଚାରୀ ଙ୍କ ପେନସନ ବୃଦ୍ଧି ସମ୍ପର୍କରେ ବିନା ବିଚାର ରେ ଉଚ୍ଚତମ ପେନସନ ପାଇବାରୁ ବଞ୍ଚିତ କରୁଛନ୍ତି ବୋଲି ମତ ପ୍ରକାଶ ପାଇଥିଲା ।

# ୪ ହତ୍ୟାକାରୀଙ୍କୁ ଆଜୀବନ ସଶ୍ରମ ସଜା

ଭୁବନେଶ୍ୱର, (ସବ୍ୟୁ) : ଜଟଣୀ ଥାନା ଅଞ୍ଚଳ ଷଣ୍ଢପୁର ଗାଁରେ ୨୦୧୭ ମସିହା ସେପ୍ଟେମ୍ବର ୨ ତାରିଖରେ ଜଣେ ବ୍ୟବସାୟୀଙ୍କୁ ବୀଭତ୍ସ ଭାବେ ୪ଜଣ ହତ୍ୟା କରିଥିଲେ । ହତ୍ୟାର ଶିକାର ହୋଇଥିବା ଅନୁପ ବେହେରାଙ୍କ ଭଉଣୀକୁ ହତ୍ୟାକାରୀଙ୍କ ମଧ୍ୟରୁ ଜଣେ କମେଣ୍ଟ ମାରିବାରୁ ସେ ପାଟିତୁଣ୍ଡ କରିବା ସହ ତାଙ୍କୁ ମାରଧର କରିଥିଲେ । ସେହି ଘଟଣାର ପ୍ରତିଶୋଧରେ ଅନୁପଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଥିଲେ । ହତ୍ୟା କରିଥିବା ୪ଜଣଙ୍କୁ ଏଡିଜେ କୋର୍ଟ-୨ ମଙ୍ଗଳବାର ଆଜୀବନ ସଶ୍ରମ ସଜା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୨୫ ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଛି । ଜରିମାନା ଅନାଦେୟ ହେଲେ ବର୍ଷେ ଅଧିକ ସଜା ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି ।

୨୦୧୭ ମସିହା ସେପ୍ଟେମ୍ବର ମାସ ଦୁଇ ତାରିଖ ରାତି ୧୨ଟା ବେଳେ ଅନୁପ ବେହେରାଙ୍କୁ ତାଙ୍କ ଦୋକାନ ପାଖରେ ଅତି ବୀଭତ୍ସ ଭାବେ ଖଣ୍ଡାରେ ହାଣି ହତ୍ୟା କରିଥିଲେ ହାଲୁ ବେହେରା, କାହ୍ନୁ ବେହେରା, ଗୋପୀ ବେହେରା ଓ ନାଲୁ ବେହେରା । ପୁଅର ପାଟି ଶୁଣି ତାଙ୍କ ମା' ଓ ଦୁଇ ଭଉଣୀ ଘଟଣାସ୍ଥଳକୁ ଆସିବାରୁ ତାଙ୍କୁ ମଧ୍ୟ ହତ୍ୟାକାରୀମାନେ ଆକ୍ରମଣ କରିଥିଲେ । ଉଭୟ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅନୁପ ବେହେରାଙ୍କ ମୃତ୍ୟୁ ହୋଇଥିଲା । ଜଟଣୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମଙ୍ଗଳବାର ସେମାନଙ୍କୁ ଏଡିଜେ କୋର୍ଟ-୨ ଜଜ୍ ୧୬ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ୨୦ଟି ଦସ୍ତାବିଜ୍‌କୁ ଆଧାର କରି ଆଜୀବନ ସଶ୍ରମ ସଜା ଦଣ୍ଡରେ ଦଣ୍ଡିତ କରିଛନ୍ତି । ୨୫ ହଜାର ଜରିମାନା ଦେବାକୁ ରାୟରେ କୁହାଯାଇଛି । ଅନାଦେୟ ହେଲେ ଅଧିକ ବର୍ଷେ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ । ମଙ୍ଗଳବାର ବିଚାର ପ୍ରକ୍ରିୟା ଚାଲିଥିବା ବେଳେ ଅଭିଯୁକ୍ତଙ୍କ ଓକିଲ ଅଦାଲତକୁ ଆସି ନଥିବାରୁ ଜଜ୍ ବିରକ୍ତି ପ୍ରକାଶ କରିଥିଲେ ।

# ଦେବେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ଶୋକସଭା

କଟକ ,(ସବ୍ୟୁ):ସ୍ଥାନୀୟ ସାରଳା ଭବନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟ ବିଜେପିର ପୂର୍ବତନ ରାଜ୍ୟ ସଭାପତି ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ କଟକ ଜିଲ୍ଲା ବିଜେପି ଦ୍ୱାରା ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳୀ ସଭାର ଆୟୋଜନ କରାଯାଇଥିଲା । ସ୍ୱର୍ଗତଃ ପ୍ରଧାନ ୧୯୪୧ ମସିହାରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ନଳାମଠାରେ ଜନ୍ମଗ୍ରହଣ କରିଥିଲେ । ସେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଶଲ୍ୟ ଏବଂ ଭେଷଜରେ ସ୍ନାତକ ଲାଭ କରିଥିଲେ । ପରବର୍ତୀ ଅବସ୍ଥାରେ ନିଜର ଡାକ୍ତରୀ ଚାକିରୀ ଛାଡ଼ି ଭାରତୀୟ ଜନତାପାର୍ଟିର ସଂଗଠନ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ଦୁଇଥର ରାଜ୍ୟ ବିଜେପିର ସଭାପତି ତଥା ରାଷ୍ଟ୍ରୀୟ ଉପସଭାପତି ଭାବେ ଦାୟିତ୍ୱ ବହନ କରିବା ସହିତ ଦେବଗଡ଼ ଲୋକସଭାରୁ ବିଜୟଲାଭ କରି ସ୍ୱର୍ଗତଃ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ଦ୍ୱିତୀୟ ଶାସନକାଳରେ ଭୂତଳ ପରିବହନ ଏବଂ କୃଷି ରାଜ୍ୟ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କର ନିଧନରେ ରାଜ୍ୟ ବିଜେପିର ଅପୂରଣୀୟ କ୍ଷତି ହୋଇଛି ବୋଲି ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ କହିଥିଲେ । ଆଜିର ଏହି ଶ୍ରଦ୍ଧାଞ୍ଜଳି ସଭାରେ ଡାକ୍ତର ସ୍ୱର୍ଗତଃ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣୀକା ଉନ୍ମୋଚିତ ହେବା ସହ ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱ, ବୁଦ୍ଧିଜୀବି ମାନଙ୍କ ଦ୍ୱାରା ସ୍ମୃତିଚାରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ରବି ନାରାୟଣ ନାୟକ, ବିଧାୟକ ଚୌଦ୍ୱାର-କଟକ ଶୌଭିକ ବିଶ୍ୱାଳ, ବିଧାୟକ କଟକ ସଦର ପ୍ରକାଶ ଚନ୍ଦ୍ର ସେଠୀ, କଟକ ମହାନଗର ନିଗମ ମେୟର ସୁବାସ ସିଂ, ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, ପ୍ରଭାତ ତ୍ରିପାଠୀ, ବିନୋଦ ଦାସ, ଅନୁଭବ ମହାନ୍ତି, ଡାକ୍ତର ଜୟନ୍ତ ପଣ୍ଡା, ଇଂ. ପ୍ରଭାକର ସ୍ୱାଇଁ, ଆର୍.ଏସ୍.ଏସ୍. ଜିଲ୍ଲା ସଂଘ ଚାଳକ ବିପିନ ବିହାରୀ ରାଉତ, ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ପ୍ରଦୀପ୍ତ ସ୍ୱାଇଁ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, ଆଡଭୋକେଟ୍ ସୌରଚନ୍ଦ୍ର ମହାପାତ୍ର, ସୌମିତ୍ର ଲେଙ୍କା, ମନୋଜ କୁମାର ମିଶ୍ର, ଅମରେନ୍ଦ୍ର ମହାନ୍ତି, ଓମପ୍ରକାଶ ରାୟ, ଦୁର୍ଗାଚରଣ ମହାନ୍ତି, ଶିବା ମହାନ୍ତି, ତୁଷାରକାନ୍ତି ଚକ୍ରବର୍ତୀ, ଶୁଭ୍ରାଂଶୁ ପାଧୀ, ପ୍ରଦୀପ ପଟ୍ଟନାୟକ, ହୃଷିକେଶ ନାୟକ, ଲଲାଟେନ୍ଦୁ ବଡ୍ଡୁ, ଲକ୍ଷ୍ମୀଧର ପ୍ରଧାନ, ସାଧୀରାମ ଶର୍ମା ପ୍ରମୁଖ ବ୍ୟକ୍ତିମାନେ ସ୍ମୃତିଚାରଣ କରିଥିଲେ ।

## ୧୦୫ଗ୍ରାମ ର ବ୍ରାଉନସୁଗର ଜବତ ଜଣେ ଗିରଫ



ଖୋର୍ଦ୍ଧା, (ସବ୍ୟୁ): ଅବକାରୀ ମୋବାଇଲ ସ୍କ୍ୱାର୍ଡ ଆଜି ଗୁରୁଜଙ୍ଗ ଟାଙ୍ଗିସାହି ଅଂଚଳରେ ଚଢଉ କରି ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରବା ସହ ତାଠାରୁ ୧୦୫ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି । ଏହି ଘଟଣାରେ ବ୍ରାଉନସୁଗର ବେପାର କରୁଥିବା ରାଜକିଶୋର ସୁନ୍ଦରାୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଆଜି ଗୁରୁଜଙ୍ଗ ଟାଙ୍ଗିସାହି ଅଂଚଳରେ ଚଢଉ କରିଥିଲା । ଚଢଉବେଳେ ରାଜକିଶୋର ଠାରୁ ୧୦୫ଗ୍ରାମ ର ବ୍ରାଉନସୁଗର ଜବତ କରିବା ସହ ତାକୁ ଗିରଫ କରିଛି । ଜବତ ବ୍ରାଉନସୁଗର ର ମୂଲ୍ୟ ସାଢେ ୧୦ଲକ୍ଷ ହେବ ବୋଲି ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ଥାରାପା ମାରାଣ୍ଡି ସୂଚନା ଦେଇଛନ୍ତି ।

### ବିଦ୍ୟୁତ୍ ଟାରିଫ ଅପରିବର୍ତିତ, ମିଟର ରେଣ୍ଟ ଛାଡ଼ କରିବାରୁ ମୁଖ୍ୟମନ୍ତ୍ରୀ ଓ ଶକ୍ତିମନ୍ତ୍ରୀଙ୍କୁ ଧନ୍ୟବାଦ

# ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ : ସମୀର

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ନୂତନ ଯୋଜନା ପ୍ରଣୟନ କରିବା ସହ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନେଇ ଓଡ଼ିଶାବାସୀଙ୍କ ମନ ଜିଣିବାରେ ସକ୍ଷମ ହୋଇଛନ୍ତି। ଏବେ ବିଜେପି ସରକାର ବିଦ୍ୟୁତ୍ ଦର ପୂର୍ବପରି ଅପରିବର୍ତିତ ରଖିବା ସହ ୨ କିଲୋୱାଟ୍ ପର୍ଯ୍ୟନ୍ତ ସ୍ମାର୍ଟ ମିଟରର ମାସିକ ରେଂଟ ଛାଡ଼କରି ଉପଭୋକ୍ତା ପାଇଁ ଆଶ୍ୱସ୍ତି ଆଣି ଦେଇଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଧନ୍ୟବାଦ ଜଣାଇବା ସହ ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି। ଶ୍ରୀ ମହାନ୍ତି



କହିଛନ୍ତି ଯେ, ପୂର୍ବରୁ ସ୍ମାର୍ଟମିଟର ଲାଗି ମାସିକ ୬୦ ଟଙ୍କା ରେଣ୍ଟ ହିସାବରେ ଦେବାକୁ ପଡୁଥିଲା । ସରକାରଙ୍କ ନୂଆ ନିଷ୍ପତି ଫଳରେ ମିଟର ରେଂଟରୁ ଗ୍ରାହକ ଆଶ୍ୱସ୍ତି ପାଇବେ । ଏହା ଫଳରେ ଲୋକଙ୍କ ମାସିକ ବିଦ୍ୟୁତ୍ ଦେୟ ମଧ୍ୟ ହ୍ରାସ ପାଇବ । ଏହାଦ୍ୱାରା ରାଜ୍ୟର ଲକ୍ଷଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଲାଭବାନ ହେବେ। ନୂଆସ୍ମାର୍ଟ ମିଟର ଲଗାଇଲେ ବି ଏହି ରେଣ୍ଟ ଦେବାକୁ ପଡ଼ିବନି। ଏହି ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ସେହିଭଳି ମେସେଜ ଓ ଇମେଲ୍‌ରେ ଇ-ବିଲ୍ ନେଲେ ବିଲ୍ ପିଛା ୧୦ ଟଙ୍କା ଛାଡ଼ ମିଳିବ। ପ୍ରିପେଡ୍ ମିଟରରେ ୪ ପ୍ରତିଶତ ରିହାତି ମିଳିବ। ଡିଜିଟାଲ୍ ପେମେଂଟରେ ପୂର୍ବ ଭଳି ୪ ପ୍ରତିଶତ ରିହାତି ମିଳିବ । ୧୦ କିଲୋୱାଟରୁ ଅଧିକ ଲୋଡ୍ ବ୍ୟବହାରକାରୀଙ୍କୁ ଦିନ ୮ଟାରୁ ଅପରାହ୍ନ ୪ଟା ଯାଏ ବିଜୁଳି ବିଲ୍‌?ରେ ୨୦ ପ୍ରତିଶତ ରିହାତି ମିଳିବ । ପୂର୍ବରୁ ବିଜୁଳି ଦର ଯାହାଥିଲା ଏବେ ତାହା ହିଁ ରହିବ । ଏଭଳି ବିଦ୍ୟୁତ୍ ସଂସ୍କାର ଆଗାମୀ ଦିନରେ ମଧ୍ୟ ଜାରି ରହିବ । ଆଗକୁ ଆହୁରି ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

### ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ

# କୃଷି ଏମ୍ଏସ୍ଏମ୍ଇ ଓ କାସା ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ): ୟୁକୋ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ଦ୍ୱାରା କୃଷି, ଏମ୍ଏସ୍ଏମ୍ଇ ଏବଂ କାସା କାର୍ଣ୍ଣିଭାଲ କୁମା କନ୍‌ଭେନସନ୍, ବରୁଣେଇ ରୋଡ, ଖୋର୍ଦ୍ଧାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଣ୍ଣିଭାଲରେ ଏମ୍ଏସ୍ଏମ୍ଇ, କୃଷି, ବିଶିଷ୍ଟ ଗ୍ରାହକ ବୃନ୍ଦ, ସ୍ୱୟଂ ସହାୟକ ଗୋଷ୍ଠି ଏବଂ ବ୍ୟାଙ୍କ ମିତ୍ରମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏସ୍ଏଲ୍‌ବିସି, ଓଡ଼ିଶାର ଆବାହକ ତଥା ମହାପ୍ରବନ୍ଧକ ଗୌତମ ପାତ୍ର, କୋଲକାତା ମୁଖ୍ୟ କାର୍ଯ୍ୟାଳୟର ରିକଭରି ଡିପାର୍ଟମେର ମହାପ୍ରବନ୍ଧକ




ଅଙ୍କିତ ରାଣା, ବରୁଣେଇ ଇଣ୍ଡଷ୍ଟ୍ରିଆଲ ଆସୋସିଏସନ୍‌ର ସଭାପତି ଶିବ ନାରାୟଣ ମିଶ୍ର ଏବଂ ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ତଥା ଉପ ମହାପ୍ରବନ୍ଧକ ଚିନ୍ମୟ କୁମାର ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ମହାପ୍ରବନ୍ଧକ ଶ୍ରୀ ପାତ୍ର ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କର ଅଭିବୃଦ୍ଧି ଓ ପ୍ରତିଶ୍ରୁତି, ଏମ୍ଏସ୍ଏମ୍ଇ, କୃଷି ଏବଂ ସମ୍ବଳ କ୍ଷେତ୍ରରେ ଉପଲବ୍ଧ ସୁଯୋଗ ଉପରେ ବିଶେଷ ଆଲୋକପାତ କରିଥିଲେ । ଶ୍ରୀ ରାଣା ୟୁକୋ ବ୍ୟାଙ୍କ ସହିତ ଗ୍ରାହକମାନଙ୍କର ଦୀର୍ଘ ସମୟର ସହଯୋଗୀତା ପାଇଁ କୃତଜ୍ଞତା ଜଣାଇବା ସହିତ ଭବିଷ୍ୟତରେ ବ୍ୟାଙ୍କରେ ଉନ୍ନତ ଗ୍ରାହକସେବାର ପ୍ରତିଶୃତି ଦେଇଥିଲେ। ବରୁଣେଇ ଇଣ୍ଡଷ୍ଟ୍ରିଆଲ ଆସୋସିଏସନ୍‌ର ଅଧ୍ୟକ୍ଷ ଶ୍ରୀ ମିଶ୍ର ବ୍ୟାଙ୍କିଙ୍ଗ୍ ସେବା କିପରି ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଯଥେଷ୍ଟ ଅଭିବୃଦ୍ଧିରେ ସହାୟତା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ନୂତନ ଉତ୍ପାଦ ଯଥା ୟୁକୋ ୟୁନିକ୍, ୟୁକୋ ରୟାଲ, ୟୁକୋ ପ୍ରିଭିଲେଜ୍, ପିଙ୍କ ବାସ୍‌କେଟ, ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ, ୟୁକୋ ସଞ୍ଚୟିକା ବିଷୟରେ ବିଶେଷ ଆଲୋଚନା କରାଯିବା ସହିତ ୟୁକୋ ଫାର୍ମା ଗ୍ରୋଥ, ନାରୀ ସମ୍ମାନ ଓ ଯୁବ ଶକ୍ତି ଇତ୍ୟାଦି ବ୍ୟାଙ୍କର ନୂତନ ଉତ୍ପାଦ ବିଷୟରେ ସୂଚନା ଦିଆଯାଇଥିଲା। ଏହି ଅବସରରେ କୃଷି, ଏମ୍ଏସ୍ଏମ୍ଇର ଗ୍ରାହକମାନଙ୍କୁ ଋଣ ଅନୁମୋଦନ ପତ୍ର ବନ ସହିତ ସ୍ୱୟଂସହାୟକ ଗୋଷ୍ଠୀ ଏବଂ ବ୍ୟାଙ୍କ ମିତ୍ରମାନଙ୍କୁ ସେମାନଙ୍କର ବିଶେଷ ଅବଦାନ ନିମନ୍ତେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବ୍ୟାଙ୍କର ଉପ ଆଞ୍ଚଳିକ ମୁଖ୍ୟ କ୍ରୀଷ୍ଟ ପାଲ ସିଂହ ସମସ୍ତଙ୍କୁ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ରାଜନୈତିକ ଦଳମାନଙ୍କ ସହିତ ବୈଠକ

# ବ୍ଲକସ୍ତରୀୟ ଏଜେଣ୍ଟଙ୍କର ଭୂମିକା, ନିର୍ବାଚନ ଖର୍ଚ୍ଚ ତଦାରଖ ଉପରେ ଆଲୋଚନା

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ସନ୍ଥଗୋପାଳନ ରାଜନୈତିକ ଦଳମାନଙ୍କ ସହିତ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏହି ବୈଠକରେ ବିଜୁ ଜନତା ଦଳର ଜାତୀୟ ମୁଖପାତ୍ର ଅମର ପଟ୍ଟନାୟକ, ଭାରତୀୟ ଜାତୀୟ କଂଗ୍ରେସ ଦଳର ଶିବାନନ୍ଦ ରାୟ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କସିଷ୍ଟ) ଦଳର ଦୁଷ୍ମନ୍ତ କୁମାର ଦେବ, ବହୁଜନ ସମାଜ ପାର୍ଟିର ମଧୁସୂଦନ ଯାଦବ, ଆମ ଆଦମୀ ପାର୍ଟିର ସୁଦୀପ୍ତ କୁମାର ଦାସ ଉପସ୍ଥିତ ରହି ପରାମର୍ଶ ଦେଇଥିଲେ ।

ନିରନ୍ତର ଅଦ୍ୟତନ ପ୍ରକ୍ରିୟା ସମୟରେ ସମସ୍ତ ଦାବି ଏବଂ ଆପତ୍ତି ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୨ କିମ୍ବା ୨୩ ସହିତ, ନିର୍ବାଚନ ପଞ୍ଜିକରଣ ନିୟମ, ୧୯୬୦ର ନିୟମ ୨୬ ସହିତ ଦାଖଲ କରାଯିବା ଆବଶ୍ୟକ । ଏହି ଦାବି ଏବଂ ଆପତ୍ତି ଉପଯୁକ୍ତ ଫର୍ମ- ଫର୍ମ୬, ୬ଏ, ୭, କିମ୍ବା ୮, ଯେପରି ପ୍ରଯୁଜ୍ୟ, ବ୍ୟବହାର କରି ନକଲ ଭାବରେ ଦାଖଲ କରାଯିବା ଉଚିତ । ଭୋଟର ନାମାଙ୍କନ ଚାହୁଁଥିବା ବ୍ୟକ୍ତିମାନଙ୍କୁ ଠିକଣା ଏବଂ ବୟସ ପ୍ରମାଣପତ୍ର ପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହିତ ଏକ ପାସପୋର୍ଟ ଆକାରର ରଙ୍ଗୀନ ଫଟୋଗ୍ରାଫ୍ (୩.୫ ସେମିରେ ୩.୫ ସେମି) ପ୍ରଦାନ କରିବାକୁ ପଡିବ । ସେମାନେ ଭୋଟର ହେଲ୍ପ ଲାଇନ ଆବେଦନ ମାଧ୍ୟମରେ ଫର୍ମ ୬ ମାଧ୍ୟମରେ କିମ୍ବା ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଏକ ହାର୍ଡ କପି ଦାଖଲ କରି ଭୋଟର ପଞ୍ଜିକରଣ ପାଇଁ ଆବେଦନ କରିପାରିବେ ।

ଭୋଟର ତାଲିକା ପ୍ରସ୍ତୁତି ଏବଂ ସଂଶୋଧନରେ ସ୍ୱଚ୍ଛତା ବୃଦ୍ଧି କରିବା ଏବଂ ସଠିକତା ସୁନିଶ୍ଚିତ କରିବା ପାଇଁ, ନିର୍ବାଚନ କମିଶନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି କରିବାକୁ ଅନୁମତି ଦେଇଛନ୍ତି । ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ଭୋଟର ତାଲିକାରେ ପ୍ରବେଶଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା, ବାଦ ଦେବା, ସଂଶୋଧନ କରିବା ଏବଂ ସ୍ଥାନାନ୍ତର କରିବା ପାଇଁ ଆବେଦନ ଦାଖଲ କରିବାରେ ଯୋଗ୍ୟ ନାଗରିକମାନଙ୍କୁ ସହାୟତା କରିବା ପାଇଁ ମତଦାନ କେନ୍ଦ୍ରରେ ବୁଥ୍ ସ୍ତରୀୟ ଅଧିକାରୀ ସହିତ କାର୍ଯ୍ୟ କରିଥାନ୍ତି । ଏକ ରାଜନୈତିକ ଦଳ ଏକ ଜିଲ୍ଲାରେ ଏକାଧିକ ବ୍ୟକ୍ତିଙ୍କୁ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି କରିବାକୁ ଅଧିକାର ଦେଇପାରେ । ସେମାନେ କେଉଁ ନିର୍ବାଚନମଣ୍ଡଳୀ ପାଇଁ ଦାୟୀ ତାହା ଉଲ୍ଲେଖ କରିବାକୁ ପଡିବ । ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ପାଇଁ ପୃଥକ ପ୍ରତିନିଧି ମଧ୍ୟ ନିଯୁକ୍ତ କରାଯାଇପାରେ । ନିଯୁକ୍ତ ଅଧିକାରୀ/ବୁଥ ସ୍ତରୀୟ ଅଧିକାରୀ କେବଳ ନିଯୁକ୍ତି ପତ୍ର ଯାଞ୍ଚ କରିବା ପରେ ବୁଥ ସ୍ତରୀୟ ଏଜେଣ୍ଟକୁ ଭୋଟର ତାଲିକାର ପ୍ରାସଙ୍ଗିକ ଅଂଶ(ଗୁଡିକ)ର ଏକ ମୁଦ୍ରିତ କପି ପ୍ରଦାନ କରିବେ । ବୁଥ ସ୍ତରୀୟ ଏଜେଣ୍ଟମାନଙ୍କୁ ଯୋଗାଇ ଦିଆଯାଇଥିବା ଭୋଟର ତାଲିକା କପିଗୁଡ଼ିକ ନିର୍ବାଚନ ପଞ୍ଜିକରଣ ନିୟମ, ୧୯୬୦ ର ନିୟମ ୧୧ ଅନୁଯାୟୀ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ମାଗଣାରେ ପ୍ରଦାନ କରାଯାଇଥିବା କପି ସହିତ ସମାନ ।

ବିଗତ ୨୦୨୪ ମସିହା ନିର୍ବାଚନରେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ୧୪ଜଣ ବିଧାୟକ ପ୍ରାର୍ଥୀମାନେ ନିର୍ବାଚନ ଖର୍ଚ୍ଚ ବିବରଣୀ ଦାଖଲ କରି ନାହାନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଆର ସନ୍ଥଗୋପାଳନ ପ୍ରକାଶ କରିଥିଲେ । ଭାରତୀୟ ନିର୍ବାଚନ କମିଶନ ମିଡିଆ ପ୍ରମାଣୀକରଣ ଏବଂ ମନିଟରିଂ କମିଟି, ବିଜ୍ଞାପନର ପୂର୍ବ ପ୍ରମାଣୀକରଣ ଏବଂ ଦେୟଯୁକ୍ତ ଖବର ସମ୍ପର୍କରେ ସମନ୍ୱିତ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ସମସ୍ତ ରାଜନୈତିକ ଦଳକୁ ଜିଲ୍ଲାସ୍ତରରେ ସେମାନଙ୍କର ପ୍ରତିନିଧିମାନଙ୍କର ଅଦ୍ୟତନ ଯୋଗାଯୋଗ ବିବରଣୀ ପ୍ରଦାନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ସନ୍ଥଗୋପାଳନ ଅନୁରୋଧ କରିଥିଲେ ।

# ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି


ପୁଷ୍କର ସିଂହ ଧାମୀ
ମୁଖ୍ୟମନ୍ତ୍ରୀ, ଉତ୍ତରାଖଣ୍ଡ


ନବୀନ ଜିନ୍ଦଲ
ଲୋକସଭା ସାଂସଦ, କୁରୁକ୍ଷେତ୍ର
ବିଶିଷ୍ଟ ଶିଳ୍ପପତି


ସତୀଶ ଚନ୍ଦ୍ର ଦୁବେ
କେନ୍ଦ୍ର କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ


ଜିବେଶ କୁମାର
ନଗର ଉନ୍ନୟନ ମନ୍ତ୍ରୀ, ବିହାର


ବିପ୍ଲବ ଦେବ
ସାଂସଦ, ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିପୁରା


ନିରଜ କୁମାର ସିଂ
ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ମନ୍ତ୍ରୀ, ବିହାର

ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ତାଳଚେର ହାଣ୍ଡିଧୁଆଁ ସ୍ଥିତ ବାସଭବନରେ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କ ସମେତ ଉତ୍ତରାଖଣ୍ଡ, ବିହାର ସମେତ ବିଭିନ୍ନ ରାଜ୍ୟର ମନ୍ତ୍ରୀ, ସାଂସଦ ଓ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ଏହି ଅବସରରେ ଡା. ପ୍ରଧାନ ରାଜନୀତିରେ ଛାଡିଥିବା ଛାପ, ତାଙ୍କ ବ୍ୟକ୍ତିତ୍ୱ, କୃତିତ୍ୱ ଏବଂ ସାମାଜିକ, ରାଜନୈତିକ ଦୃଶ୍ୟପଟରେ ତାଙ୍କର ସରଳ ଓ ଅମାୟିକ ବ୍ୟବହାରର ସମସ୍ତେ ସ୍ମୃତିଚାରଣ କରିଥିଲେ ।

## ବିଜେପି କୃଷକ ମୋର୍ଚ୍ଚାର ଡା.ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ବିଜେପିର ବରିଷ୍ଠ ନେତା, ପିତାମହ ତଥା ପୂର୍ବତନ ରାଜ୍ୟ ସଭାପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତଃ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଭୁବନେଶ୍ୱରସ୍ଥିତ ବୁଲନ୍ ନନା ସେବା ଭବନରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି ଯେ, କୃଷି ମନ୍ତ୍ରୀ ରୂପେ ଓଡ଼ିଶାରେ କୃଷିର ଭିତିଭୂମିର ବ୍ୟାପକ ବିକାଶ କରିଥିଲେ ଡା. ଦେବେନ୍ଦ୍ର ପ୍ରଧାନ । ସେ ଓଡ଼ିଶାରେ କୃଷି ବିଜ୍ଞାନ କେନ୍ଦ୍ରର ପ୍ରତିଷ୍ଠାର ମୁଖ୍ୟ ପୁରୋଧା ଥିଲେ । କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଜୀଙ୍କ ସରକାର ଆସିବା ପରେ ଭୂପୃଷ୍ଠ ପରିବହନ ମନ୍ତ୍ରୀ ରୂପେ ଡକ୍ଟର ପ୍ରଧାନ ଓଡ଼ିଶାର ସମସ୍ତ ଜିଲ୍ଲାରେ ଜାତୀୟ ରାଜପଥର ବିସ୍ତାର କରିଥିଲେ । ଏହା ପୂର୍ବରୁ ଓଡ଼ିଶାରେ କେବଳ ମାତ୍ର ୨ଟି ଜାତୀୟ ରାଜପଥ ଯଥା କଲିକତାଠାରୁ ଚେନ୍ନାଇ ଓ କଲିକତାରୁ ମୁମ୍ବାଇ ଥିଲା । ତାଙ୍କ ପ୍ରଚେଷ୍ଟାରେ ଓଡିଶାରେ ବିଜେପି ସଂଗଠନ ମଜଭୁତ ହେବା ସହ ତୃଣମୂଳସ୍ତର ପର୍ଯ୍ୟନ୍ତ ଶକ୍ତିଶାଳୀ



ହୋଇପାରିଥିଲା ବୋଲି ଶ୍ରୀ ସାହୁ କହିଥିଲେ। ରାଜ୍ୟ ସଂପାଦକ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ସଜ୍ଜନ ଶର୍ମା, ଶୁଭ୍ରାଂଶୁ ଶେଖର ପାଢୀ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷୀକେଶ ଜେନା ଓ ପୁଲିନ୍ ପ୍ରକାଶ ପୁହାଣ, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଡ. ଜଗନ୍ନାଥ ମହାପାତ୍ର, କୌଶିକ ଚାନ୍ଦ, କୈଳାସ ବାରିକ, ଅଶୋକ କୁମାର ପୃଷ୍ଟି, ଲକ୍ଷ୍ମୀନାରାୟଣ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ସ୍ୱର୍ଗତଃ ଡ. ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ଜଳ ଦିବସ

## ଏକ ପ୍ରତିବଦ୍ଧ ପୃଥିବୀ ପାଇଁ 'ହିମଖଣ୍ଡ ସଂରକ୍ଷଣ'ର ଆବଶ୍ୟକତା ରହିଛି

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରସ୍ଥିତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନରେ ବୈଜ୍ଞାନିକମାନଙ୍କ ଦ୍ୱାରା 'ବିଶ୍ୱ ଜଳ ଦିବସ' ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କର୍ମଶାଳାରେ ପ୍ରତିଷ୍ଠାନର ବୈଜ୍ଞାନିକମାନେ 'ହିମଖଣ୍ଡ ସଂରକ୍ଷଣ' ଭଳି ସାମ୍ପ୍ରତିକ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ବିଷଦ ଆଲୋଚନା କରିଥିଲେ । କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ମୁଖ୍ୟ ଅତିଥି ଏବଂ କେନ୍ଦ୍ରୀୟ ଭୂତଳ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ଡ. ବି.କେ. ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ପ୍ରତିବଦ୍ଧ ପୃଥିବୀ ପାଇଁ 'ହିମଖଣ୍ଡ ସଂରକ୍ଷଣ'ର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅର୍ଜମାଦତ୍ତ ଷଡ଼ଙ୍ଗୀ, ପ୍ରତିଷ୍ଠାନ ଦ୍ୱାରା ବିକଶିତ ବୈଷୟିକ ଜ୍ଞାନକୌଶଳ ସମ୍ବନ୍ଧରେ ଅବଗତ କରାଇବା ସହିତ ଆଗାମୀ ଦିନରେ




ସେନ୍ସର, ଆଇ.ଓ.ଟି, କୃତ୍ରିମ ବୁଦ୍ଧିମତ୍ତା ତଥା ରିମୋଟ ସେନ୍ସିଙ୍ଗ୍ ଆଦି ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ହିମଖଣ୍ଡ ତଥା ଜଳର ସୁପରିଚାଳନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଉପସ୍ଥିତ ବୈଜ୍ଞାନିକମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି ଅବସରରେ ପ୍ରତିଷ୍ଠାନର ବିଭିନ୍ନ ପ୍ରୋଜେକ୍ଟ ସହିତ ସଂଶ୍ଳିଷ୍ଟ ହୋଇ ଆଧୁନିକ ଜଳସେଚନ ପଦ୍ଧତିକୁ ଆପଣାଇ ଥିବା ସଫଳ କୃଷକମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ସହିତ ବିଶ୍ୱ ଜଳ ଦିବସ ସନ୍ଦର୍ଭରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଡି.ଏ.ଭି ଚନ୍ଦ୍ରଶେଖରପୁରର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ଏହି ଅବସରରେ ଏକ 'ମାସନ ମନ୍ଥନ' କର୍ମଶାଳା ଆୟୋଜନ କରାଯାଇଥିଲା । ଯାହାର ବିଷୟବସ୍ତୁ ଥିଲା 'ଭୂତଳ ଜଳ-ଖାଦ୍ୟ-ଉର୍ଜାର ଜଟିଳ ସଂରଚନାଗତ ସମ୍ପର୍କ: ଆହ୍ୱାନ ଏବଂ ସୁଯୋଗ' । ଏହି କର୍ମଶାଳାରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ବୈଜ୍ଞାନିକମାନଙ୍କ ସହିତ ଅନ୍ତର୍ଜାତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ଭୂତଳ ବୋର୍ଡ, କେନ୍ଦ୍ରୀୟ ଜଳ ଆୟୋଗ, ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ, ଆଇଆଇଟି, ଖଡ଼ଗ୍ପୁର ଓ ଗୌହାଟି, ତାମିଲନାଡୁ, ଜୁନାଗଡ଼, ପଞ୍ଜାବ ଓ ମହାତ୍ମାଫୁଲେ କୃଷି ବିଶ୍ୱବିଦ୍ୟାଳୟ, ଜାତୀୟ କୃଷି ଅର୍ଥନୀତି ଏବଂ ନୀତି ଅନୁସନ୍ଧାନ କେନ୍ଦ୍ର, ଜାତୀୟ ଭୂ-ପଦାର୍ଥ ବିଜ୍ଞାନ ଅନୁସନ୍ଧାନ ପ୍ରତିଷ୍ଠାନ ଆଦିର ବରିଷ୍ଠ ବୈଜ୍ଞାନିକ ଏବଂ ବିଶେଷଜ୍ଞମାନେ ଯୋଗଦେଇଥିଲେ । ଏହି କର୍ମଶାଳାରେ 'ଦେଶର ଭୂତଳ ଜଳର ସ୍ଥିତି ଏବଂ ପରିଚାଳନା', 'ଭୂତଳ-ଖାଦ୍ୟ-ଉର୍ଜାର ପାରସ୍ପରିକ ସମ୍ପର୍କ' ଏବଂ 'ଭୂତଳ ଜଳର ଗୁଣବତ୍ତା ତଥା ଜଳ ପରିଚାଳନାର ଶାସନ ଓ ନୀତି' ଆଦି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଦେଶକୁ କୃଷି ଜଳ ଅଭାବ ସ୍ଥିତିରୁ ବଞ୍ଚାଇବା ପାଇଁ ବିଭିନ୍ନ ରଣନୀତି ଉପରେ ବିଚାରବିମର୍ଶ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ପରିଚାଳନା ସଂସ୍ଥାନର ପ୍ରଧାନ ବୈଜ୍ଞାନିକ ଡ. ସୁଶାନ୍ତ କୁମାର ଜେନା କରିଥିଲେ ।

### ଭକ୍ତ ଦାସିଆ ପୀଠରେ ସର୍ବାଙ୍ଗୀନ ଉନ୍ନୟନ ନିମନ୍ତେ ସମୀକ୍ଷା ବୈଠକ

## ୧୮ଗୋଟି ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ମାସିକ ପ୍ରସ୍ତାବ ଗୃହୀତ

ଭୁବନେଶ୍ୱର (ସବ୍ୟୁ): ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ, ପୁରୀ ଜିଲ୍ଲାର ପିପିଲି ବ୍ଲକ୍ ଅର୍ନ୍ତଗତ ବାଲିଗାଁର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକରେ ୧୮ଗୋଟି



ପ୍ରକଳ୍ପର ପ୍ରସ୍ତାବ ଗୃହୀତ ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ପିପିଲି ଡେଲାଙ୍ଗର ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଦୃଷ୍ଟି ଆର୍କଷଣ କରାଯାଇଅଛି । ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗରୁ ଏଥି ମଧ୍ୟରେ ଚଳିତ ଆର୍ଥିକ ବର୍ଷରେ ମୋଟ ୨ କୋଟି ଟଙ୍କା ଆର୍ଥିକ ଅନୁଦାନ ମିଳିଥିବାରୁ ଉପସ୍ଥିତ ସଦସ୍ୟମାନେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡ଼ା ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ ଭୂୟସି ପ୍ରଶଂସା କରିଥିଲେ । ଭୁବନେଶ୍ୱର ସହୀଦ ନଗରର ବିଷ୍ଣୁମନ୍ଦିରର ସଭାଗୃହରେ ଆୟୋଜିତ ଉକ୍ତ ସମୀକ୍ଷା ବୈଠକରେ ଅନୁଷ୍ଠାନର ସଭାପତି ଡଃ. ପ୍ରତିଭା ମହାରଥୀ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାକ୍ତନ ଯନ୍ତ୍ରୀ ମୁଖ୍ୟ ଇଂ. ଦେବ ନାରାୟଣ ପାଲ, କିଟ୍ ୨ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଚିତ୍ତ ରଞ୍ଜନ ମିଶ୍ର, ଇଂ ବସନ୍ତ କୁମାର ମିଶ୍ର, ଇଂ ସୁରେନ୍ଦ୍ର କୁମାର ନାଥ ପଣ୍ଡା ପ୍ରମୁଖ ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଐତିହ ପୁଷ୍କରଣୀ ଗୋଠଗଡ଼ିଆ, ରନ୍ଚିରା ନଦୀରେ ନୌକା ବିହାର, ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଗଣରେ ଆନନ୍ଦ ବଜାର, କମ୍ୟୁନିଟ୍ ହଲ, ଭକ୍ତ ନିବାସ, ଯାତ୍ରୀବାହୀ ବସର ପାର୍କିଙ୍ଗ, ଭକ୍ତ ଦାସିଆଙ୍କ ଅଲୌକିକତାର ଆଧାରରେ ମିୟୁଜିୟମ, ତୁଳସୀ ଉଦ୍ୟାନର ଉନ୍ନତିକରଣ, ଗୁଣ୍ଡିଚା ଘର, ସ୍ନାନମଣ୍ଡପର ନବିକରଣ ଆଦି ବିଭିନ୍ନ ୧୮ ଗୋଟି ପ୍ରକଳ୍ପର ଉନ୍ନୟନ ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆର୍କଷଣ କରିଛନ୍ତି । ପୀଠକୁ ଜାତୀୟ ରାଜପଥରୁ ସଂଯୋଗ କରିଥିବା ସଡ଼କ ରାସ୍ତାର ପ୍ରସସ୍ତିକରଣ, ଭକ୍ତ ଦାସିଆ ପୀଠ ପରିସର ତଥା ରାସ୍ତାର ଉଭୟ ପାର୍ଶ୍ୱରେ ବିଦ୍ୟୁତ ଆଲୋକିକରଣ କରାଗଲେ ସ୍ଥାନୀୟ ୫୦ ହଜାର ଗ୍ରାମବାସୀ ତଥା ଓଡ଼ିଶା ଓ ଦେଶ ବିଦେଶରୁ ଆସୁଥିବା ବହୁ ପର୍ଯ୍ୟଟକମାନଙ୍କ ସୁବିଧା ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତପୋଷଣ କରିଥିଲେ । ଉକ୍ତ ଆଲୋଚନାର ପ୍ରାରମ୍ଭରେ ବିଶିଷ୍ଟ ସଂଗୀତକାର ଅଜୟ ଦାସ, ଆର୍ନ୍ତଜାତିକ ବଂଶୀବାଦକ ପର୍ଶୁରାମ ଦାସ ଶ୍ରୀଜଗନ୍ନାଥଙ୍କ ସଂଗୀତ ପରିବେଷଣ କରିଥିବାବେଳେ ଅନୁଷ୍ଠାନର ସାଧାରଣ ସଂପାଦକ ଡଃ ଘନଶ୍ୟାମ ସ୍ୱାଇଁ ଅନୁଷ୍ଠାନର ଆୟବ୍ୟୟ ବିବରଣୀ ଉପସ୍ଥାପନ କରି ଅନୁଷ୍ଠାନର ନୂତନ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଆଲୋଚନାରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅର୍ଜ୍ଜୁନ ଚରଣ ସାମଲ, ଡ଼କ୍ଟର ଦୁର୍ଗାପ୍ରସାଦ ମିଶ୍ର, ଦିଲ୍ଲିପ କୁମାର ଦ୍ୱିବେଦୀ, ଲକ୍ଷ୍ମୀନାରାୟଣ ଦାସ, ପଞ୍ଚାନନ ନାୟକ, ସମାଜସେବୀ ମନୋରମା ମହାପାତ୍ର, ସପନ କୁମାର ଦାସ, ତ୍ରିନାଥ ଲେଙ୍କା, ବୃନ୍ଦାବନ ମହାପାତ୍ର, ଗୋପାଳ ବଳ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସାଂସ୍କୃତିକ ସଂପାଦକ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ପାଣିକୋଇଲି,(ସବ୍ୟୁ) :କୋରେଇ ବ୍ଲକ ତଥା ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ଗ୍ରାମରେ ଆଜି ଜଣେ ଶ୍ରମିକର ଅସ୍ୱାଭିକ ଭାବେ ମୃତ୍ୟୁ ଘଟିଛି । ଏନେଇ ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଏଏସଆଇ ସୁଜିତ କୁମାର ମଲ୍ଲିକ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛନ୍ତି । ପ୍ରକାଶଯେ କେଉଁଝର ଜିଲ୍ଲା ରାଇମୁଣା ଥାନା ଅନ୍ତର୍ଗତ ବାରଗାଁ ଗ୍ରାମର ରତ୍ନାକର ସାରୁଙ୍କ ପୁଅ ରାଜେନ୍ଦ୍ର ସାରୁ (୩୫) ଆସି ତଣ୍ଡରା ଗ୍ରାମରେ ଦିନମଜୁରିଆ ଶମ୍ରିକ ଭାବେ କାମ କରୁଥିଲା । ତାର ପୂର୍ବରୁ ବାତ ରୋଗ ଥିଲା । ସୋମବାର ରାତ୍ରୀରେ ତାର ହଠାତ ବାତ ବାହାରିବାରୁ ତାକୁ ଯାଜପୁର ଜିଲ୍ଲା ମୁଖ୍ୟାଳୟ ଛିକିସ୍ୱାଳୟରେ ଭର୍ତି କରାଯାଇଥିଲା ।

## ବ୍ୟବସାୟୀଙ୍କୁ ହାଣି ନେଇଗଲେ ନଗଦ ଟଙ୍କା, ସୁନାଗହଣା

ଭୁବନେଶ୍ୱର, (ସବ୍ୟୁ) : ଗତ କିଛିଦିନ ହେବ ଟୁଟୋଣ୍ଟି ପଲସର ଲୁଟେରା ରାଜଧାନୀରେ ଆତଙ୍କ ଖେଳାଉଛନ୍ତି । ଗୋଟିଏ ଦିନରେ ୬ଟି ଲୁଟ୍‌ପାଟ କରିଥିବା ବେଳେ ପୁଣି ସୋମବାର ବିଳମ୍ବିତ ରାତିରେ ରାଜମହଲ ଛକରେ ଜଣେ ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣି ୧ଲକ୍ଷ ୭୦ ହଜାର ଟଙ୍କା, ସୁନାଚେନ ଓ ବ୍ରାସ୍‌ଲେଟ୍ ଲୁଟି ନେଇଛନ୍ତି । ଦୁଇ ଲୁଟେରା ଲୁଟ୍ କରି ପଳାଇବା ପରେ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ନାୟକ ରକ୍ତ ଜୁଡୁବୁଡୁ ହୋଇ ତାଙ୍କ ସ୍କୁଟର ଯୋଗେ କ୍ୟାପିଟାଲ ଥାନାକୁ ଯାଇଥିଲେ ।

ସୋମବାର ରାତି ପ୍ରାୟ ଗୋଟାଏ ୧୫ ହେବ । ପୂର୍ଣ୍ଣଚନ୍ଦ୍ର ଏକନମ୍ବର ହାଟରେ ଥିବା ତାଙ୍କ ପୂଜା ସାମଗ୍ରୀ ଦୋକାନ ବନ୍ଦ କରି ଗଡଗଡ ବିଟ୍ କଲୋନୀ ଘରକୁ ଫେରୁଥିଲେ । ସେ ସ୍କୁଟରରେ ଯାଉଥିବା ବେଳେ ଠିକ୍ ରାଜମହଲ ଛକ ଉପରେ ତାଙ୍କୁ ଧକ୍କା ମାରିବାରୁ ସେ ତଳେ ପଡିଯାଇଥିଲେ । ଜଣେ ଖଣ୍ଡାରେ ଆକ୍ରମଣ କରୁଥିବା ବେଳେ ଆଉ ଜଣେ ଗାଡି ଡିକିରେ ଥିବା ୧ଲକ୍ଷ ୭୦ ହଜାର ଟଙ୍କା କାଢି ନେଇଥିଲା । ଏହାପରେ ତାଙ୍କ ହାତରୁ ବ୍ରାସ୍‌ଲେଟ୍ ଓ ବେକରୁ ଚେନ୍ ନେଇଯାଇଥିଲେ । ରାଜମହଲ ଛକ ଠିକ୍‌ଠାକ୍ ଜଳୁନଥିବାରୁ ପରିବେଶ ସମ୍ପୂର୍ଣ୍ଣ ଅନ୍ଧାର ଥାଏ । କୌଣସି ପୋଲିସ ଗାଡି ମଧ୍ୟ ସେଠାରେ ନଥିଲା । ସମ୍ପୂର୍ଣ୍ଣ ଅନ୍ଧାର ହୋଇଥିବାରୁ ସେହି ଲୁଟେରା ଦୁଇଜଣଙ୍କୁ ସେ ଠିକ୍ ଭାବେ ଚିହ୍ନପାରି ନଥିବା କହିଛନ୍ତି । କିନ୍ତୁ ତାଙ୍କ ବାଇକ୍ ପଲସର ଥିଲା ବୋଲି ପୂର୍ଣ୍ଣଚନ୍ଦ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଲୁଟେରା ଘଟଣାସ୍ଥଳରୁ ଯିବା ପରେ ସେ ରକ୍ତ ଜୁଡୁବୁଡୁ ହୋଇ କ୍ୟାପିଟାଲ ଥାନାକୁ ଯାଇଥିଲେ । ପୋଲିସ ତାଙ୍କୁ ଚିକିତ୍ସା ପାଇଁ ନେବା ପରେ ଅଭିଯୋଗ ଗ୍ରହଣ କରିଥିଲା । ପଲସର ଲୁଟେରା ଗୋଟିଏ ଦିନରେ ୬ଟି ଲୁଟ୍ କରିବା ପରେ ପୋଲିସ ଦ୍ୱାରା ଗିରଫ ନହେବାରୁ ଉତ୍ପାତ ଜାରି ରାଖିଛନ୍ତି । ସେ ଦୁଇଜଣ ରାଜ୍ୟ ବାହାରର ଅପରାଧୀ ହୋଇଥାଇ ପାରନ୍ତି ବୋଲି ଜଣେ ପୋଲିସ ଅଫିସର କହିଛନ୍ତି ।

## ପୁସ୍ତକ 'ଚେଜିଂ ଦ ଷ୍ଟାରସ୍: ଡବଲ୍-ଏଡ଼ଜଡ୍ ସୋର୍ଡ଼ ଅଫ୍ ମର୍ଡ଼ନ୍ ସକ୍ସେସ୍' ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ମାନବ ସମ୍ବଳ ବିଭାଗରେ ଜଣାଶୁଣା ବ୍ୟକ୍ତିତ୍ୱ ସମ୍ବିତ ପଟ୍ଟନାୟକ ନିଜର ପ୍ରଥମ ପୁସ୍ତକ 'ଚେଜିଂ ଦ ଷ୍ଟାରସ୍ ଡବଲ୍-ଏଡ଼ଜଡ୍ ସୋର୍ଡ଼ ଅଫ୍ ମର୍ଡ଼ନ୍ ସକ୍ସେସ୍' ଉନ୍ମୋଚନ କରିଛନ୍ତି । ଆୟୋଜିତ ଭବ୍ୟ ପୁସ୍ତକ ଉନ୍ମୋଚନ ଅବସରରେ ପ୍ରଖ୍ୟାତ ଭାଷାବିତ୍ତ ପଦ୍ମଶ୍ରୀ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ସହ ବିଭିନ୍ନ ମହଲରୁ ବୁଦ୍ଧିଜୀବୀ ତଥା ବିଶେଷ ଅତିଥିମାନେ ଯୋଗ ଦେଇଥିଲେ । ଏହା ସହ



ପରସୋନେଲ୍ ମ୍ୟାନେଜମେଣ୍ଟ୍, ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ସ, ୱିମେନ୍ ଷ୍ଟଡ଼ିଜ୍ କ୍ଷେତ୍ରରେ ପ୍ରମୁଖ ଯୋଗଦାନ କରିଥିବା ଡଃ ବିଜନ୍ ବାସିନୀ ମହାନ୍ତି, ଜଣାଶୁଣା ରାଜନେତା ବିଷ୍ଣୁବ୍ରତ ରାଉତରାୟ ଏବଂ ବିଶିଷ୍ଟ ଲେଖକ ଡଃ ପ୍ରଦୀପ କୁମାର ଦାସ, ଲେଖକଙ୍କ ପିତା ସୁବୋଧ କୁମାର ପଟ୍ଟନାୟକ ମଧ୍ୟ ଯୋଗ ଦେଇଥିଲେ । ଆଜି ସଫଳତା ପଛରେ ସାରା ଦୁନିଆ ଦୌଡୁଛି, କାର୍ଯ୍ୟକ୍ଷେତ୍ରରେ ଉତ୍କୃଷ୍ଟତା ପାଇବା ବେଳେ ବ୍ୟକ୍ତିଗତ ବଳିଦାନ ଯୋଗୁଁ ଆଧୁନିକ ସଫଳ ଜୀବନ ଜଟିଳ ହୋଇପଡ଼ିଛି । ଏମିତିରେ ଯେଉଁମାନେ ଜୀବନର ଏହି ଜଟିଳତାକୁ ହୃଦୟଙ୍ଗମ କରି କେବଳ ସଫଳ ନୁହେଁ ଏକ ଅର୍ଥପୂର୍ଣ୍ଣ ଜୀବନ ଅତିବାହିତ କରିବାକୁ ଆଗଭର ସେମାନଙ୍କ ଉଦ୍ଦେଶ୍ୟରେ ରହିଛି ଏହି ପୁସ୍ତକ ।

## ଗଜପତିରୁ ବେଆଇନ ଗ୍ରାନାଇଟ୍ ଚୋରା ଚାଲାଣ

# ଟିପ୍ପର ଜବତ, ୧.୬ ଲକ୍ଷ ଜରିମାନା

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାରୁ ବେଆଇନ ଭାବେ ଗ୍ରାନାଇଟ୍ ଚାଲାଣ କରୁଥିବା ଏକ ଟିପ୍ପରକୁ ଖଣି ବିଭାଗ ତରଫରୁ ୧ଲକ୍ଷ ୬ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଜିଲ୍ଲା ଖଣି ଅଧିକାରୀ ଦୀପେନ୍ ପରିଡା ଏହି ସୂଚନା ପ୍ରଦାନ କରିଛନ୍ତି । ସୂଚନା ମୁତାବକ ଗୋଷାଣି ବ୍ଲକ ଅନ୍ତର୍ଗତ ଏମଏସ୍ପୁର ଗ୍ରାମ ନିକଟରେ ଥିବା ଏକ ପାହାଡରୁ ଏପି ୩୧ ଟିଏ ୦୦୫୯ ନମ୍ବର ବିଶିଷ୍ଟ ଏସଭିଡିଏଲ୍ଏସ୍ ସଂସ୍ଥାର ଟିପ୍ପର ବେଆଇନ ଭାବେ ବଡ ବଡଗ୍ରାନାଇଟ ପଥର ଚାଲାଣ କରୁଥିଲା। କୌଣସି ସୂତ୍ରରୁ ଖବର ପାଇ ଜିଲ୍ଲା ଖଣି ଅଧିକାରୀ ପାରଳାଖେମୁଣ୍ଡି ସହରର ଉପକଣ୍ଠସ୍ଥ ଯାଜପୁର ଗ୍ରାମ ନିକଟରେ ଟିପ୍ପରଟିକୁ ଅଟକାଇ ଯାଞ୍ଚ କରିଥିଲେ। ଟିପ୍ପର ନିକଟରେ ଗ୍ରାନାଇଟ୍ ପଥର ଚାଲାଣ ନିମନ୍ତେ କୌଣସି କାଗଜପତ୍ର ନଥିଲା । ତୁରନ୍ତ ଉକ୍ତ ଟିପ୍ପରଟିକୁ ଜବତ କରି ପାରଳାଖେମୁଣ୍ଡି ଆଦର୍ଶ ଥାନାର ଜିମା ଦେବା ସହ ୧ ଲକ୍ଷ ୬ ହଜାର ଟଙ୍କା ଜୋରିମାନା ଭରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ସୁନା ଚେନ୍ ଝାମ୍ପିବାବେଳେ ତଳେ ପଡି ଦମ୍ପତି ଆହତ



ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାରେ ପୁଣି ଲୁଟେରା ମାନେ ସକ୍ରିୟ ହୋଇ ଉଠିଛନ୍ତି । ଗତକାଲି ଭୁଷକୁଡ଼ି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବୈରାଗୀ (୭୦) ସ୍ତ୍ରୀ ଜାନକୀଆମ୍ମାଙ୍କ ସହ ଚିକିତ୍ସା ନିମନ୍ତେ ଗୋଟିଏ ସ୍କୁଟିରେ ପାରଳା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଡାକ୍ତର ପରାମର୍ଶ ପରେ ଗ୍ରାମକୁ ଫେରୁଥିବା ବେଳେ ସାତମାଇଲ ଛକ ନିକଟରେ ତାଙ୍କ ପଛରେ ବାଇକ୍ ଯୋଗେ ଆସୁଥିବା ଜଣେ ଦୁର୍ବୃତ୍ତ ଜାନକୀ ଆମ୍ମାଙ୍କ ବେକରେ ଥିବା ତିନି ତୋଳା ଓଜନର ସୁନାହାର ଝାମ୍ପି ନେଇ ଦ୍ରୁତଗତିରେ ସାତମାଇଲ ପଟକୁ ଚମ୍ପଟ ମାରିଥିଲା। ହାର ଛିଡ଼ାଇବା ସମୟରେ ଟାଣି ହୋଇଯିବାରୁ ବୈରାଗୀ ଗାଡ଼ି ଉପରୁ ଭାରସାମ୍ୟ ହରାଇଥିଲେ ଏବଂ ସ୍ୱାମୀ, ସ୍ତ୍ରୀ ଉଭୟେ ତଳେ ପଡ଼ି ଆହତ ହୋଇଥିଲେ। ଖବର ପାଇ ଗୁରାଣ୍ଡି ଥାନାଧିକାରୀ ଓମ ନାରାୟଣ ପାତ୍ର ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଦମ୍ପତିଙ୍କୁ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ପାରଳାଖେମୁଣ୍ଡି ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ସେମାନଙ୍କୁ ଭର୍ତ୍ତି କରାଯାଇଛି। ସିସିଟିଭି ଫୁଟେଜ ଯାଞ୍ଚ ସହ ପୁଲିସ ତଦନ୍ତ ଜାରି ରଖିଛି । କିଛି ମାସ ତଳେ ସେହି ଏକା ସ୍ଥାନରେ ବାଇକରେ ଯାଉଥିବା ଅନ୍ୟ ଜଣେ ବୟସ୍କ ଦମ୍ପତିଙ୍କ ଠାରୁ ଠିକ୍ ସେହିଭଳି ପଛରୁ ବାଇକରେ ଆସୁଥିବା ଜଣେ ଦୁର୍ବୃତ୍ତ ସୁନାହାର ଝାମ୍ପି ନେଇଥିଲା ।

## ପୋଷ୍ଟ ଅଫିସ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

# ଜଣେ ଗିରଫ, ୩ ଫେରାର

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଲନ୍ଥରା ଥାନା ଅଞ୍ଚଳର ଗୋଲନ୍ଥରା ଗ୍ରାମରେ ଅବସ୍ଥିତ ମୁଖ୍ୟ ଡାକଘରେ ଆଜି ଗୋଲନ୍ଥରା ଚଟି ସ୍ଥିତ ନୂଆ ସାହିର କିଛି ଯୁବକ ଡାକ କାର୍ଯ୍ୟାଳୟ ଭିତରେ ପଶି ଦୁଇ ଜଣ କର୍ମଚାରୀ ଯଥା ରବୀନ୍ଦ୍ର ନାହାକ ଏବଂ ବିକ୍ରମ ନାହାକଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁ ଲୁହାଣ କରିଛନ୍ତି। ସୂଚନା ପ୍ରକାରେ ପୋଷ୍ଟ ମାଷ୍ଟର ଅର୍ଚ୍ଚନା କୁମାରୀ ପାତ୍ରଙ୍କ ଲିଖିତ ଅଭିଯୋଗ ଅନୁସାରେ ଆଜି ସନ୍ଧ୍ୟା ପାଞ୍ଚଟା ସମୟରେ ନୂଆ ସାହି ସ୍ଥିତ ମିଥୁନ ଗୌଡ଼, ଆକାଶ ଖୁଣ୍ଟିଆ, ବଳିଆ ସାହୁ ଏବଂ ସିପୁନ ଗୌଡ଼ ନାମକ ଚାରି ଜଣ ଯୁବକ ଡାକ ଘର ନିକଟକୁ ଆସି କୌଣସି କାରଣରୁ ଉପସ୍ଥିତ ଥିବା କର୍ମଚାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରେ ମାରିବାକୁ ଉଦ୍ୟମ କରିଥିଲେ। ଅନ୍ୟ କର୍ମଚାରୀ ମାନେ ଏହାର ପ୍ରତିବାଦ କରିବାରୁ ସେମାନେ ଫେରି ଆସି କିଛି ସମୟ ପରେ ହାତରେ ଲୁହା ରଡ଼ ସହ ଖଣ୍ଡା ଧରି ପୁଣି ଡାକ ଘର ଭିତରେ ପଶି ଦୁଇ କର୍ମଚାରୀ ରବୀନ୍ଦ୍ର ନାହାକ ଏବଂ ବିକ୍ରମ ନାହାକଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ଉକ୍ତ ଦୁଇ ଜଣ ଆହତ ହୋଇ ଚିତ୍କାର କରିବାରୁ ଗୋଲନ୍ଥରା ଗ୍ରାମର କିଛି ଭଦ୍ର ବ୍ୟକ୍ତି ରୁଣ୍ଡ ହୋଇଯିବାରୁ ଆସାମୀ ମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥଲେ। ସ୍ଥାନୀୟ ଗୋଲନ୍ଥରା ଥାନା ପୋଲିସ ଖବର ପାଇ ଘଟଣା ସ୍ଥଳରେ ତୁରନ୍ତ ପହଂଚି ପରିସ୍ଥିତି ଉପରେ ଦୃଷ୍ଟି ରଖିବା ସହ ଅଭିଯୁକ୍ତ ମାନଙ୍କ ପିଛା କରି ମିଥୁନ ଗୌଡ଼ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହେବା ସହ ଅନ୍ୟ ତିନି ଅଭିଯୁକ୍ତଙ୍କୁ ଅତିଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ମହିଳାଙ୍କୁ ଧକ୍କା ମାରି ଚେନ୍ ଲୁଟ ଘଟଣାରେ ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ପ୍ରାତଃ ଭ୍ରମଣରେ ଯାଉଥିବା ଜଣେ ମହିଳାଙ୍କୁ ଧକ୍କା ମାରି ତାଙ୍କ ଠାରୁ ସୁନା ଚେନ ଲୁଟ ଘଟଣାରେ ବଡବଜାର ଥାନା ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଧରିଛି। ବମ ଏହି ୩ ଜଣ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଗିରଫ ୨ ଯୁବକ ହେଲେ ପାତ୍ରପେଟା ସାହି ୨ୟ ଲାଇନର ସେଖ ଜାହିଦ(୧୯) ଓ ସେଖ୍ ବାବୁ(୧୯)ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ୧୭ ବର୍ଷୀୟ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହଜାର କରାଯାଇଛି । ପରେ ସଂପୃକ୍ତ ନାବାଳକଙ୍କୁ ବାଳସୁଧାର ଗ୍ରହକୁ ପଠାଇ ଦିଆଯାଇଥିଲା। ପ୍ରକାଶ ଯେ, ବଡବଜାର ଥାନା ଅନ୍ତର୍ଗତ ହାଉସିଂବୋର୍ଡ ତୃତୀୟ ଲାଇନର କେ. ରଜନୀ(୬୪) ଶନିବାର ଭୋର ସାଢେ ୫ଟା ବେଳେ ପ୍ରାତଃଭ୍ରମଣରେ ଯାଉଥଲେ। ସେ ଶିବାଶକ୍ତି ହଲ ମୁଖ୍ୟ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଉପରୋକ୍ତ ୨ ଅଭିଯୁକ୍ତ ଏକ ବାଇକରେ ଆସି ତାଙ୍କୁ ଅଟକାଇ ସେ ପିନ୍ଧିଥିବା ସୁନା ଚେନ ମାଗିଥିଲେ। ରଜନୀ ସୁନା ଚେନ ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଧକ୍କା ମାରିଥିଲେ। ରଜନୀ ତଳେ ପଡ଼ିଯିବାରୁ ଅଭିଯୁକ୍ତମାନେ ତାଙ୍କ ବେକରୁ ସୁନା ଚେନକୁ ଲୁଟି ନେଇଥିଲେ। ଘଟଣାକୁ ନେଇ ରଜନୀ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ପୋଲିସ ପ୍ରଥମେ ଚେନ ଲୁଟ କରିଥିବା ୨ ଜଣ ଅଭିଯୁକ୍ତଙ୍କୁ କାବୁ କରିବା ପରେ ଲୁଟ କରାଯାଇଥିବା ଚେନ୍ ଲୁଚାଇ ରଖିଥିବା ଆଉ ଜଣେ ଅଭିଯୁକ୍ତଙ୍କୁ କାବୁ କରିଥିଲା ବୋଲି କହିଛି।

# ପିପୁଲ୍ସ କଲେଜରେ କ୍ୟାରିୟର କାଉନସେଲିଂ, କମ୍ପ୍ୟୁଟର ଆୱାରନେସ୍ କାର୍ଯ୍ୟକ୍ରମ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ପିପୁଲ୍ସ କଲେଜରେ କ୍ୟାରିୟର କାଉନସିଲିଂ ଏବଂ କମ୍ପ୍ୟୁଟର ଆୱାରନେସ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ସଭାଗୃହରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଉଦଘାଟନ କରିଥିବା ବେଳେ ଏଥିରେ କ୍ୟାରିୟର କାଉନସିଲିଂ କୋଅର୍ଡିନେଟର ଅଧ୍ୟାପକ ଆତ୍ମପ୍ରକାଶ ନାୟକ ଓ କୋ-କୋଅର୍ଡିନେଟର ଅଧ୍ୟାପକ ଚୌଧୁରୀଙ୍କ ସମେତ ଅଧ୍ୟାପକ ଜୟରାମ ବିଷୋୟୀ, ପ୍ରଦୀପ କୁମାର ଦାଶ, ହିମାଂଶୁ ଶେଖର ରଥ, ଦିଲ୍ଲୀପ ସାହୁ, ଶଙ୍କର ପରିଡା ଓ ଅଧାପିକା ରଶ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ୩ର ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏଥିରେ ସାଧନ କର୍ମୀ ଭାବେ ଛତ୍ରପୁରସ୍ଥ ଓକେସିଏଲ୍ ସଂଯୋଜିକା ରେଖା ମହାନ୍ତି ଏବଂ ସ୍ଥାନୀୟ ଶ୍ରେୟାମ୍ କମ୍ପ୍ୟୁଟର ଏଡୁକେସନ କୋଅର୍ଡିନେଟର ଲକ୍ଷ୍ମୀ ସ୍ୱାଇଁ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟନିର୍ବାହର ସଠିକ୍ ପନ୍ଥା ଗ୍ରହଣ ନିମନ୍ତେ ଆବଶ୍ୟକୀୟ ସୁପରାମର୍ଶ ପ୍ରଦାନ କରିଥିଲେ। ଏଥି ସହ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବା ସକାଶେ କମ୍ପ୍ୟୁଟର ସଚେତନତା ଜରୁରୀ ବୋଲି ମତବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀଙ୍କୁ ଏ ଦିଗରେ ସଚେତନ କରିଥିଲେ। ଏ ଅବସରରେ କଲେଜ ପରିସରରେ ନଲେଜ୍ ସେଣ୍ଟର ଖୋଲିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

## ଗଜପତିରେ ଦୁଇ ଶିଶୁଙ୍କ ମୃତ୍ୟୁ ଘଟଣାର ନୂଆ ମୋଡ଼

# ସନ୍ଦେହ ଘେରରେ ସାବତ ମା’ : ତଦନ୍ତକୁ ଜୋରଦାର କଲା ପୋଲିସ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ରାମଗିରି ଥାନା ତୁଳସୀନଗର ଗାଁ ଅଙ୍ଗନବାଡ଼ି କେନ୍ଦ୍ରରୁ ମିଳିଥିବା ଖାଦ୍ୟ ଖାଇ ୨ ଶିଶୁକନ୍ୟା ପ୍ରାଣ ହରାଇବା ସହ ୨ ଜଣ ଅସୁସ୍ଥ ହେବା ଘଟଣାରେ ନୂଆ ମୋଡ଼ ନେଇଛି । ପୁଲିସ ଓ ପ୍ରାଶାସନିକ ଟିମ୍ ଖୋଳତାଡ଼ ଆରମ୍ଭ କରିଛନ୍ତି। ଗଜପତି ଏସପି ଯତୀନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ରା.ଉଦୟଗିରି ତହସିଲଦାର ଜ୍ୟୋତିର୍ମୟ ଦାସ, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ମନୋରମା ଦେବୀ, ରା.ଉଦୟଗିରି ସିଡିପିଓ ଲଳିତା ପୂଜାରୀ, ଫୁଡ୍ ଇନ୍ସପେକ୍ଟର ପ୍ରମୁଖ ରାମଗିରି ଯାଇ ବିଭିନ୍ନ ଦିଗରୁ ତଦନ୍ତ କରିଛନ୍ତି। ପରୀକ୍ଷା ପାଇଁ ଖାଦ୍ୟ ନମୁନା ପଠାଯାଇଛି । ସେମାନେ ଛତୁଆ ନୁହେଁ, ପିଲାଙ୍କ ପ୍ରି-ମିକ୍ସ ଖାଦ୍ୟ ଖାଇଛନ୍ତି । ଏ ସବୁକିଛି ତଥ୍ୟ ପାଇବା ପରେ ଜିଲ୍ଲାପାଳ ବିଜୟ କୁମାର ଦାସ ପରୀକ୍ଷା ପାଇଁ ପଠାଇଛନ୍ତି । ପରୀକ୍ଷଣ ରିପୋର୍ଟ ଆସିଲେ ଏଥିରେ କଣ ମିଶା ଯାଇଥିଲା ଜଣାପଡ଼ିବ ବୋଲି କୁହାଯାଇଛି। ଏହାସହ ପ୍ରାଶାସନିକ ଅଧିକାରୀମାନେ ରାମଗିରି ହାଟପଦା ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପାରିପାର୍ଶ୍ୱକ ସ୍ଥିତି ପରଖିଛନ୍ତି । ତେବେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ସୂଚନା ମୁତାବକ, ପୀଡ଼ିତ ପରିବାରର ପିଲାଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ କୌଣସି ଛତୁଆ ଦିଆଯାଇ ନଥିଲା। ଏହା ଏକ ପ୍ରି-ମିକ୍ସ ଖାଦ୍ୟ, ଅଟା ଓ ବେସନର ମିଶ୍ରଣ ଥିଲା। ଏହା କେବଳ ଶରୀର ଓଜନ କମ୍ ଥିବା ପିଲାଙ୍କୁ ଦିଆଯାଏ। ଏହି ଖାଦ୍ୟ ସେଦିନ କେନ୍ଦ୍ରର ସମୁଦାୟ ୨୩ ଜଣ ଶିଶୁଙ୍କୁ ଦିଆଯାଇଥିଲା। ୨୦ଜଣ ଶିଶୁଙ୍କୁ କିଛି ହୋଇନଥିଲା ହେଲେ ଗୋଟିଏ ପରିବାରର ଶିଶୁଙ୍କ ମୃତ୍ୟୁ ଘଟିଥିଲା । ଏନେଇ ସନ୍ଦେହରେ ପୁଲିସ, ଡାକ୍ତରୀ ଟିମ୍, ପ୍ରାଶାସନିକ ଅଧିକାରୀଙ୍କ ଖୋଳତାଡ଼ କରିବା ସହ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। କିଛି ଛତୁଆ ପ୍ୟାକେଟ୍ ନମୁନା ଓପୀଡ଼ିତ ପରିବାରଙ୍କ ଘରେ ରନ୍ଧା ଯାଇଥିବା ଛତୁଆ ସଂଗ୍ରହ ହୋଇଛି । ଘଟଣା ପରେ ପୀଡ଼ିତ ପରିବାର ଏହି ରନ୍ଧା ଛତୁଆକୁ ଗୋବର ଗଦାରେ ପୋତି ଦେଇଥିଲେ। ଏହାକୁ ମଧ୍ୟ ଫୁଡ୍ ଇନ୍ସପେକ୍ଟର ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ପରୀକ୍ଷଣ ରିପୋର୍ଟ ଆସିଲେ ଏଥିରେ କଣ ମିଶା ଯାଇଥିଲା, ଜଣାପଡ଼ିବ ବୋଲି କୁହାଯାଇଛି। ଏହାସହ ପ୍ରାଶାସନିକ ଅଧିକାରୀ ହାଟପଦା ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପାରିପାର୍ଶ୍ୱକ ସ୍ଥିତି ପରଖିଛନ୍ତି। ଶିବଶଙ୍କର ବଡମୁଣ୍ଡିଙ୍କ ପ୍ରଥମ ସ୍ତ୍ରୀର ଝିଅ ତୁଳସୀ ଓ ତାଙ୍କ ୨ ଭଉଣୀ ଗୁଣମତି (୩ ବର୍ଷ), ସୁମିତ୍ରା (୧୨ ବର୍ଷ) ଓ ବାପା ଅର୍ଜୁନ ଏହି ଖାଦ୍ୟ ଖାଇ ଗୁରୁତର ହେବାସହ ୨ ଜଣ ଶିଶୁକନ୍ୟା ମୃତ୍ୟୁବରଣ କରିଥିଲେ। ତେଣୁ ଶିବଶଙ୍କରଙ୍କ ଦ୍ୱିତୀୟ ପତ୍ନୀଙ୍କ ଭୂମିକା ନେଇ ତଦନ୍ତକାରୀ ଟିମ୍ ସନ୍ଦେହ ବଢ଼ିଛି। ଏହି କାରଣରୁ ତାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ପାରଳାଖେମୁଣ୍ଡି ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତରୀ ଟିମ୍ ଓ ପ୍ରାଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସାବତ ମା’ଙ୍କୁ ପଚରାଉଚରା କରାଯାଇଛି। ଶବ ବ୍ୟବଚ୍ଛେଦ ପରେ ଦୁଇ ଶିଶୁ କନ୍ୟାଙ୍କ ମୃତ ଶରୀର ହସ୍ତାନ୍ତର ବେଳେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ବିବାହିତା ମହିଳାଙ୍କୁ ଦୁଷ୍କର୍ମ

# ଥାନାରୁ ମିଳିଲାନି ନ୍ୟାୟ, ଦକ୍ଷିଣାଞ୍ଚଳ ଆଇଜିଙ୍କ ଦ୍ୱାରସ୍ଥ ହେଲେ ମହିଳା

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ କରସିଙ୍ଗି ଗ୍ରାମ ଗୁଡିସାହିର ଜନୈକ ବିବାହିତା ମହିଳାଙ୍କୁ ସେହି ଗ୍ରାମର ନିରଞ୍ଜନ ଗୌଡ ଦୁଷ୍କର୍ମ କରିଥିବା ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୧୮୭/୨୫ରେ ଏକ ମାମଲା ରୁଜୁ କରିଥିବା ବେଳେ ବୁଗୁଡା ପୋଲିସଠାରୁ ପୀଡିତା ନ୍ୟାୟ ନପାଇବା ହୃଦବୋଧ କରି ଦକ୍ଷିଣାଞ୍ଚଳ ଆଇଜିଙ୍କ ଦ୍ୱାରସ୍ଥ ହୋଇଥିବା ଘଟଣା ସମ୍ପ୍ରତି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଦୁଷ୍କର୍ମ ପୀଡିତାଙ୍କ ଅଭିଯୋଗ ପ୍ରକାରେ ଦେଢ ମାସ ତଳେ ନିରଞ୍ଜନ ଷ୍ଟାର ଲାଇନ୍ ରିପ୍ୟାରିଂ କରିବା ପାଇଁ ତାଙ୍କ ଘରକୁ ଆସିଥିଲା। ସେତେବେଳେ ସେ ଘରେ ଏକାକୀ ଥିବାର ସୁଯୋଗ ନେଇ ନିରଞ୍ଜନ ତାଙ୍କୁ ଦୁଷ୍କର୍ମ କରିଥିଲେ । ଫେରିବା ବେଳେ ଏହି ଘଟଣା ପ୍ରକାଶ କଲେ ତାଙ୍କ ପୁଅକୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲା। ଫଳରେ ସେ ଭୟରେ ଏ କଥା କାହାକୁ କହି ନଥିଲେ। ଏହାର କିଛିଦିନ ପରେ ନିରଞ୍ଜନ ଫୋନରେ ମହିଳା ଜଣଙ୍କୁ ଯୋଗାଯୋଗ କରି ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା। ଏଥିରେ ମହିଳା ଜଣକ ଅମଙ୍ଗ ହେବାରୁ ତାଙ୍କର ଉଲଗ୍ନ ଫଟୋ ସୋସିଆଲ ମିଡିଆରେ ଛାଡିବା ସହ ସ୍ୱାମୀଙ୍କ ମୋବାଇଲକୁ ଛାଡିବା ଭୟ ଦେଖାଇଥିଲା। ଏପରି ଭାବେ ସେହି ମହିଳାଙ୍କ ମନରେ ଲୋକଲଜ୍ଜା ଭୟ ସୃଷ୍ଟି କରି ନିରଞ୍ଜନ ତାଙ୍କୁ ଅନେକ ଥର ଦୁଷ୍କର୍ମ କରିଥିଲା। ତେବେ ଗତ ୨୦ ତାରିଖ ରାତି ପ୍ରାୟ ସାଢେ ଆଠଟା ବେଳେ ମହିଳା ଜଣକ ଘରେ ରୋଷେଇ କରୁଥିବା ବେଳେ ନିରଞ୍ଜନ ତାଙ୍କ ଘରେ ପଶି ତାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିବା ବେଳେ କରସିଙ୍ଗି ଛକରେ ଥିବା ଦୋକାନ ବନ୍ଦ କରି ସେଦିନ ସଅଳ ଫେରିଥିବା ସ୍ୱାମୀ ଏଘଟଣା ଦେଖି ସ୍ତ୍ରୀଙ୍କୁ ନିରଞ୍ଜନ କବଳରୁ ଉଦ୍ଧାର କରିବା ସହ ଅପମାନିତ କରି ତାକୁ ଘରୁ ବାହାର କରିଦେଇଥିଲେ। କିଛି ସମୟ ପରେ ନିରଞ୍ଜନ ତା’ର ଦୁଇ ଭାଇଙ୍କ ସହ ଆସି ମହିଳାଙ୍କ ସ୍ୱାମୀକୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ମହିଳାଙ୍କ ସ୍ୱାମୀ ୧୧୨ ନମ୍ବରକୁ ଫୋନ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ସେହି ତିନି ଭାଇ ସେଠାରୁ ଚାଲିଯାଇଥିଲେ। ଏନେଇ ମହିଳା ଜଣକ ୨୧ ତାରିଖ ଦିନ ବୁଗୁଡା ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ସେହି ଦିନ ହିଁ ନିରଞ୍ଜନଙ୍କ ଜନୈକା ସମ୍ପର୍କୀୟା ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିଲେ ଯେ ଗତ ୨୦ ତାରିଖ ରାତିରେ ହିଁ ଅଭିଯୋଗକାରିଣୀ ପୀଡିତାଙ୍କ ସ୍ୱାମୀ ଏବଂ ତାଙ୍କର ଦୁଇ ଭାଇ ମିଶି ତାଙ୍କୁ ଦୁଷ୍କର୍ମ କରିଥିଲେ। ଏହି ଅଭିଯୋଗକୁ ମଧ୍ୟ ପୋଲିସ ଗ୍ରହଣ କରି କେସ୍ ନଂ ୧୮୮/୨୫ରେ ଏକ ମାମଲା ରୁଜୁ କରିଥିଲା। ତେବେ ପୋଲିସ ଅଭିଯୁକ୍ତ ନିରଞ୍ଜନକୁ ଗିରଫ କରିବା ପରିବର୍ତ୍ତେ ମାମଲାର ମୀମାଂସା କରିବାକୁ ଚାପ ପକାଉଥିବା ନେଇ ଦୁଷ୍କର୍ମ ପୀଡିତ ଜଣକ ଗଣମାଧ୍ୟମରେ ପ୍ରକାଶ କରିବା ସହ ନ୍ୟାୟ ଭିକ୍ଷା ପାଇଁ ଦକ୍ଷିଣାଞ୍ଚଳ ଆଇଜିଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ସ୍ଥାନୀୟ ପୋଲିସ ଏନେଇ ତଦନ୍ତ ଜାରି ରହିଛି ବୋଲି କହୁଥିବା ଜଣାଯାଇଛି । ଏହାକୁ ନେଇ କାହା ଚାପରେ ଅଛି ପୋଲିସ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏହାର ପ୍ରଚ୍ଛଦପଟରେ କୌଣସି ପ୍ରଭାବଶାଳୀ ନେତାଙ୍କ କଳା ଚେହେରା ଲୁଚି ଥାଇପାରେ ବୋଲି ଚାରିଆଡେ ଆଲୋଚନା ହେଉଥିବା ଜଣାଯାଇଛି।

### ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ନିର୍ଦ୍ଦେଶକଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ

ଛତ୍ରପୁର, (ସବ୍ୟୁ) : ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକର ପରିଚାଳନା କିପରି ଚାଲିଛି ଏବଂ ସରକାରଙ୍କ ସଂଯୋଜନାରୁ ଜନ ସାଧାରଣ କିଭଳି ଉପକୃତ ହେଉଛନ୍ତି ସେହି ସମ୍ପର୍କରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମିନା ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଜନକଲ୍ୟାଣ କାର୍ଯ୍ୟକ୍ରମ ଗୁଡିକ ଦେଖିଥିଲେ । ଛତ୍ରପୁର ବ୍ଲକ୍ ଅଧିନସ୍ଥ ଚମାଖଣ୍ଡି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ଗ୍ରାମ୍ୟ ଶିଳ୍ପ ପାର୍କରେ ଚିଲି ଓ ଟମାଟ ସସ ସହ ମହିଳା ମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସାମଗ୍ରୀ ବୁଲି ଦେଖିଥିଲେ। ଏହାସହିତ ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ବିଡ଼ିଓ, ପଞ୍ଚାୟତରାଜ ଅନ୍ୟାନ୍ୟ ଅଧିକାରୀମାନଙ୍କ ନେଇ ସମୀକ୍ଷା କରିଥିଲେ। ଏମନରେଗା, ଗ୍ରାମୀଣ ଗୃହ ଯୋଜନା, ପାନୀୟ ଜଳ, ସ୍ୱଚ୍ଛ ଭାରତ ମିଶନ ସହିତ ବିଭିନ୍ନ ଯୋଜନାର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ।

## ମା’ ଦଣ୍ଡକାଳୀଙ୍କ ପ୍ରସିଦ୍ଧ

# ୨୧ ଦିନିଆ ଦଣ୍ଡଯାତ୍ରା ଆରମ୍ଭ

ଛତ୍ରପୁର, (ସବ୍ୟୁ): ଗଞ୍ଜାମଜିଲ୍ଲାର ପ୍ରସିଦ୍ଧ ଗଣପର୍ବ ମା’ ଦଣ୍ଡକାଳୀଙ୍କ ୨୧ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ଏଥିଲାଗି ଛତ୍ରପୁର ସହରଓ ଆଖପାଖ ଗ୍ରାମ ସମେତ ସମଗ୍ର ଗଞ୍ଜାମ ଜିଲାରେ ଆଧାତ୍ମିକ ପରିବେଶ ସୃଷ୍ଟି ହେବା ସହ ଢୋଲ, ଘଣ୍ଟ, ଝାଞ୍ଜ ସାଙ୍ଗକୁ କଳାରୁଦ୍ରମଣିଙ୍କ ଭଜହେ ଧ୍ୱନିରେ ସମଗ୍ର ଗାଁଠୁ ସହର ପ୍ରକମ୍ପିତ ହେଉଛି। ସଭିଙ୍କ ଘର ଆଗରେ ପୂର୍ଣ୍ଣ କୁମ୍ଭ ରଖି ମା’ଙ୍କ ଶରଣ ପଶିଛନ୍ତି ଭକ୍ତ । କେବଳ ଏହି ଦଣ୍ଡଯାତ୍ରାରେ ହିଁ ଶିବ ଓ କାଳୀଙ୍କୁ ଏକତ୍ର ପୂଜା କରାଯାଇଥାଏ। ଏହି ବ୍ରତ ପାଳନର ବିଶେଷ ମହତ୍ୱ ରହିଥିବା ବେଳେ ଏହାକୁ ପାଳନ କରିବାରେ ଅନେକ କଷ୍ଟ କରିବାକୁ ପଡ଼ିଥାଏ। ଏହି ବ୍ରତ ପାଳିବା ଦ୍ୱାରା ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଥାଏ ବୋଲି ଲୋକଙ୍କ ମଧ୍ୟରେ ଅଗାଧ ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ନେଇ ଭକ୍ତମାନେ ଯେତେ କଷ୍ଟହେଲେବି ବ୍ରତକୁ ପାଳନ କରୁଛନ୍ତି। ଶହଶହ ସଂଖ୍ୟାରେ ମାନସିକଧାରୀମାନେ ଭକ୍ତି ସହକାରେ ସାମିଲ ହୋଇଛନ୍ତି। ଏମାନେ ଦୀର୍ଘ ୨୧ ଦିନ କାଳ ଶିବ କାଳୀଙ୍କୁ ସଙ୍ଗରେ ଧରି ସମଗ୍ର ଗଞ୍ଜାମ ଜିଲାର ବିଭିନ୍ନ ଗ୍ରାମକୁ ଖାଲି ପାଦରେ ଚାଲିଚାଲି ଯାଇ ମାନସିକଧାରୀ ନୃତ୍ୟ କରିଥାନ୍ତି। ମଧ୍ୟାହ୍ନରେ ଟାଣ ଖରାରେ ଧୂଳି ଦଣ୍ଡ, ଅପରାହ୍ନରେ ନଦୀ କିମ୍ବା ପୋଖରୀରେ ଜଳଦଣ୍ଡ, ଅର୍ଦ୍ଧରାତ୍ରରେ ଅଗ୍ନିଦଣ୍ଡକୁ ପରିବେଷଣ କରିବାରେ ଲାଗିଛନ୍ତି । ଏହା ସହ ଭୂକ୍ତାମାନେ ଆମ୍ବ ପତ୍ରରେ ଦାନ୍ତ ଶୋଧିତ କରି, ଖୋଲା ଆକାଶ ତଳେ ଖରାରେ ବର୍ଷାରେ ନିଘାଞ୍ଚନ ସ୍ଥାନରେ ରହିବା ସହ ଦିନକୁ ଗୋଟିଥର ନିଶବ୍ଦ ରାତ୍ରରେ ଅକଟା ଅବଟା, ଅଫୁଟା ଖାଦ୍ୟ ଖାଇବେ। ଏନେଇ ଛତ୍ରପୁର ବ୍ଲକ ଅନ୍ତର୍ଗତ ଲଣ୍ଡାବାଉଁଶ ଗାଁ ସମେତ ତୁଳୁକପଲ୍ଲୀ, ହୁମର, କମାପଲ୍ଲୀ, କେରାଣ୍ଡି ତୋଳା ନାରାୟଣପୁର ନନ୍ଦ ପଣ୍ଡା ପଲ୍ଲୀ, ବିପୁଲିଙ୍ଗୀ, ସୀତା ନଗର ଓ କୁଆଁପଲ୍ଲୀ ଆଦି ଗ୍ରାମରେ ମା ଦଣ୍ଡକାଳୀଙ୍କ ପୂଜା ଏହାସହ ଜନସାଧାରଣଙ୍କ ମନୋରଞ୍ଜନ ଲାଗି ସାମାଜିକ ନାଟକମାନ ପରିବେଶଣ କରାଯିବ। ପୂର୍ବତନ ସମିତିସଭ୍ୟ ମଥୁରା ଚରଣ ସୁବୁଦ୍ଧି ସବୁ ବର୍ଷପରି ଚଳିତବର୍ଷ ମଧ୍ୟ ଲଣ୍ଡାବାଉଁଶ ଗାଁ ଦଣ୍ଡକାଳୀ ଯାତ୍ରା କମିଟିର ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତ। ଆସନ୍ତା ମେଷ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ଉଦଯାପିତ ହେବ

## ଦାଦନ ଅପହରଣ, ପାଞ୍ଚ ଘଣ୍ଟା

# ନିର୍ଯାତନା ପରେ ଟଙ୍କା ନେଇ ଛାଡ଼ିଲେ

ପାତ୍ରପୁର, (ସବ୍ୟୁ): ଦିନକୁ ଦିନ ରାଜ୍ୟରେ ଦାଦନ ଯନ୍ତ୍ରଣା ବଢ଼ିବାରେ ଲାଗିଛି। କେତେ ବେଳେ ଦୁର୍ଘଟଣାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହେଉଛି ତ ଆଉ କେତେବେଳେ ହତ୍ୟା କରି ଫୋପାଡ଼ି ଦେଉଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାମାନ ସାମ୍ନାକୁ ଆସୁଥିବା ବେଳେ ତାମିଲନାଡୁରେ କିଛି ଦାଦନ ଶ୍ରମିକଙ୍କୁ ପ୍ରଥମେ ରେଳ ଷ୍ଟେସନରୁ ଅପହରଣ ଓ ପରେ ମାଡ଼ ମାରିବା ସହ ଶାରୀରିକ ନିର୍ଯାତନା ଦେଇଥିଲେ। ପରେ ଜଣକ ପିଛା ୧୫ ହଜାର ଟଙ୍କା ଦେଲେ ଛଡାଯିବ ନହେଲେ ମାରିଦେବେ ବୋଲି କୁହାଯାଇଥିଲା। ଶେଷରେ ନିରୁପାୟ ହୋଇ ଘରକୁ ଫୋନ କରି ଟଙ୍କା ମାଗି ଅପହରଣକାରୀଙ୍କୁ ପୈଠ କରିବା ପରେ ତାଙ୍କୁ ଛାଡିଥିଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ସୁରଙ୍ଗୀ ପଞ୍ଚାୟତ ଅନ୍ତର୍ଗତ ସିନ୍ଧିପଙ୍କ ଓ ତୁମ୍ବା ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାପୁର ଗ୍ରାମରେ। ଗତ ଗୁରୁବାର ଦିନ ସିନ୍ଧିପଙ୍କ ଗ୍ରାମର ଭୀମ ବେହେରା (୩୭), ଗଙ୍ଗାପୁର ଗ୍ରାମର କୃଷ୍ଣ କାର୍ଯୀ (୧୮) ଓ ଟୁନା କାର୍ଯୀ (୨୦) ନାମକ ତିନି ଜଣ ଯୁବକ ଦାଦନ ଖଟିବାକୁ କେରଳ ରାଜ୍ୟ ଯାଉଥିଲେ। ରାସ୍ତାରେ କିଛି ଦୁର୍ବୃତ୍ତ ସେଲାମ ଷ୍ଟେସନରେ ଗୋଟିଏ ଭିଜିଟିଙ୍ଗ କାର୍ଡ ପ୍ରଦାନ କରି ପାରଲେଜି ବିସ୍କୁଟ କାରଖାନାରେ କାମ କରିବା ପାଇଁ ଶ୍ରମିକ ଆବଶ୍ୟକ ଥିବା ନେଇ ସୂଚନା ଦେଇଥିଲେ। ପରେ ତିନି ଜଣ ଯୁବକ ପୂର୍ବ ନିର୍ଦ୍ଧାରିତ ସ୍ଥାନକୁ ପହଞ୍ଚିଥିଲେ। ସେଠାରେ କାମ କରିବା ତୁଳନାରେ ଦରମା କମ୍ ପଡ଼ିବା ଯୋଗୁଁ ଉକ୍ତ ଭିଜିଟିଙ୍ଗ କାର୍ଡରେ ଥିବା ଫୋନ ନମ୍ବରରେ ଯୋଗାଯୋଗ କରିଥିଲେ। ସେମାନେ ଆସିବାକୁ ପରାମର୍ଶ ଦେବା ସହ ସେଲାମ ଷ୍ଟେସନରେ ପହଞ୍ଚି ତାଙ୍କ ସହିତ ଯୋଗାଯୋଗ କରିବା ପାଇଁ କହିଥିଲେ। ସେମାନେ କହିବା ଅନୁସାରେ ତିନି ଜଣ ଯୁବକ ସେଲାମ ଷ୍ଟେସନରେ ପହଞ୍ଚିବା ପରେ ଭିଜିଟିଙ୍ଗ କାର୍ଡରେ ଥିବା ନମ୍ବରରେ ଯୋଗାଯୋଗ କରିଥିଲେ। ପରେ ଦୁଇ ଜଣ ବ୍ୟକ୍ତି ଗୋଟିଏ କାରରେ ଆସି ତାଙ୍କୁ ନେଇ ଯାଇଥିଲେ। ଷ୍ଟେସନରୁ ପ୍ରାୟ ଦୁଇ ତିନି ଘଣ୍ଟା ଜଙ୍ଗଲ ରାସ୍ତାରେ ନେବା ପରେ ଗୋଟିଏ ବନ୍ଦ କୋଠରୀରେ ରଖି ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। ତିନି ଜଣଙ୍କୁ ନିର୍ଦ୍ଧୁମ ମାଡ ମାରିବା ପରେ ତାଙ୍କୁ ଜଣକ ପିଛା ୧୫ ହଜାର ଟଙ୍କା ଲେଖାଏଁ ଏକ ଘଣ୍ଟା ଭିତରେ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଟଙ୍କା ଦେବାରେ ବିଳମ୍ବ ହୁଏ ତେବେ ପ୍ରତ୍ୟେକ ଅଧ ଘଣ୍ଟାରେ ୫ ହଜାର ଟଙ୍କା ଅଧିକ ଦାବି କରିଥିଲେ। ପ୍ରଥମ ଯୁବକ ଭୀମ ବେହେରା ତୁରନ୍ତ ଘରକୁ ଫୋନ କରି ୧୫ ହଜାର ଟଙ୍କା ଫୋନ ପେ ମାଧ୍ୟମରେ ଦେଇଥିଲେ। ଅନ୍ୟ ଦୁଇ ଜଣ ଯୁବକ ଅଧ ଘଣ୍ଟା ବିଳମ୍ବ ହେବାରୁ ୨୦ ହଜାର ଟଙ୍କା ପୈଠ କରିବାକୁ ବାଧ୍ୟ ହୋଇଥିଲେ। ମୋଟ ୫୫ ହଜାର ଟଙ୍କା ପାଇବା ପରେ ତାଙ୍କ ପାଖରେ ଥିବା ଦୁଇଟି ମୋବାଇଲ ମଧ୍ୟ ଛଡ଼ାଇ ନେଇ ଦୁର୍ବୃତ୍ତ ମାନେ ତିନି ଜଣଙ୍କ ଆଖିରେ ପଟି ବାନ୍ଧି ବେକରେ ଧାରୁଆ ଅସ୍ତ୍ର ରଖି ତିନି ଘଣ୍ଟା ଚଲାପଥରେ ନେବା ପରେ ତାଙ୍କୁ ମୁଖ୍ୟ ରାସ୍ତାରେ ଛାଡି ସେଠାରୁ ଚମ୍ପଟ ମାରିଥିଲେ। ସେଠାରୁ କୌଣସି ମତେ ନିଜ ଗ୍ରାମରେ ପହଞ୍ଚି ଚିକିତ୍ସା ହେଉଥିବା ସୂଚନା ମିଳିଛି। ଏନେଇ ପ୍ରତିକ୍ରିୟାରେ ଆମ ସହିତ ଯାହା ହେଲା ଅନ୍ୟ ଦାଦନଙ୍କ ସହିତ ସେଭଳି ନହେଉ ବୋଲି ଭୀମ ବେହେରା କହିଛନ୍ତି । ସରକାର ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ଉକ୍ତ ଦୁର୍ବୃତ୍ତଙ୍କ ଧରି କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ଖବର ଲେଖିବା ସୁଦ୍ଧା କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି ।

# ଜେଆରସି କାଉନସେଲରଙ୍କ ଏକଦିବସୀୟ ବ୍ଲକ୍ସ୍ତରୀୟ କର୍ମଶାଳା




ବାରିପଦା, (ସବ୍ୟୁ) : ଇଣ୍ଡିଆନ ରେଡ୍ କ୍ରସ୍ ସୋସାଇଟି ଓଡିଶା ଶାଖା ମୟୂରଭଞ୍ଜ ଜିଲ୍ଲା ପକ୍ଷରୁ ବାମନଘାଟି ଉପଖଣ୍ଡ ସ୍ତରୀୟ ଏକ ଦିବସୀୟ ଜୁନିୟର ରେଡ୍ କ୍ରସ୍ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ରଘୁନାଥ ଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନ ଉତ୍ସବରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମୁର୍ମୁ ଯୋଗଦେଇ ରକ୍ତଦାନ କରିବା ପାଇଁ ସମସ୍ତ କାଉନ୍ସେଲର ମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଜୁନିୟର ରେଡ୍ କ୍ରସ୍ ଅଧିକାରୀ ସ୍ମୃତି ରଞ୍ଜନ ପାଣିଙ୍କ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଦେଶ୍ୟ ବିଷୟରେ କାଉନସେଲର ମାନଙ୍କୁ ଅବଗତ କରାଇଥିଲେ । ମୁଖ୍ୟବକ୍ତା ଭାବେ ରାଇରଙ୍ଗପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଋଷିପ୍ରଭା ମହାନ୍ତ ଜେଆରସି ବନ୍ଧୁତାର ନିଦର୍ଶନ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀୟ ଅତିଥିଭାବେ ରାଇରଙ୍ଗପୁର ବିଆରସି ତଥା ଏବିଇଓ କାର୍ତ୍ତିକ ଚନ୍ଦ୍ର କାରୁଆ, ଅନ୍ୟତମ ଏବିଇଓ ହେମ ମାଝୀ, ପ୍ରାଥମିକ ଚିକିତ୍ସା ସାଧନ କର୍ମୀ ମିତା ହାଁସଦାଃ, ବିପର୍ଯ୍ୟୟ ପରିଚାଳନା ସାଧନ କର୍ମୀ ଚନ୍ଦନ କୁମାର ଦାସ ପ୍ରମୁଖ ରେଡ କ୍ରସର ସେବା ବିଷୟରେ ପରାମର୍ଶ ଦେଇଥିଲେ । ସେହିପରି ଉଦ୍ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ସମସ୍ତଙ୍କ ମଧ୍ୟରେ ମାନବବାଦ ବଞ୍ଚିଲେ ଜିଲ୍ଲା ତଥା ରାଜ୍ୟର ଉନ୍ନତି ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂ ସମସ୍ତ କାଉନ୍ସେଲର ମାନେ ଧଳା ପୋଷାକ ପରିଧାନ ସହିତ ନାଲି ଚିହ୍ନର ବ୍ୟବହାର ବିଷୟରେ କାଉନ୍ସେଲର ମାନଙ୍କୁ ଅବଗତ କରାଇଥିଲେ । ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ରେଡ୍ କ୍ରସ୍ର ମୂଳ ମନ୍ତ୍ର ବିଷୟରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ପ୍ରଭୁ ଗଣପତି ଓ ରେଡ୍କ୍ରସର ଜନକ ହେନେରୀ ଡୁନାଣ୍ଟଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ ସହିତ କାଉନସେଲର ଗୌର ଚନ୍ଦ୍ର ମହାଳିକ ବେଦ ମନ୍ତ୍ର ପାଠ କରିଥିଲେ । ଶେଷରେ ପ୍ରାଥମିକ ଚିକିତ୍ସା ସାଧନ କର୍ମୀ ଚନ୍ଦନ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ୭ଟି ବ୍ଲକର କାଉନସେଲର ମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ଜେଆରସି କୁସୁମୀ ବ୍ଲକ ସଂଯୋଜକ ହେମନ୍ତ କୁମାର ପ୍ରଧାନ, ବହଳଦା ବ୍ଲକ ମନୋଜ କୁମାର ବେଶ୍ରା, ରାଇରଙ୍ଗପୁର ବ୍ଲକ ସଂଯୋଜକ ବିଜୟ କୁମାର ମାଝୀ, କାଉନ୍ସେଲର ବିରେନ କୁମାର ଦଳେଇ, କମଳା କାନ୍ତ ସିଂ ଓ ଅରବିନ୍ଦ ଗିରି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ୨୫ ବର୍ଷ ହେଲା ୫୦ ଦଳିତ ପରିବାର ଗାଁରୁ ବିତାଡ଼ିତ

# ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



ଛତ୍ରପୁର, (ସବ୍ୟୁ): ଗତ ୨୦୦୦ ମସିହାରେ ଜାତିଗତ ଘୃଣାକୁ ନେଇ ଆସିକା ବ୍ଲକ ବାଲିଛାଇ ଗ୍ରାମର ୫୦ରୁ ଅଧିକ ଦଳିତ ପରିବାର ଗାଁରୁ ବିତାଡିତ ହୋଇଛନ୍ତି। ସେମାନେ ଦୀର୍ଘ ୨୫ ବର୍ଷ ଧରି ପ୍ରଶାସନ ଓ ପୋଲିସ ପାଖରେ ବାରମ୍ବାର ଫେରାଦ ହେଲେ ବି ସେମାନଙ୍କୁ ଗାଁକୁ ଫେରାଇ ନେବାରେ ବିଫଳ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସେହି ପୀଡିତ ଦଳିତ ପରିବାରମାନଙ୍କୁ ନ୍ୟାୟ ତଥା ଗାଁକୁ ଫେରାଇବାକୁ ଦାବିରେ ଗଞ୍ଜାମ ଜିଲ୍ଲା ଦଳିତ ମହାସଭା ଉଦ୍ୟମରେ ସମ୍ପୃକ୍ତ ପୀଡ଼ିତ ପରିବାରମାନେ ମଙ୍ଗଳବାର ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି। ଏହା ସହିତ ସେମାନେ ୮ ଦଫା ଦାବୀ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ଘଟଣା ସମ୍ପର୍କ ଅବଗତ କରାଇଛନ୍ତି । ପରେ ଗଞ୍ଜାମ ଜିଲ୍ଲାପାଳ, ଏସପି ଏବଂ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ସହିତ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଦଳିତ ପରିବାର ମଧ୍ୟରେ ଘଟଣାକୁ କିଛି ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । କିଛି ସମାଧାନର ବାଟ ବାହାରିଥିବାରୁ ଆନ୍ଦୋଳନକାରୀମାନେ ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନଙ୍କୁ ସମ୍ମାନ ଜଣାଇ ସ୍ଥଗିତ ରଖିଛନ୍ତି। ଆଗାମୀ ଦିନରେ ସେମାନଙ୍କ ସମସ୍ୟା ଗୁଡିକ ସମାଧାନ କରିବା ନିମନ୍ତେ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ। ବୋଲି ଗଞ୍ଜାମ ଜିଲା ଦଳିତ ମହାସଭାର ସଭାପତି ସୁରେନ୍ଦ୍ର ନାଥ ନାୟକ ସୂଚନା ଦେଇଛନ୍ତି। ଗତ ତା ୨୬.୧୧.୨୦୦୮ ଓ ୨୩.୦୮.୨୦୧୧ ରିଖରେ ପ୍ରଶାସନ ତରଫରୁ ନିଆଯାଇଥିବା ନିଷ୍ପତ୍ତି ପ୍ରକାରେ ସରକାରଙ୍କ ପକ୍କା ଘର ଯୋଜନାରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଆସିକାଙ୍କ ଦ୍ୱାରା ବାସଗୃହ ନିର୍ମାଣ କରି ଯୋଗାଇ ଦିଆଯାଉ ଏବଂ ପୁନଃ ଥଇଥାନ କରାଯାଉ । ଗତ ତା ୨୬.୧୧.୨୦୦୮ ରିଖରେ ପ୍ରଶାସନ ନିଷ୍ପତ୍ତି ପ୍ରକାରେ ବାଲିଛାଇ ଗ୍ରାମରେ ଶାନ୍ତି ରକ୍ଷାନିମନ୍ତେ ଓ ଦଳିତ ମାନଙ୍କ ଜୀବନପ୍ରତି ବିପଦ ଥିବାରୁ ସ୍ଥାୟୀ ପୋଲିସ ଫାଣ୍ଡି ସ୍ଥାପନ କରାଯାଉ ଏବଂ ଗଞ୍ଜାମ ଏସ୍‌ପି. ଏସ୍‌ଡିପିଓ ଏବଂ ଥାନା ଅଧିକାରୀ ଆସିକାଙ୍କ ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଉ । ଗତ ତା ୨୩.୦୮.୨୦୧୧ ରିଖରେ ପ୍ରଶାସନ ତରଫରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭଞ୍ଜନଗର ଠାରେ ବୈଠକ ଗୃହରେ ତହସିଲଦାର, ଗୋଷ୍ଠି ଉନ୍ନୟନ ଅଧିକାରୀ ଆସିକା ଓ ଗଞ୍ଜାମ ଜିଲ୍ଲା ଅନୁସୁଚିତ ଜାତି ଓ ଜନଜାତି ଅଧୁକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଦ୍ୱାରା ବାଦ ପଡିଯାଇଥିବା ୨୫ଗୋଟି ପରିବାର ଯୋଗ୍ୟ କିମ୍ବା ଅଯୋଗ୍ୟ ଚିହ୍ନଟ କରାଯାଉ ସରକାରଙ୍କ ତରଫରୁ ପ୍ରତ୍ୟେକ ଅନୁସୂଚିତ ଜାତି ପରିବାରକୁ ଜୀବନଧାରଣ ଓ ବଞ୍ଚିବା ପାଇଁ କ୍ଷତିପୂରଣ ଆର୍ଥିକ ସହାୟତା ସାତ ଲକ୍ଷ (ଟଙ୍କା)ରୁ ଦଶଲକ୍ଷ ଟଙ୍କା ଦିଆଯାଉ । ପ୍ରତ୍ୟେକ ଦଳିତ ପରିବାରରୁ ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ସରକାରୀ ଚାକିରୀରେ ନିଯୁକ୍ତି ଦିଆଯାଉ । ସରକାରଙ୍କ ତରଫରୁ, ମାଗଣା ବିଜୁଳି ଓ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ଅଙ୍ଗନବାଡି କେନ୍ଦ୍ର, କୋଠଘର, କଲ୍ୟାଣ ମଣ୍ଡପ ଏବଂ ଅନ୍ୟାନ୍ୟ ସାମାଜିକ, ଆର୍ଥିକ ସୁରକ୍ଷା ପ୍ରଦାନ କରିବା ସମେତ ୮ ଟି ଦାବି ରହିଛି ।

# ସରକାରୀ ସହାୟତାରୁ ବଞ୍ଚିତ ଭିନ୍ନକ୍ଷମ କାହ୍ନୁ ନାଏକ



ଓଡାପଡା, (ସବ୍ୟ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ହାଣ୍ଡିଫୁଟା ଗ୍ରାମ ହରିଜନ ସାହିର ଭିନ୍ନକ୍ଷମ କାହ୍ନୁ ନାଏକ ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବାର ଜଣାପଡିଛି। ସରକାରଙ୍କ ତରଫରୁ କେବଳ ୫ କେଜି ଚାଉଳରେ ସିମୀତ ରହିଛି। ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଫୁଟା ଗ୍ରାମର ହରିଜନ ବସ୍ତିର କାହ୍ନୁ ନାଏକ ଜଣେ ଶାରୀରିକ ଅକ୍ଷମ ଗରିବ ବ୍ୟକ୍ତି ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଗରିବ ପ୍ରଜା ମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ ସେହି ସବୁ ଯୋଜନାରୁ ଗରିବ ପ୍ରଜା ମାନେ କେତେ ଉପକୃତ ହେଉଛନ୍ତି ତାହା କୌଣସି ଅଧିକାରୀ ଦେଖିବାକୁ ଯାଆନ୍ତି ନାହିଁ। ଫଳରେ ସରକାରଙ୍କ ଲକ୍ଷ୍ୟ ଉଦେଶ୍ୟ ସାଧିତ ହୋଇ ପାରୁ ନଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳର ଅନେକ ବସ୍ତିରେ ରହୁଥିବା ଅସହାୟ ପରିବାର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ନାନା ସମସ୍ୟା ମଧ୍ୟରେ କାଳାତିପାତ କରୁଥିବା ଦେଖିବାକୁ ମିଳିଛି। ଏହି ଅସହାୟଙ୍କ ମଧ୍ୟରେ ହାଣ୍ଡିଫୁଟା ହରିଜନ ବସ୍ତିର କାହ୍ନୁ ନାଏକ ଅନ୍ୟତମ ଅଟନ୍ତି। କାହ୍ନୁର ପରିବାର କହିଲେ କାହ୍ନୁ ତାର ସ୍ତ୍ରୀ,୫ ବର୍ଷର ପୁଅ ୭ ବର୍ଷର ଝିଅ, ଏବଂ ୭୦ ବର୍ଷର ବିଧବା ମାଆ ରହୁଛନ୍ତି। କାହ୍ନୁ ଗତ ୫ ବର୍ଷ ଧରି ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ଭଙ୍ଗାରୁଜା ଦଦରା ଘରେ ପଡି ରହିଛନ୍ତି। ସେମାନଙ୍କ ପରିବାରକୁ ସରକାରୀ ସହାୟତା ଭାବରେ ମାସକୁ ୫୦ କିଲୋ ଚାଉଳ ମିଳୁଛି । ଅନ୍ୟାନ୍ୟ ସରକାରୀ ଯୋଜନା ସେମାନଙ୍କ ଭାଗ୍ୟରେ ନାହିଁ। ସବୁ କଚ୍ଚାଘରକୁ ପକ୍କା କରିବା ଲକ୍ଷ୍ୟରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ବାବୁ ମାନେ ଘର ଘର ବୁଲି ସର୍ଭେ କରୁଛନ୍ତି କିନ୍ତୁ ଏହି କାହ୍ନୁ ନାଏକଙ୍କ ଭଙ୍ଗା ଦଦରା ଘରକୁ କେହି ଆଡ ଆଖିରେ ଚାହୁଁ ନଥିବା କାହ୍ନୁ ନାଏକ ଅଭିଯୋଗ କରିଛନ୍ତି। ଗତ ଏକ ମାସ ତଳେ କାହ୍ନୁ ନାଏକଙ୍କ କଚ୍ଚା ଘରକୁ ବଣୁଆ ହାତୀ କିଛି ଅଂଶ ଭାଙ୍ଗି ଦେଇଥିଲେ। ଅର୍ଥ ଅଭାବରୁ କାହ୍ନୁ ତାହାକୁ ମରାମତି କରିପାରୁ ନାହାଁଘର ଖଣ୍ଡିଏ କରିବା ପାଇଁ ଆର୍ଥିକ ସହାୟତା ନିମନ୍ତେ ଲିଖିତ ଭାବରେ ଜଣାଇଥିଲେ ମଧ ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ କାହ୍ନୁ ନାଏକଙ୍କ ଅନୁରୋଧକୁ ବିଚାରକୁ ନେଇ ନଥିବା କାହ୍ନୁ ଅଭିଯୋଗ କରିଛନ୍ତି ।ଏ ସମ୍ପର୍କରେ ବଦାଲୁ ପଞ୍ଚାୟତ ସରପଞ୍ଚ କ୍ରୀଷ୍ଣା ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ ତାଙ୍କ ସମୟରେ କୌଣସି ଆବାସ ଯୋଜନା ଆସିନଥିଲା। ଏବେ ଅନ ଲାଇନରେ ଆବେଦନ କରିବା ପାଇଁ କହିଛନ୍ତି। ଗରିବ ଲୋକଙ୍କ ପାଇଁ ଆସୁଥିବା ଯୋଜନା ସ୍ୱଚ୍ଛଳ ବର୍ଗର ଲୋକ ମାନେ ହାତଉଥିବା ବେଳେ ଗରିବ ପ୍ରଜା ମାନେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। କାହ୍ନୁ ଉପରେ ସରକାରୀ ବାବୁ ମାନଙ୍କର କେବେ ଶୁଭ ଦୃଷ୍ଟି ପଡୁଛି ତାହା ଦେଖିବାକୁ ବାକି ରହିଲା।

# ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଅନୁଗୋଳ,(ସବ୍ୟ): ଜିଲ୍ଲା ସ୍ତରୀୟ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଠାରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତ୍ତି ମୁତାବକ ଓଡିଶା ଦିବସ ଦିନ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇ ସହର ପରିକ୍ରମା କରାଯିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ର ଛାତ୍ରୀମାନଂକ ଦ୍ୱାରା ପ୍ରଭାତ ଫେରୀ କରାଯିବ । ସହରରେ ଥିବା ବରପୁତ୍ର ମାନଂକର ପ୍ରତିମୂର୍ତ୍ତୀରେ ମୁଖ୍ୟ ଅତିଥି ଓ ଜିଲ୍ଲାପାଳଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ଓଡିଶା ଦିବସ ଉପଲକ୍ଷେ ବକ୍ତୃତା, ଦେଶାତ୍ମବୋଧକ କଣ୍ଠ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧୁକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିପରି ରକ୍ତଭଣ୍ଡାର ଠାରେ ରକ୍ତ ଦାନ ଶିବିର ଆୟୋଜନ କରାଯିବ । ସନ୍ଧ୍ୟାରେ ସ୍ଥାନୀୟ ସଭାଘର ଠାରେ ସାଧାରଣ ସଭା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଂକୁ ପୁରସ୍କୃତ କରାଯିବ । ପରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସେହିପରି ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ନିମନ୍ତେ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ, ଶିଳ୍ପ ସଂସ୍ଥା, ବ୍ୟାଙ୍କ ଓ ବ୍ୟବସାୟ ପ୍ରତିଷ୍ଠାନର ଗୃହ ଗୁଡିକରେ ମାର୍ଚ୍ଚ ୩୧ ଓ ଏପ୍ରିଲ ୧ ତାରିଖରେ ନିଜ ନିଜ ବିଭାଗ ଦ୍ୱାରା ଆଲୋକମାଳା ସଜାଇବା ପାଇଁ ନିଷ୍ପତ୍ତି ନିଆଗଲା । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ କେ ଶ୍ରବଣକୁମାର ସମସ୍ତଂକୁ ସ୍ୱାଗତ ଜଣାଇବା ସହ ବିଗତ ବର୍ଷର ବିବରଣୀ ପାଠ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳୀ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବୁଦ୍ଧିଜିବୀ, ସ୍ୱେଚ୍ଛାସେବୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଲଙ୍ଗୁଳିଆ ବେଢ଼ରେ ଦଶଦୋଳ ଉତ୍ସବ

ବଅଁରପାଳ, (ସବ୍ୟ) : ଫାଲଗୁନ ପୂର୍ଣ୍ଣିମା ବା ଦୋଳ ପୂର୍ଣ୍ଣିମା ଠାରୁ ୧୦ ଦିନ ପର୍ଯ୍ୟନ୍ତ ଗାଁ ଗାଁରେ ଅନୁଷ୍ଠିତ ହୋଇ ଆସୁଥିବା ଦୋଳଯାତ୍ରାର ଅନ୍ତିମ ଦିବସ ସୋମବାର ଦିନ ବଅଁରପାଳ ବ୍ଲକ ଲଙ୍ଗୁଳିଆବେଢା ଗ୍ରାମ ଯତନନଗର ସାହିରେ ଦଶଦୋଳ ପର୍ବକୁ ଧୂମଧାମରେ ପାଳନ କରିଥିଲେ ଗ୍ରାମବାସୀ । ଏହି ଅବସରରରେ ଗ୍ରାମ ଉତ୍ସବ ମୁଖରିତ ହୋଇ ଉଠିଥିଲା । ପୂର୍ବାହ୍ନରେ ଗ୍ରାମ ସଭାପତି ବ୍ରଜେନ୍ଦ୍ର ନାରାୟଣ ବିଶ୍ୱାଳଙ୍କ ବାସଭବନରୁ ତ୍ରିନାଥ ଠାକୁରଙ୍କୁ ଅଣାଯାଇ ଦୋଳମଣ୍ଡପରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରା ଯାଇଥିଲା । ଅପରାହ୍ନରେ ପୂର୍ବତନ ସଭାପତି ଅକ୍ଷୟ କୁମାର ବିଶୋଇଙ୍କ ବାସଭବନରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ପୂଜାର୍ଚ୍ଚନା ପରେ ଏକ ସୁସଜ୍ଜିତ ବିମାନରେ ବିରାଟ ଶୋଭାଯାତ୍ରାରେ ସମଗ୍ର ଗ୍ରାମ ପରିକ୍ରମା କରାଯାଇଥିଲା । ଶୋଭାଯାତ୍ରାରେ ଛତି, ତରାଶ, ନାମ ସଂକୀର୍ତ୍ତନ, ପାରମ୍ପରିକ ଢୋଲବାଦ୍ୟ, ଗୋପାଳ ସମ୍ପ୍ରଦାୟର ପାରମ୍ପରିକ ଲଉଡ଼ି ଖେଳ, ରାଧାକୃଷ୍ଣଙ୍କ ବେଶ ସମେତ ପୁରାଣ ବର୍ଣିତ ବେଶଭୁଷାରେ ସଜ୍ଜିତ ଗୋପାଳ ଭାଇମାନେ ସାମିଲ ହୋଇଥିଲେ । ଡିଜେ ର ତାଳେତାଳେ ଯୁବବର୍ଗ ମସଗୁଲ ହୋଇଥିଲେ । ପଥ ମଧ୍ୟରେ ଗ୍ରାମ ଚନ୍ଦ୍ର ଶେଖର ଶିବ ମନ୍ଦିରରେ ହରିହର ଭେଟ କରାଯାଇଥିଲା । ଶୋଭାଯାତ୍ରା ଯାତ୍ରାପଡିଆ ରେ ପହଞ୍ଚିବା ପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀକୁ ଏକ ସୁସଜ୍ଜିତ ଦୋଳିରେ ସ୍ଥାପନ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ଗୋଲେଖ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ ଓ ନିରୋଦ ମହାପାତ୍ର ନୂତନ ପାଞ୍ଜି ପାଠ କରିଥିଲେ ।

# କୁଟେଶ୍ୱର ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ଆଠମଲ୍ଲିକ ,(ସବ୍ୟ) :ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନଅଗାଁ କୁଟେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବହୁ ଆଡମ୍ବରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ନିରାକାର ମେହେର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଏ ବି ଇ ଓ ଧରଣୀଧର ସେଠୀ,ମୁଖ୍ୟବକ୍ତା ଭାବରେ ଶିକ୍ଷକ ଛବି ନାରାୟଣ ସିଂ, ସଂମ୍ମାନିତ ଅତିଥି ଭାବରେ ସମିତି ସଭ୍ୟା ପ୍ରତିମା ଦେହୁରୀ,ଶିକ୍ଷକ ପ୍ରଦୀପ କୁମାର ବାହୁକ, ନରେନ୍ଦ୍ର ମିଁଦ୍ଧା,ସି ଆର ସି ସି ଭୁବନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ସତ୍ୟବାଦୀତା, ନିର୍ଭିକତା ଓ ଏକାଗ୍ରତା ମନୁଷ୍ୟକୁ ସଫଳତା ଦେଇଥାଏ ବୋଲି ବକ୍ତବ୍ୟ ରଖିଥିଲେ । ପ୍ରଥମରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା । ପ୍ରଧାନଶିକ୍ଷକ ନିରାକାର ମେହେର ଅତିଥି ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ । ସ୍କୁଲ ଛାତଛାତ୍ରୀଙ୍କ ଦ୍ୱାରା ଅତି ଉଚ୍ଚ କୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନନ୍ଦିଆ, ବାସନ୍ତୀ ମାହାଲି, ମିନାକ୍ଷୀ ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ପ୍ରଦୀପ କୁମାର ବାହୁକ । ଶେଷରେ ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି

# ମିଥ୍ୟା ଦିବ୍ୟାଙ୍ଗ ପ୍ରମାଣପତ୍ର ଘଟଣାର ତଦନ୍ତ ସହିତ ଇସ୍ତଫା ଦାବି

ଢେଙ୍କାନାଳ, (ସବ୍ୟ) : ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ସରକାରଙ୍କୁ ମିଥ୍ୟା ଦିବ୍ୟାଙ୍ଗ ପ୍ରମାଣ ପତ୍ର ଦର୍ଶାଇ ସରକାରୀ ଚାକିରି କରିବା ଏବଂ ବିଭିନ୍ନ ସମସ୍ୟା ନେଇ ପୁଣି ଥରେ ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ସାହୁ ସରକାରଙ୍କୁ ମିଥ୍ୟା ଦିବ୍ୟାଙ୍ଗ ପ୍ରମାଣ ପତ୍ର ଦେଖାଇ ସରକାରୀ ଚାକିରୀ କରିଥିବାର ଜଣାପଡିବା ପରେ ଏହାକୁ ନେଇ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେବା ସହିତ ଗତ ମାର୍ଚ୍ଚ ୫ତାରିଖରେ ଗେଟରେ ତାଲା ପକାଇ ଆନ୍ଦୋଳନ କରିଥିଲେ । ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁସାରେ ଅଧ୍ୟକ୍ଷ ଯଦି ବିଦ୍ୟାଙ୍ଗ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଛନ୍ତି ତାହାର ଉପଯୁକ୍ତ ତଦନ୍ତ କରାଯାଉ। ଅଧ୍ୟକ୍ଷ ମନୋମୁଖୀ କାର୍ଯ୍ୟ କରୁଥିବା ବେଳେ ମହାବିଦ୍ୟାଳୟରେ ସଠିକ ଭାବରେ କ୍ଲାସ ହେଉନଥିବା, କୌଣସି ଛାତ୍ରଛାତ୍ରୀ ସାକ୍ଷାତ କରିବା ସମ୍ଭବପର ହେଉନଥିବା ବେଳେ ବିଭିନ୍ନ ଉନ୍ନୟନ ମୂଳକକାର୍ଯ୍ୟ ପାଇଁ କହିଲେ ସେ ପୂର୍ତ୍ତବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ କହୁଛନ୍ତି । ପଢା ହେଉନଥିବା ବେଳେ ଛାତ୍ରଛାତ୍ରୀଙ୍କ କଥାକୁ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି। ଏହାକୁ ନେଇ ଛାତ୍ରଛାତ୍ରୀମାନେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା ସହିତ ତଦନ୍ତ ରିପୋର୍ଟକୁ ପ୍ରକାଶ କରିବାକୁ ଦାବୀ କରିଛନ୍ତି। ମହାବିଦ୍ୟାଳୟରେ ବହୁ ସମସ୍ୟା ରହିଥିବାବେଳେ ତାକୁ ସମାଧାନ ପାଇଁ ପଦକ୍ଷେପ ନେଉନଥିବାର ଅଭିଯୋଗ ହୋଇଛି। ସେହିପରି ଛାତ୍ରଛାତ୍ରୀମାନେ ଅଭିଯୋଗ କରିବାକୁ ଗଲେ ଖରାପ ବ୍ୟବହାର ପ୍ରଦର୍ଶନ କରିବା ସହିତ ସର୍ବଦା କାର୍ଯ୍ୟାଳୟ ସମ୍ମୁଖରେ ନାଲି ଲାଇଟ ଜଳୁଥିବାର ଅଭିଯୋଗ କରିଛନ୍ତି। ଏହାକୁ ନେଇ ଛାତ୍ରଛାତ୍ରୀମାନେ ଅନ୍ଦୋଳନକୁ ଓହ୍ଲାଇଥିବାର ଜଣାପଡିଛି। ଘଟଣାକୁ ନେଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ପରେ ଛାତ୍ର ଆନ୍ଦୋଳନ ହଟିଥିଲା।



## ରୁଙ୍ଗଟା ମାଇନ୍ସ ଇଣ୍ଡକସନ ଫର୍ଣ୍ଣେସ ବିସ୍ଫୋରଣ ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ଜଣେ ଶ୍ରମିକ ମୃତ

ଢେଙ୍କାନାଳ, (ସବ୍ୟ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଝାଡବନ୍ଧ ଠାରେ ଥିବା ରୁଙ୍ଗଟାମାଇନରେ ଏସଏସଏସ ଦୁଇରେ ଥିବା ଇଣ୍ଡକସନ ଫର୍ଣ୍ଣେସ ବ୍ଲାଷ୍ଟ ବିସ୍ଫୋରଣ ଘଟି ୬ ଶ୍ରମିକ ଚିକିତ୍ସିତ ହେଉଥିବା ବେଳେ ଜଣେ ଶ୍ରମିକର ମୃତ୍ୟୁ ଘଟିଛି । ଗତ ବୁଧବାର ଦିନ ରୁଙ୍ଗଟା ମାଇନସରେ କାରଖାନାର ଏସଏସଏସ ଇଣ୍ଡକସନ ଫର୍ଣ୍ଣେସ ଦୁଇରେ କାର୍ଯ୍ୟ ଚାଲିଥିବା ବେଳେ ହଠାତ ଫର୍ଣ୍ଣେସଟି ବିସ୍ଫୋରଣ ଘଟିବା ସହିତ ତରଳ ଲୁହା ଚାରିଆଡେ ବିଛାଡି ହୋଇପଡିଥିଲା । ଫଳରେ ସେଠାରେ କାର୍ଯ୍ୟ କରୁଥିବା ଡିସିପି, ପନେୟା ଏବଂ ଫିଆରାମ ଆଉଟସୋର୍ସରେ କାମ କରୁଥିବା ୬ ଶ୍ରମିକଙ୍କ ଶରୀର ୫୦ ଭାଗ ପୋଡି ଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ନିର୍ବାହୀ ଅଧିକାରୀ ମଧ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ଅଶ୍ୱିନୀ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଭଦ୍ରର ମନୋରଞ୍ଜନ ପରିଡାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ କାରଖାନା ତରଫରୁ ମାତ୍ର ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇ ଥିବାର ଜଣାପଡିଛି ।

# ଚିକିତ୍ସାପାଇଁ ଆସିଥିବା କଏଦୀ ଚମ୍ପଟ

ଢେଙ୍କାନାଳ ,(ସବ୍ୟ) : ଢେଙ୍କାନାଳ ଜିଲ୍ଲା ମୁଖ୍ୟ କାରାଗାରରୁ ଏନଡିପିଏସରେ ଗିରଫ ହୋଇ ଜେଲରେ ଥିବା ଜଣେ କଏଦୀ ଚିକିତ୍ସାଳୟକୁ ଚିକିତ୍ସା କରିବାକୁ ଆସି ଫେରାର ହୋଇଯାଇଥିବାର ଜଣାପଡିଛି। ସଦରଥାନା ଚାଉଳିଆ ଖମାର ଗ୍ରାମର ଦୁଷ୍ମନ୍ତ ସାହୁ (୩୮)ଏନଡିପିଏସ୍‌ରେ ଗିରଫ ହୋଇ ଗ ତ ୨୦୨୪ରୁ ଜେଲ ହାଜତରେ ରହୁଛନ୍ତି। ତାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ତାକୁ ଜେଲର କର୍ମଚାରୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଆଉଟ ଡୋରରେ ଟିକେଟ କରି ଅର୍ଥୋପେଡିକରେ ଦେଖାଇବାକୁ ଯାଇଥିବା ବେଳେ ସେଠାରେ ଭିଡ ଥିବାରୁ ତାର ସୁଯୋଗ ନେଇ ସେଠାରୁ ଦୁଷ୍ମନ୍ତ ଫେରାର ହୋଇଯାଇଥିଲା।ବହୁ ଖୋଜାଖୋଜି କରିବା ପରେ ତାକୁ ନପାଇବାରୁ ଜେଲ ତରଫରୁ ଟାଉନ ଥାନାରେ ଅଭିଯୋଗ କରାଯାଇଛି। କଏଦୀକୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

# ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ ପାଇଁ କଣିହାଁ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ

କଣିହାଁ, (ସବ୍ୟ) : କଣିହାଁ ବ୍ଲକର ସରକାରୀ ବିଦ୍ୟାଳୟମାନଙ୍କରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ ୨୦୨୫ ପାଇଁ ଏକ ବ୍ଲକ ସ୍ତରୀୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ଦିନ କଣିହାଁ ପଞ୍ଚାୟତ ସମିତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ସମ୍ମାନୀତ ଅତିଥି ଭାବେ ପାଲଲହଡା ବିଧାୟକଙ୍କ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, କଣିହାଁ ଗୋଷ୍ଠୀ ଅଧିକାରୀ ତ୍ରିବିକ୍ରମ କୁମରା , ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରିୟ ରଞ୍ଜନ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ମଙ୍ଗୁଳଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି ଅନୁଯାୟୀ ଓଡିଶା ସରକାରଙ୍କ ପକ୍ଷରୁ ଏହି ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ ଏପ୍ରିଲ ମାସ ୨ ତାରିଖରେ ସମସ୍ତ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଛି । ଉକ୍ତ କାର୍ଯ୍ୟକ୍ରମକୁ ଶତ ପ୍ରତିଶତ ସଫଳ କରିବାକୁ ଆଜିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଉଛି ବୋଲି ବିଆରସିସି ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ । ୫ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ପିଲା ଶିଶୁ ବାଟିକା ଓ ୬ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ବିଇଓ ଆହ୍ୱାନ ଦେଇଥିଲେ । ସମସ୍ତ ସମ୍ମାନୀତ ଅତିଥି ମାନେ ଏହି କାର୍ଯ୍ୟକ୍ରମକୁ କଣିହାଁ ବ୍ଲକରେ ଶତପ୍ରତିଶତ ରୂପାୟନ କରି ଜିଲ୍ଲାରେ ଏକ ନମ୍ୱର ହେବାକୁ ଉପସ୍ଥିତ ସିଆରସିସି, ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀ ଓ ଅଭିଭାବକ ମାନଙ୍କୁ ନିବେଦନ କରିଥିଲେ । ପରେ ଗୋଷ୍ଠୀ ଶିକ୍ଷାଧିକାରୀ କଣିହାଁଙ୍କ ପକ୍ଷରୁ ଉପସ୍ଥିତ ଅଭିଭାବକ ଓ ନାମ ଲେଖାଇବାକୁ ଥିବା ଶିଶୁମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରି ସଚେତନତା କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ପ୍ରଧାନ ଓ ସୁଜନ କୁମାର ସାହୁ, ୧୭ ଜଣ ସିଆରସିସି, ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜର ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବଡଡଙ୍ଗିଆଣିରେ ଦୋଳ ଯାତ୍ରା ପାଳିତ

ଠାକୁରଗଡ,(ସବ୍ୟ) : କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ ଡଙ୍ଗିଆଣି ଗ୍ରାମରେ ସୋମବାର ଦିନ ଦଶଦୋଳ ଯାତ୍ରା ପାଳିତ ହୋଇ ଯାଇଛି । ଗ୍ରାମବାସୀ ଙ୍କ ପକ୍ଷରୁ ଅନୁଷ୍ଠିତ ଏହି ଯାତ୍ରାରେ ପ୍ରଥମେ ସକାଳେ ପ୍ରଭୁ ରାଧାକୃଷ୍ଣ ଙ୍କୁ ଯାତ୍ରା ପଡିଆକୁ ନିଆଯାଇଥିଲା । ପରେ ଯାତ୍ରା ପଡିଆ ଠାରେ ଯଥା ରୀତିନୀତି ଅନୁସାରେ ପୂଜା କରାଯାଇଥିଲା । ପରେ ଏକ ପଟୁଆରେ ପ୍ରଭୁ ଙ୍କୁ ବସାଇ ବାଜା , ବାଣ ସହ ଡିଜେ ତାଳେ ତାଳେ ନଗର ପରିକ୍ରମା କରାଯାଇଥିଲା । ଏଥିସହ ପ୍ରଭୁ ରାଧାକୃଷ୍ଣଙ୍କୁ ଦୋଳି ମାଧ୍ୟମରେ ଝୁଲାଇ ଥିବା ବେଳେ ସୁସଜିତ ଆଲୋକମାଳା ରେ ଯାତ୍ରା ପଡିଆ ଝଲସି ଉଠିଥିଲା । ଗ୍ରାମ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରଯାଇଥିବା ବେଳେ ପ୍ରଭୁ ରାଧାକୃଷ୍ଣଙ୍କ ଗ୍ରାମ ପରିକ୍ରମା ପରେ ଯାତ୍ରା ପଡିଆ କୁ ଅଣାଯିବା ପରେ ଯାତ୍ରା ଆରମ୍ଭ ହୋଇଥିଲା । ଏଥିରେ ଲଉଡି ଖେଳ , ଘଣ୍ଟ ବାଦ୍ୟ ପରିବେଷଣ କରାଯାଇଥିଲା । ବିଭିନ୍ନ ପ୍ରକାର ଦୋଳି ସାଙ୍ଗକୁ ବିଭିନ୍ନ ପ୍ରକାରର ଦୋକାନଙ୍କର ଯାତ୍ରା ପଡିଆରେ ଭିଡ ଦେଖିବାକୁ ପଡିଥିଲା । ଏଥିରେ ଯାତ୍ରା କମିଟି ମନୋରଂଜନ ପ୍ରଧାନ , ଶରତ ପ୍ରଧାନ , ଅଭିନାଶ ପ୍ରଧାନ , ଚୈତନ୍ୟ ପ୍ରଧାନ , ଦୀପକ ସେଠୀ , ଧନୁ ବାରିକ , ଅନାଦି ପ୍ରଧାନ , କନ୍ଦର୍ପ ବେହେରା ଙ୍କ ସହ ଅଞ୍ଚଳବାସୀ ପ୍ରମୁଖ ସହଯୋଗ କରିଥିଲେ ।

# ଗଠିତ ହେଲା ଖଇରା ବିକାଶ ପରିଷଦ

ଖଇରା,(ସବ୍ୟ) : ବାଲେଶ୍ୱର ଜିଲ୍ଲା ଖଇରା ଜିଲାର ଅନ୍ୟତମ ବୃହତ୍ତମ ବ୍ଲକ ହୋଇଥିବା ବେଳେ ସ୍ୱାଧିନତା ପରଠାରୁ ସବୁବେଳେ ଅବହେଳିତ ହୋଇ ଆସୁଛି । ଆବଶ୍ୟକ ପ୍ରତିନିଧିତ୍ୱ ଅଭାବରୁ ଖଇରାକୁ ସବୁବେଳେ ଅଣଦେଖା ହୋଇ ଆସୁଛି । ଆଗକୁ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ହେବାର ସମ୍ଭାବନାକୁ ଦୃଷ୍ଟିରେ ଏବେ ଠାରୁ ନିଜର ହକପାଇଁ ଖଇରାବାସୀ ଏକଜୁଟ ହୋଇଛନ୍ତି । ଗୁରୁବାର ଅପରାହ୍ନରେ ନୟାଖଣ୍ଡି ପଞ୍ଚାୟତର କୋଚିଆକୋଇଲି ଠାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଦିନବନ୍ଧୁ ଖଟୁଆଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁକ୍ତିକାନ୍ତ ଶତପଥି,ପ୍ରଭାତ କୁମାର ଦାସ,ରଘୁନାଥ ପାତ୍ର,ଅନାମ ଚରଣ ପଣ୍ଡା,ଅରୁଣ କୁମାର ସ୍ୱାଇଁ,ଅଭିରାମ ମହାପାତ୍ର,ଉତ୍କଳବନ୍ଧୁ ପଣ୍ଡା,ବସନ୍ତ କୁମାର ନାୟକ,ଗିରିଶ ଚନ୍ଦ୍ର ପାତ୍ର,ରତ୍ନାକର ବିଶ୍ୱାଳ,ବିଶ୍ୱନାଥ ଦାସ,କିଶୋର କୁମାର ରାଉତ,ରମାକାନ୍ତ ଶତପଥି,କୈଳାସ ଚନ୍ଦ୍ର ଦାସ,କ୍ଷିରୋଦ କୁମାର ନାୟକ,ଚକ୍ରଧର ବାରିକ,ରବିନ୍ଦ୍ର ବିଶ୍ୱାଳ,ମାନସ କୁମାର ମହାପାତ୍ର, ଜନ୍ମେଜୟ ଶତପଥି, କମଳଲୋଚନ ଜେନା ଓ ସନ୍ତୋଷ କୁମାର ଶତପଥି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ରାଜନୈତିକ ଭାବନା ଓ ମତପାର୍ଥକ୍ୟରୁ ଉର୍ଦ୍ଧ୍ୱରେ ରହି ସମସ୍ତ ଖଇରାବାସୀ କାନ୍ଧକୁ କାନ୍ଧ ମିଳାଇ କିଭଳି ଆଗାମୀ ଦିନରେ କିଭଳି ଖଇରାକୁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ହୋଇପାରିବ ସେଥିପାଇଁ ସଂଗ୍ରାମୀ ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

# ଦିଲ୍ଲୀରେ ଚମକିଲେ ଓଡ଼ିଆ ଖୋ ଖୋ ଖେଳାଳି : କୋଚ୍‌ଙ୍କୁ ପ୍ରଶଂସାର ସୁଅ

ନୀଳଗିରି ,(ସବ୍ୟ) : ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡାସଂଘ ଓ ରାଜ୍ୟ ଏକାଡେମୀ ତରଫରୁ ଉଭୟ ପୁରୁଷ ଓ ମହିଳା ଓଡିଶା ସିଭିଲସର୍ଭିସ ଖୋଖୋ ଟିମ ଗତ ୧୮ତାରିଖ ଦିଲ୍ଲୀର ଚାଣକ୍ୟପୁରି ସ୍ପୋର୍ଟସ କମ୍ପ୍ଲେକ୍ସରେ ସର୍ବ ଭାରତୀୟ ଖୋଖୋ ପ୍ରତିଯୋଗିତା ୨୦୨୫ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ବୈଷ୍ଣବବନ୍ଧ ସରକାରୀ ଜନଜାତି ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜମୋହନ ମାଝୀ ଉଭୟ ପରିଚାଳକ ଏବଂ ପ୍ରଶିକ୍ଷକ ଭାବେ ମନୋନୀତ ହୋଇ ତାଙ୍କ ଅଧୀନରେ ଓଡ଼ିଶାର ଉଭୟ ଟିମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଉଭୟବର୍ଗ ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ପୁରୁଷବର୍ଗ ଲିଗ୍ ମ୍ୟାଚରେ ଉତ୍ତମ ପ୍ରଦର୍ଶନ କରି କ୍ୱାଟରଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇପାରିନଥିଲା। ମାତ୍ର ମହିଳାଦଳ ସେମିଫାଇନାଲରେ ପହଞ୍ଚିଥିଲେ ମଧ୍ୟ ଫାଇନାଲ ଖେଳିବାକୁ ବଞ୍ଚିତ ହୋଇ ତୃତୀୟସ୍ଥାନ ଅଧିକାର କରିଥିଲା। ପ୍ରଥମକରି ମହିଳାଦଳ ଟୁର୍ଣ୍ଣାମେଣ୍ଟରେ ଭାଗନେଇ ଏଭଳି ଉନ୍ନତ ପ୍ରଦର୍ଶନ କରିଥିବାରୁ ରାଜ୍ୟର କୋଣଅନୁକୋଣରୁ କୋଚ ଶ୍ରୀ ମାଝୀଙ୍କୁ ପ୍ରଶଂସାର ସୁଅ ଛୁଟିଛି। ଶ୍ରୀ ମାଝୀ ଜଣେ ଛାତ୍ରବତ୍ସଳ ଶିକ୍ଷକ ସହିତ ଉତ୍ତମ କ୍ରୀଡା ପ୍ରଶିକ୍ଷକ ଭାବରେ ଓଡ଼ିଶାରେ ବେଶ୍ ଜଣାଶୁଣା।

# ମା' ଗୌରୀ ପେଟ୍ରୋଲ ପମ୍ପରେ ଲଟେରି ଉଠାଣ କାର୍ଯ୍ୟକ୍ରମ

ଢ଼େଙ୍କିକୋଟ ,(ସବ୍ୟ) : ଢ଼େଙ୍କିକୋଟ ନିକଟବର୍ତ୍ତୀ ୨୦ ନମ୍ବର ଜାତିୟ ରାଜପଥ କଡରେ ଥିବା ମା ଗୌରୀ ପେଟ୍ରୋଲ ପମ୍ପ ରେ ସୋମବାର ଦିନ ଲଟେରି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ଯେଉଁ ଉପଭୋକ୍ତା ମାନେ ୨୫୦ ଦେଇ ତେଲ ପକାଇ କୁପନ ନେଇଥିଲେ ସେମାନଙ୍କର ଭାଗ୍ୟ ପରିକ୍ଷା ହୋଇଛି । କାର୍ଯ୍ୟକ୍ରମ ରେ ନିମନ୍ତ୍ରିତ ହୋଇ ଅତିଥିଭାବେ ବରିଷ୍ଠ ବ୍ୟକ୍ତି,ସମାଜସେବୀ ତଥା ପୂର୍ବତନ ବ୍ୟାଙ୍କ ମ୍ୟାନେଜର କୁଳମଣି ମଣ୍ଡଳ,ସାନ ମସିଣଝରିଲା ସମିତି ସଭ୍ୟ ରଘୁନାଥ ମହାନ୍ତ,ସମାଜସେବୀ ଧନେଶ୍ୱର ନାଏକ ଓ ଡାକ୍ତର ମନୋରଂଜନ ସିଂହ ଯୋଗ ଦେଇଥିଲେ ।ଗୌରୀ ପେଟ୍ରୋଲ୍ ପମ୍ପ ର ସ୍ୱତ୍ୱାଧିକାରୀ ପ୍ରଫୁଲ ସିଂହ କାର୍ଯ୍ୟକ୍ରମର ଦାଇତ୍ୱ ତୁଲାଇଥିଲେ ।ସଂଜୟ କୁମାର ସାହୁ ଅତିଥି ପରିଚୟ ଓ ମଂଚ ପରିଚାଳନା କରିଥିଲେ ।ଲଟେରୀ ଉଠାଣରେ ପ୍ରଥମ ପୁରସ୍କାର ଏ. ସି ପାଇଥିଲେ ଖୁଣ୍ଟାପଡ଼ାର ସୁଜିତ ପଣ୍ଡା,ଦ୍ୱିତୀୟ ପୁରସ୍କାର ମୋବାଇଲ ଫୋନ ପାଇଲେ ଢ଼ିଙ୍କିକେଟ ର ରଶ୍ମୀ ରଂଜନ ଦଳେଇ,ତୃତିୟ ପୁରସ୍କାର ଏଲସିଡ଼ି ପାଇଲେ ଟିକିରାର ତରୁଣ ନାଏକ, ଚତୁର୍ଥ ପୁରସ୍କାର ପାଇଲେ ଜଗତସିଂହପୁର ଚନ୍ଦ୍ରଭାନୁ କାନୁନଗୋ,ପଞ୍ଚମ ପୁରସ୍କାର ଗ୍ରାଇଣ୍ଡର ପାଇଲେ ବାରିପଦାର ଧ୍ୟାନ ହାସଦା ।ଏହି କାର୍ଯ୍ୟକ୍ରମ ରେ ନିମନ୍ତ୍ରିତ ହୋଇ ଏକଶହ ରୁ ଅଧିକ ଲୋକ ଯୋଗ ଦେଇଥିଲେ।

# ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ

ଠାକୁରଗଡ, (ସବ୍ୟ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନୁନୁକାପଶି ପଂଚାୟତର କଦଳୀମୁଣ୍ଡା ଠାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏକ ସ୍ଥାୟୀ ପକ୍କା ରାସ୍ତା ସହ ଏନଏଚ କଡରେ ଡ୍ରେନନିର୍ମାଣ କରିବା ପାଇଁ ସୋମବାର ଦିନ କଦଳୀମୁଣ୍ଡା ଅଞ୍ଚଳବାସୀଙ୍କର ଏକ ପ୍ରତିନିଧି ମଣ୍ଡଳୀ ଅନୁଗୋଳ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମବାସୀ ତାଙ୍କ ଦାବିପତ୍ର ରେ ଉଲେଖ କରିଛନ୍ତି ଯେ କଦଳୀମୁଣ୍ଡା ଠାରେ ରେଳ ଲାଇନ ଯାଇଥିବା ଯୋଗୁଁ ଏହି ଅଞ୍ଚଳ ରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଇଛି । ଏପରିକି ଜାତୀୟ ରାଜପଥ ବିଭାଗ ପକ୍ଷରୁ ନୂତନ ୪ ଟିକିଆ ରାସ୍ତା ନିର୍ମାଣ କରାଯାଇଛି । ହେଲେ ସର୍ଭିସ ରୋଡ଼ ନିର୍ମାଣ କରାଯାଇ ନାହି । ଏଥିସହ ରାସ୍ତାର ଦୁଇ ପାର୍ଶ୍ୱ ରେ ଡ୍ରେନ ନିର୍ମାଣ କରାଯାଇ ନାହିଁ । ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଇଥିବା ଯୋଗୁଁ କଦଳୀମୁଣ୍ଡା ଗାଁ ସାହି କୁ ଯିବା ଆସିବା ସମ୍ଭବ ପର ହେଉନାହିଁ । ବିଶେଷ କରି ସର୍ଭିସ ରାସ୍ତା ନଥିବା ଯୋଗୁଁ ଲୋକେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ନିର୍ମାଣଏ ପରିକି ଡ୍ରେନ ନିର୍ମାଣ ହୋଇନଥିବା ଯୋଗୁଁ ସାମାନ୍ୟ ବର୍ଷା ହେଲେ ବର୍ଷା ପାଣି ରାସ୍ତା ରେ ଆସି ଘର ଭିତରେ ପଶୁଛି । ଡ୍ରେନ ଓ ଗାଁ କୁ ଯିବା ଆସିବା ପାଇଁ ପକ୍କା ରାସ୍ତା ନିର୍ମାଣପାଇଁ କଦଳୀମୁଣ୍ଡା ଅଞ୍ଚଳବାସୀଙ୍କ ପକ୍ଷରୁ ପୂର୍ବରୁ ବହୁବାର ଜାତୀୟ ରାଜପଥ ବିଭାଗ ଆରଡିସି ଙ୍କ ସମେତ ଜାତୀୟରାଜପଥ ର ରାସ୍ତା କାମ କରୁଥିବା ଠିକାସଂସ୍ଥା କୁ ଦାବି ପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହି । ଯାହାକି ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ଅଞ୍ଚଳ ରେ ଡ୍ରେନ ସହ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ସରପଞ୍ଚ ଦୀପ୍ତିମୟୀ ସାହୁ , କୈଳାସ ପ୍ରଧାନ , କୈଳାସ ସାହୁ , ଗୋପୀନାଥ ସାହୁ , ଅନିଲ କୁମାର ସାହୁ , ମିଥୁନ କୁମାର ଦାସ , ପ୍ରକାଶ ପ୍ରଧାନ , ପ୍ରୀତିରଞ୍ଜନ ପ୍ରଧାନ ଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି । ନଚେତ ଆଗାମୀ ଦିନ ରେ ଏକ ବଡ ଧରଣ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ କଡା ଚେତାବନୀ ଦେଇଛନ୍ତି ।

# ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ ପ୍ରକଳ୍ପ ଉଦ୍‌ଘାଟନ




ବଇଣ୍ଡା , (ସବ୍ୟ) : ବିଶ୍ୱ ଯୁବ କେନ୍ଦ୍ର ବଣିନାଳୀ ଙ୍କ ଦ୍ୱାରା ଗତ ଜାନୁୟାରୀ ୨୦୨୫ ରୁ ପରିଚାଳିତ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ ପ୍ରକଳ୍ପ ଆଜି ସ୍ଥାନୀୟ ଠାକୁରଗଡ ପଞ୍ଚାୟତ କାର୍ଯ୍ୟାଳୟଠାରେ ଉଦ୍ଘାଟିତ ହୋଇଯାଇଛି । ଆସନ୍ତା ତିନି ବର୍ଷରେ ମଧ୍ୟରେ ୫୦୦ ମାନସିକ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟନେଇ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଠାକୁରଗଡ, ସାନହୋଲା, ପେଡିପଥର, ପାଇକସାହି, ସାପଘରା, ତାପଢୋଲ, ମଇମୁରା, କନ୍ତପଡା, କୃତିବାସପୁର, ଆମ୍ବସରମୁଣ୍ଡା ଓ କୁରୁମଟାପ ପଞ୍ଚାୟତର ୧୨୫ ଗ୍ରାମରେ କାର୍ଯ୍ୟକାରୀ ହେଉଛି । ମାନସିକ ରୋଗୀଙ୍କୁ ଚିହ୍ନଟିକରଣ ଓ ସେମାନଙ୍କୁ ଉତ୍ତମ ପରାମର୍ଶ, ସ୍ୱାସ୍ଥ୍ୟ ସେବାର ସୁବିଧା, ସରକାରୀ ସହଯୋଗ ମିଳିବା ପାଇଁ ଉକ୍ତ ପ୍ରକଳ୍ପ କାର୍ଯ୍ୟ କରିବ । ୧୦ ଜଣ ସ୍ଥାନୀୟ ସ୍ୱେଚ୍ଛାସେବୀ ଏହି ପ୍ରକଳ୍ପ ରେ କାର୍ଯ୍ୟ କରିବେ ।

ବିଶ୍ୱଯୁବ କେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନ ଉତ୍ସବରେ ସ୍ଥାନୀୟ ଠାକୁରଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅମିୟ ମହାନନ୍ଦ, ଆଠମଲ୍ଲିକ ବ୍ଲକର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ନିକୁଞ୍ଜ ରଞ୍ଜନ ଦାଶ, ଭାରପ୍ରାପ୍ତ ଥାନା ଅଧିକାରୀ ଶଶିଭୂଷଣ ବେହେରା, ବରିଷ୍ଠ ସ୍ୱେଚ୍ଛାସେବୀ ବିରେନ ନାୟକ, କୃତିବାସପୁର ସରପଞ୍ଚ ଜୟନ୍ତ କୁମାର ସାହୁ, ବେସିକ ନିଡ୍ସ ଇଣ୍ଡିଆର ରାଜ୍ୟ ସଂଯୋଜକ ରାଜୀବ କୁମାର କର୍ମୀ ପ୍ରମୁଖ ଯୋଗ ଦେଇଥିଲେ ।

ପ୍ରାରମ୍ଭରେ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରକଳ୍ପ ଉଦେଶ୍ୟ, କାର୍ଯ୍ୟକାରୀତା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ । ୧୧ଟି ପଞ୍ଚାୟତରୁ ପ୍ରାୟ ଏକ ଶହ ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ପଞ୍ଚାୟତ ପ୍ରତିନିଧି, ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ । ବିଶ୍ୱ ଯୁବ କେନ୍ଦ୍ରର ସଂଯୋଜିକା ପୂଜାସ୍ୱାଇଁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ । ବେସିକ ନିଡ୍ସ ଇଣ୍ଡିଆର ପ୍ରକଳ୍ପ ସଂଯୋଜିକା ମାନସ୍ୱିନୀ ପାତ୍ର, ବିଶ୍ୱ ଯୁବ କେନ୍ଦ୍ରର କ୍ଷେତ୍ର ଅଧିକାରୀ ଯଶମିତା ପ୍ରଧାନ ଓ ସ୍ୱେଚ୍ଛାସେବୀ ମାନେ ଏଥିରେ ସହଯୋଗ କରିଥିଲେ ।

# ମଇମୁରା ଜଙ୍ଗଲରୁ ଅବାଧ କାଠ ଚାଲାଣ : ଚଢାଉ ହେଉନି

ଠାକୁରଗଡ ,(ସବ୍ୟ) :ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା ମଇମୁରା ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡିଛି । ଏହି ଜଙ୍ଗଲ ରୁ ପ୍ରତେକ ଦିନ ଅବାଧ କାଠ ଚାଲାଣ କରାଯାଉଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଛି । ଧଣ୍ଡାତୋପା ରେଞ୍ଜ ନିକଟରୁ ମାତ୍ର ୧୦ କିମି ଦୂରରେ ଥିବା ଏହି ଜଙ୍ଗଲରେ ଏବେ କାଠ ମାଫିଆ ସକ୍ରିୟ ହୋଇପଡ଼ିଥିବା ଯୋଗୁଁ ଆଗାମୀ ଦିନରେ ଜଙ୍ଗଲଟି ପଦା ହୋଇଯିବା ଆଶଙ୍କା କରାଯାଇଛି । ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟ ଠାରେ ସ୍ଥାନୀୟ ଗ୍ରାମବାସୀମାନେ ବହୁବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହି । ଫଳରେ ମଇମୁରା ଅଞ୍ଚଳବାସୀ ମଙ୍ଗଳବାର ଦିନ ଜଙ୍ଗଲକୁ ସୁରକ୍ଷା ଯୋଗାଇଦେବା ପାଇଁ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ ଆଠମଲ୍ଲିକ ବନଖଣ୍ଡରେ ଏହି ଜଙ୍ଗଲ ରହିଛି। ବିଶେଷ କରି ଆଠମଲ୍ଲିକ ବନଖଣ୍ଡ ସର୍ବାଧିକ ଜଙ୍ଗଲ ଥିବା ଧଣ୍ଡାତୋପା ରେଞ୍ଜ ରେ ଏହି ଜଙ୍ଗଲ ଥିଲେ ମଧ ଏହାକୁ ସୁରକ୍ଷା ଦିଆଯାଉ ନାହି । ବନ ବିଭାଗ ପକ୍ଷରୁ ଜଙ୍ଗଲକୁ ପେଟ୍ରୋଲି କରାଯାଉନଥିବା ଯୋଗୁଁ ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡିଛି । ଏହି ଜଙ୍ଗଲରେ ରାଜ୍ୟ ସରକାର ଙ୍କ ପକ୍ଷରୁ ୧୯୯୨ ମସିହାରେ ୧୧୬୫୪ଟି ଶାଳ , ଶାଗୁଆନ , ଶିଶୁ ଭଳି ଗଛ ଲଗାଯାଇଥିଲା । ଫଳରେ ଏବେ ଏହି ଗଛ ଗୁଡିକ ପୁରା ଘଞ୍ଚ ଜଙ୍ଗଲ ଭାବରେ ପରିଣତ କରିଥିବା ବେଳେ ବିଶେଷ କରି ଏହି ଜଙ୍ଗଲରେ ଏବେ କାଠ ମାଫିଆ ସକ୍ରିୟ ହୋଇପଡିଛନ୍ତି । କାଠଚୋର ମାନେ ଅବାଧ କାଠ କାଟି ଚାଲାଣ କରୁଛନ୍ତି । ଜଙ୍ଗଲରେ ଥିବା ମୁଖ୍ୟବାନ ଶାଗୁଆନ , ଶାଳ , ପିଆଶାଳ କାଠ ଗୁଡିକ କାଟୁଛନ୍ତି । ବିଳମ୍ବିତ ରାତିରେ କରତରେ ଗଛ ଗୁଡିକୁ କାଟି ଜଙ୍ଗଲରେ ଗୁପ୍ତ ସ୍ଥାନ ରେ ରଖିବା ପରେ ଏଥିରୁ ପଟ୍ଟା ପ୍ରସ୍ତୁତ କରି ନାମୀଦାମୀ ଗାଡିରେ ଜିଲ୍ଲା ତଥା ଜିଲ୍ଲା ବାହାର କୁ ଚାଲାଣ କରାଯାଉଛି । ବନ ବିଭାଗର କେତେକ ଅଧିକାରୀଙ୍କୁ ହାତ କରି କାଠ ମାଫିଆମାନେ ଏହି କାରବାର କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଅନ୍ୟପଟରେ ଏହି ଜଙ୍ଗଲର କିଛି ଅଂଶ ସାତକୋଶିଆ ରେଞ୍ଜ ଅଧୀନରେ ଥିବା ଯୋଗୁଁ ବନ ବିଭାଗ ରାତ୍ରି ପେଟ୍ରୋଲି କରୁନଥିବା ଯୋଗୁଁ ନିରାପଦରେ କାଠ ମାଫିଆ ମାନେ ଗଛ କାଟୁଛନ୍ତି । ପୂର୍ବରୁ ଗ୍ରାମବାସୀମାନେ ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟ ଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହି କି ବନ ବିଭାଗ ପକ୍ଷରୁ ଚଢଉ କରାଯାଉନାହି । କିଛି ଦିନ ପୂର୍ବେ ଏହି ଜଙ୍ଗଲ ନିକଟରେ କାଠଗଣ୍ଡି ଚାଲାଣ ହେଉଥିବା ବେଳେ ବନ ବିଭାଗକୁ ସୂଚନା ଦିଆଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଅଧିକାରୀ ଘଟଣା ସ୍ଥଳକୁ ଆସିନଥିବା ଅଞ୍ଚଳବାସୀ କହିଛନ୍ତି । ତୁରନ୍ତ ଏଥିପ୍ରତି ବନ ବିଭାଗ ଉଚ ପଦାଧିକାରୀମାନେ ଦୃଷ୍ଟି ଦେଇ ପଦେକ୍ଷେପ ନେବାକୁ ଦାବି ହୋଇଛି । ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ ଙ୍କୁ ପଚାରିଥିବା ବେଳେ କୌଣସି ଉତ୍ତର ଦେଇନଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୪/୦୧)
-କ୍ଷେତ୍ର-କ୍ଷେତ୍ରଜ୍ଞ ବିଭାଗଯୋଗଃ-
(ଶ୍ରୀଭଗବାନୁବାଚ )

**ପରଂ ଭୂୟଃ ପ୍ରବକ୍ଷ୍ୟାମି ଜ୍ଞାନାନାଂ ଜ୍ଞାନମୁତ୍ତମମ୍ ।**
**ଯଜ୍ଜ୍ଞାତ୍ୱା ମୁନୟଃ ସର୍ବେ ପରାଂ ସିଦ୍ଧିମିତୋ ଗତାଃ ।।୧।।**

ଭଗବାନ କହିଲେ- ତପସ୍ୟା ଓ କର୍ମାଦିବିଷୟକ ସମୁଦାୟ ଜ୍ଞାନ ମଧ୍ୟରେ ଯାହା ଉତ୍ତମ, ସେହି ପରମାତ୍ମନିଷ୍ଠ ଜ୍ଞାନ ମୁଁ ତୁମକୁ ବିଶଦଭାବରେ କହୁଛି । ଏହି ଜ୍ଞାନ ପ୍ରାପ୍ତହୋଇ ମୁନିମାନେ ଦେହାନ୍ତେ ପରମ ସିଦ୍ଧି ପ୍ରାପ୍ତ ହୁଅନ୍ତି ।।୧।।

# ନ୍ୟାୟପାଳିକାର ସମ୍ମାନ ଅକ୍ଷୁଣ୍ଣ ରହୁ

ସମ୍ପାଦକୀୟ

ନ୍ୟାୟପାଳିକାକୁ ପ୍ରାୟତଃ ଏକ ସଶକ୍ତ ଗଣତନ୍ତ୍ରର ମୂଳଦୁଆ ଭାବରେ ବର୍ଣ୍ଣନା କରାଯାଏ, ଯାହା ଆଇନର ବ୍ୟବସ୍ଥା ମାଧ୍ୟମରେ ଶାସନକୁ ସ୍ୱଚ୍ଛ ଓ ସୁଦୃଢ଼ କରେ । ବିଚାର ବ୍ୟବସ୍ଥା ମାଧ୍ୟମରେ ସମାଜକୁ ଶୃଙ୍ଖଳିତ କରେ । ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୱନ୍ତ ବର୍ମାଙ୍କ ସରକାରୀ ବାସଭବନରେ ହିସାବ ବାହାରେ ଟଙ୍କା ମିଳିବା ପରେ ତାଙ୍କ ଚାରିପାଖରେ ଘଟିଥିବା ଘଟଣାଗୁଡ଼ିକ ଗଭୀର ଭାବରେ ଚିନ୍ତାଜନକ । ସୁପ୍ରିମକୋର୍ଟ କଲେଜିୟମ ଦ୍ୱାରା ସ୍ଥାନାନ୍ତର ଆଦେଶ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିଲେ ମଧ୍ୟ, ଏହି ଘଟଣା ସ୍ୱଚ୍ଛତା, ଦାୟିତ୍ୱ ଏବଂ ଭାରତର ଉଚ୍ଚ ନ୍ୟାୟପାଳିକାର ଆଶା କରାଯାଉଥିବା ମାନଦଣ୍ଡ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଥାଏ । ଏହି ଘଟଣା ନ୍ୟାୟପାଳିକା ପ୍ରତିଷ୍ଠାନଗୁଡ଼ିକ ଉପରେ ଜନସାଧାରଣଙ୍କ ବିଶ୍ୱାସର ଭଙ୍ଗୁରତାକୁ ସ୍ପଷ୍ଟ କରେ । ବିଚାରପତିମାନେ କେବଳ ଆଇନଗତ ଫଳାଫଳ ଉପରେ ନୁହେଁ ବରଂ ଏକ ରାଷ୍ଟ୍ରର ନୈତିକ ଦିଗକୁ ଗଠନ କରିବାରେ ସହାୟକ ହେଇଥାନ୍ତି । ଆନୁଷ୍ଠାନିକ ତଦନ୍ତ ପୂର୍ବରୁ ମଧ୍ୟ ଆର୍ଥିକ ଅନୈତିକତାର ଅଭିଯୋଗ ଏହି ଚିତ୍ର ଉପରେ ଏକ ଲମ୍ବା ଛାଇ ପକାଇଛି । ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ ବର୍ମାଙ୍କୁ ଆହ୍ଲାବାଦସ୍ଥିତ ତାଙ୍କ ମୂଳ ହାଇକୋର୍ଟକୁ ସ୍ଥାନାନ୍ତର ପାଇଁ ସୁପାରିଶ କରିବାର ତ୍ୱରିତ ନିଷ୍ପତ୍ତି ସାଂଗଠନିକ ପବିତ୍ରତା ବଜାୟ ରଖିବାର ଏକ ଉଦ୍ଦେଶ୍ୟକୁ ସୂଚାଇଥାଏ । ରିପୋର୍ଟ ହୋଇଥିବା ତଥ୍ୟଗୁଡ଼ିକ ସୂଚାଇ ଦିଏ ଯେ ଜଷ୍ଟିସ୍ ବର୍ମାଙ୍କ ବଙ୍ଗଳାରେ ଅଗ୍ନିକାଣ୍ଡର ଜରୁରୀକାଳୀନ ପ୍ରତିକ୍ରିୟା ସମୟରେ ନଗଦ ଟଙ୍କା ଆବିଷ୍କୃତ ହୋଇଥିଲା । ଭାରତର ମୁଖ୍ୟ ବିଚାରପତି ତୁରନ୍ତ କଲେଜିୟମ ଡାକି ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କଠାରୁ ଏକ ରିପୋର୍ଟ ମାଗିଥିଲେ । ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ବାସଭବନରେ ନଗଦ ଅର୍ଥ ମିଳିବା ସମ୍ପର୍କରେ ସୁପ୍ରିମକୋର୍ଟ ଏକ ତଦନ୍ତ ରିପୋର୍ଟ ପ୍ରକାଶ କରିଛନ୍ତି । ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ରିପୋର୍ଟ ଏବଂ ଜଷ୍ଟିସ ବର୍ମାଙ୍କ ପ୍ରତିକ୍ରିୟା ସହିତ ଏହି ରିପୋର୍ଟରେ ସରକାରୀ ବାସଭବନରେ ଅଗ୍ନିକାଣ୍ଡ ଘଟଣା ପରେ ମିଳିଥିବା ପୋଡ଼ିଯାଇଥିବା ଟଙ୍କା ଗଦାଗୁଡ଼ିକର ଦୃଶ୍ୟ ଅନ୍ତର୍ଭୁକ୍ତ । ଏହି ତଦନ୍ତ ରିପୋର୍ଟକୁ ଜଷ୍ଟିସ୍ ବର୍ମା ଅସ୍ୱୀକାର କରିଛନ୍ତି, ଏହାକୁ ତାଙ୍କୁ ବଦନାମ କରିବା ପାଇଁ ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି । ସେ ଏହା ମଧ୍ୟ ଦାବି କରିଛନ୍ତି ଯେ ଯେଉଁ କୋଠରୀରୁ ଟଙ୍କା ମିଳିଛି ତାହା ସମସ୍ତଙ୍କ ପାଇଁ ଉପଲବ୍ଧ ଥିଲା, ଯେଉଁଠିକୁ ତାଙ୍କ କର୍ମଚାରୀ, ମାଳି ଏବଂ କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗ (ସିପିଡବ୍ଲୁଡି)ର କର୍ମଚାରୀ ମାନେ ମଧ୍ୟ ଯିବାଆସିବା କରୁଥିଲେ । ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ବର୍ମାଙ୍କ ଦାବିକୁ ଗ୍ରହଣ କରିନାହାନ୍ତି । ଜଣେ ହାଇକୋର୍ଟ ବିଚାରପତିଙ୍କ ବାସଗୃହର ଗୋଟିଏ କୋଠରୀଟି ଯେ' ସମସ୍ତଙ୍କ ପାଇଁ ପ୍ରବେଶଯୋଗ୍ୟ, ଏହା ହୁଏତ ବିଶ୍ୱାସଯୋଗ୍ୟ ନୁହେଁ । ତେବେ, ଏହିପରି ଏକ ଅଭିଯୋଗର ପ୍ରମାଣ କରାଯିବାର ଆବଶ୍ୟକତା ରହିଛି, କାରଣ ଏହା ସାଧାରଣ ଜନତା, ସରକାରୀ ଓ ଘରୋଇ ସଂସ୍ଥାର କର୍ମଚାରୀ ବା ରାଜନେତାଙ୍କ କଥା ନୁହେଁ, ବିଚାର ବିଭାଗ କଥା, ବିଚାରପତିଙ୍କ କଥା । ବର୍ତ୍ତମାନ ସମୟରେ, ଦୁର୍ନୀତି ଏକ ସାଧାରଣ କଥା । ପ୍ରତ୍ୟେକ ଦିନ ଆମେ କିଛି ନା କିଛି ଦୁର୍ନୀତି କଥା ଶୁଣୁ । ରାଜନେତା, ସରକାରୀ କର୍ମଚାରୀଙ୍କ ଠାରୁ ଆୟ ବର୍ହିଭୁତ ସମ୍ପତ୍ତି ମିଳିବା ଏକ ସାଧାରଣ ଘଟଣା ହେବାରେ ଲାଗିଲାଣି । ପ୍ରଶାସନିକ ପଦକ୍ଷେପ ଯୋଗୁଁ ବହୁ ସମ୍ପତ୍ତି ଓ ଅର୍ଥ ଜବତ ହେଉଛି ଏବଂ ଅନେକ ଦଣ୍ଡ ପାଉଛନ୍ତି ମଧ୍ୟ । କିନ୍ତୁ, ବିଚାରପତିଙ୍କ ଘରୁ ଟଙ୍କା ମିଳିବା ସାଧାରଣ ଘଟଣା ନୁହେଁ । କାରଣ, ସାଧାରଣତଃ ବିଚାର ବିଭାଗ, ଏକମାତ୍ର ବିଭାଗ, ଯେଉଁଠି ପୂର୍ଣ୍ଣମାତ୍ରାରେ ପବିତ୍ରତା, ସ୍ୱଚ୍ଛତା ରହିଛି ବୋଲି ଜନମାନସରେ ବିଶ୍ୱାସ ଅଛି । ସେ ବିଶ୍ୱାସ ତୁଟି ନ ଯାଉ । ବିଚାରପତି ହେଲେ ବି, ତାଙ୍କ ଉପରେ ଆସିଥିବା ଆପତ୍ତି ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରାଯାଉ, ସଠିକ ଭାବରେ ତଦନ୍ତ ହେଉ, ଯାହା ବିଚାର ବିଭାଗର ସମ୍ମାନକୁ ଅକ୍ଷୁଣ୍ଣ ରଖିବାରେ ସହାୟକ ହେବ । ତିନି ଜଣିଆ ଖଣ୍ଡପୀଠ ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦେଇ, ଭାରତର ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନା ବିଚାର ବିଭାଗର ସମ୍ମାନ ବଜାଇ ରଖିବାକୁ ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣା ଘଟିବା ଦିନଠାରୁ, ଏହି ଅଭିଯୋଗକୁ ନେଇ ଅନେକ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଡି.କେ. ଉପାଧ୍ୟାୟଙ୍କ ଠାରୁ ଏକ ପ୍ରାରମ୍ଭିକ ରିପୋର୍ଟ ଏବଂ ସମ୍ପୃକ୍ତ ବିଚାରପତିଙ୍କ ପ୍ରତିକ୍ରିୟା ପ୍ରାପ୍ତ ହୋଇଛି ଜଷ୍ଟିସ ବର୍ମାଙ୍କୁ ନ୍ୟାୟିକ କାର୍ଯ୍ୟ ଆବଣ୍ଟନ ନକରିବାକୁ ନିଷ୍ପତ୍ତି ନିଆଯାଇଛି, ତାଙ୍କୁ ତାଙ୍କ ମୂଳ ହାଇକୋର୍ଟ ଆହ୍ଲାବାଦ ହାଇକୋର୍ଟକୁ ଫେରାଇ ଆଣିବା ପାଇଁ ପୂର୍ବରୁ ଏକ ପ୍ରସ୍ତାବ ଦିଆଯାଇଥିଲା । ଏହି ତଦନ୍ତ ପଞ୍ଜାବ ଓ ହରଆନା ହାଇକୋର୍ଟ ଏବଂ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ସହ କର୍ଣ୍ଣାଟକ ହାଇକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା କରାଯିବ । ଏହା ସ୍ପଷ୍ଟ ଯେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଏହି ପ୍ରସଙ୍ଗର ମୂଳ ପର୍ଯ୍ୟନ୍ତ ପହଞ୍ଚିବାକୁ ଚାହୁଁଛନ୍ତି । ଜଷ୍ଟିସ୍ ବର୍ମାଙ୍କ ସ୍ପଷ୍ଟ ଅସ୍ୱୀକାର ସତ୍ତ୍ୱେ, ଯେଉଁ ସବୁ ପଦକ୍ଷେପ ନିଆଯାଇଛି, ତାହା ପ୍ରମାଣ କରେ, ଭାରତର ପ୍ରଧାନ ବିଚାରପତି ଏବଂ କଲେଜିୟମ ନ୍ୟାୟପାଳିକାର ସମ୍ମାନ ଉପରେ କୌଣସି ବି ଆଞ୍ଚ ନ ଆସୁ ସେ ଦିଗରେ ଯଥେଷ୍ଟ ଧ୍ୟାନ ଦେଇଛନ୍ତି । ଅନ୍ୟପକ୍ଷରେ, ବିଚାରପତି ବର୍ମା ଯେଉଁ ଉତ୍ତର ଦେଇଛନ୍ତି, ଯଥା, ଏହି ନଗଦ ଟଙ୍କା ତାଙ୍କ ସହିତ କୌଣସି ସମ୍ପର୍କ ନାହିଁ ଏବଂ ତାଙ୍କର ଏହି ଅବ୍ୟବହୃତ, ଖୋଲା ଥିବା ଷ୍ଟୋର ରୁମରେ କେହି ନଗଦ ଟଙ୍କା ରଖି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଏହା କେତେଦୂର ଗ୍ରହଣଯୋଗ୍ୟ, ତାହା ଏକ ପ୍ରଶ୍ନବାଚୀ । କାରଣ, ଜଣେ ହାଇକୋର୍ଟ ବିଚାରପତିଙ୍କ ଘରେ ଜଣେ ବିନା ଅନୁମତିରେ ଯେ' ପ୍ରବେଶ କରିପାରିବ, ଏହା ଅନେକଙ୍କ ପାଇଁ ବିଶ୍ୱାସଯୋଗ୍ୟ ହେଉନାହିଁ । ତେବେ, ତଦନ୍ତ ପରେ ହିଁ ସବୁକିଛି ସ୍ପଷ୍ଟ ହେବ । ସୁପ୍ରିମକୋର୍ଟର ୱେବସାଇଟରେ ପୋଡ଼ିଯାଇଥିବା ନୋଟର ଦୃଶ୍ୟ ଏବଂ ଭିଡିଓ କ୍ଲିପ୍, ଜଷ୍ଟିସ୍ ଉପାଧ୍ୟାୟଙ୍କ ରିପୋର୍ଟ ଏବଂ ଜଷ୍ଟିସ୍ ବର୍ମାଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତର ପୋଷ୍ଟ କରି, ଏହି ପ୍ରତିଷ୍ଠାନ ବିରଳ ସ୍ୱଚ୍ଛତା ପ୍ରଦର୍ଶନ କରିଛନ୍ତି । ଏହା ଭଲ ଭାବରେ ସୂଚିତ କରୁଛି ଯେ' ନ୍ୟାୟପାଳିକା ଏହାକୁ ଗୁରୁତ୍ୱର ସହ ନେଇଛନ୍ତି ଏବଂ ତଦନ୍ତର ଫଳାଫଳ ମଧ୍ୟ ଶୀଘ୍ର ଏବଂ ସାର୍ବଜନୀନ ହେବ । ଯଦି ବିଚାରପତିଙ୍କ ଅନୁପସ୍ଥିତିରେ ଷ୍ଟୋର ରୁମରେ ନିଆଁ ଲଗାଇ ତାଙ୍କୁ ଫସାଇବା ପାଇଁ ଏକ ଷଡ଼ଯନ୍ତ୍ର ହେଇଥାଏ, ତାହା ମଧ୍ୟ ଖୁବ୍ ଗୁରୁତର କଥା, କାରଣ ଜଣେ ବିଚାରପତିଙ୍କୁ ଏହିପରି ଭାବରେ ଫସାଇବା ଅର୍ଥ, ହାଇକୋର୍ଟର ଜଣେ ବିଚାରପତିଙ୍କ ବାସଗୃହ ମଧ୍ୟ ସୁରକ୍ଷିତ ନୁହେଁ ଏବଂ ଏହା ପ୍ରଶାସନିକ ଅପାରଗତା ବୋଲି କୁହାଯାଇପାରେ । ତେବେ ଅଭିଯୋଗ ଯଦି ପ୍ରମାଣିତ ହୁଏ, ତେବେ ଏପରି ଆଚରଣ ପାଇଁ କାର୍ଯ୍ୟାନୁଷ୍ଠାନ କଠୋର ହେବା ଆବଶ୍ୟକ ଯାହା ନ୍ୟାୟପାଳିକାର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବାରେ ସହାୟକ ହେବ ଏବଂ ଅନ୍ୟମାନଙ୍କ ପାଇଁ ଉଦାହରଣ ହେଇରହିବ । ତେବେ, ଏହି ଘଟଣା, ପ୍ରତିଷ୍ଠାନଗୁଡିକରେ ସାଧୁତା ଏବଂ ଦାୟିତ୍ୱର ମୂଲ୍ୟବୋଧକୁ ପୁନଃନିର୍ଦ୍ଦିଷ୍ଟ କରିବାର ଏକ ସୁଯୋଗ ସୃଷ୍ଟି କରିଛି ଯାହା ଆମକୁ ଆଗକୁ ଏକ ଦୁର୍ନୀତି ମୁକ୍ତ ସମାଜ ଗଢିବାରେ ସହାୟକ ହେବ । ଭାରତର ଗଣତନ୍ତ୍ର ଏହାର ଅଦାଲତଗୁଡ଼ିକର ସ୍ୱଚ୍ଛତା ଅଖଣ୍ଡତା ଉପରେ ନିର୍ଭର କରେ । ଆଇନର ବ୍ୟାଖ୍ୟା କରିବାର ଦାୟିତ୍ୱ ନେଇଥିବା ବ୍ୟକ୍ତିମାନେ ଯେପରି ନିନ୍ଦାର ବାହାରେ ରୁହନ୍ତି ତାହା ନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରାଯିବା ଆବଶ୍ୟକ ।

## ଉଚ୍ଚ ଚିନ୍ତନ

ଥରେ ମହାନ୍ ଦାର୍ଶନିକ କନଫୁସିୟସ୍‌ଙ୍କ ନିକଟକୁ ଦେଶର ସମ୍ରାଟ ଆସି କହିବାକୁ ଲାଗିଲେ ଯେ ଆଜ୍ଞା ଆମ ଦେଶର ଚାରିଆଡ଼େ ବେଇମାନି ,ଆରାଜକତା, ଛଳ, କପଟ, ହିଂସା ଅନେକ ପରିମାଣରେ ବଢ଼ି ଚାଲିଛି । ଲୋକମାନେ ବିପଥଗାମୀ ହୋଇଗଲେଣି । ଆମ ଦେଶରେ କଣ ଏମିତି କେହି ବ୍ୟକ୍ତି ନାହାନ୍ତି ଯେ ଯାହା ପାଖରେ ସଦାଚାର ରହିଥିବ ? ଏହା ଶୁଣି କନଫୁସିୟସ ଉତ୍ତର ଦେଲେ କାହିଁକି ନୁହଁ ସମ୍ରାଟ ଲୋକ ମାନେ ଯେତେ ବିପଥଗାମୀ ହେଲେ ମଧ୍ୟ ଆପଣ ତ ପୁଣି ଦେଶକୁ ସମ୍ଭାଳି ରଖିଛନ୍ତି । କାରଣ ସତ୍ୟକୁ ଜାଣିବା ପାଇଁ ଚେଷ୍ଟା କରୁଥିବା ପ୍ରତ୍ୟେକ ଜିଜ୍ଞାସୁଙ୍କୁ ହିଁ ମୁଁ ମହାନ୍ ବ୍ୟକ୍ତି ବୋଲି କହୁଥାଏ । କାହିଁକି ନା ଆପଣ ଦେଶର ସମ୍ରାଟ ହୋଇ ମଧ୍ୟ ଆଳସ୍ୟରେ ଜୀବନ ନ ବିତାଇ ସର୍ବଦା ଦେଶବାସୀ ଓ ଦେଶର ଉନ୍ନତି ପାଇଁ ଚେଷ୍ଟିତ । ଏହା ଶୁଣି ସମ୍ରାଟ ଉତ୍ତର ଦେଲେ ଯେ ଯଦିଓ ମୁଁ ଆପଣଙ୍କ ଦୃଷ୍ଟିରେ ମହାନ୍ ହୋଇପାରେ କିନ୍ତୁ ମୋ ଠାରୁ କିଏ ଆଉ ଅଧିକ ମହାନ୍ ସେପରି ବ୍ୟକ୍ତି ଦେଖିବାକୁ ଚାହୁଁଛି । ଯଦି ଏପରି କିଏ ଆପଣଙ୍କ ନଜରରେ ଅଛନ୍ତି କୃପା କରି ତାଙ୍କ ପାଖକୁ ନେଇ ଚାଲନ୍ତୁ । ସେହି ସମୟରେ ଦାର୍ଶନିକ ଉତ୍ତର ଦେଲେ ଯେ ଆଉ କେଉଁ ବ୍ୟକ୍ତି ପାଖକୁ କଣ ଆପଣ ଯିବେ ମୁଁ ମଧ୍ୟ ସେହି ବ୍ୟକ୍ତି ହୋଇ ପାରେ ଯଦି ଆପଣ ନିରିଖେଇ ହୃଦୟର ସହିତ ଚିନ୍ତା କରିବେ । କିନ୍ତୁ ସମ୍ରାଟ ଉତ୍ତର ଦେଲେ ଯେ ନା ନା ମୁଁ ଆପଣଙ୍କ ଠାରୁ ଅଧିକ ମହାନ୍ ବ୍ୟକ୍ତି ଦେଖିବାକୁ ଚାହୁଁଛି । ତୁରନ୍ତ ଦାର୍ଶନିକ କନଫୁସିୟସ ଉତ୍ତର ଦେଲେ ସମ୍ରାଟ ଆଉ କେଉଁଆଡେ ଯିବାକୁ ପଡିବ ନାହିଁ ଆମ ଠାରୁ ଶହ ଶହ ମହାନ୍ ବ୍ୟକ୍ତି ଆମ ଆଖ ପାଖ ରେ ଘୁରି ବୁଲୁଛନ୍ତି କେବଳ ସେମାନଙ୍କୁ ସେହିଭଳି ଦୃଷ୍ଟିରେ ଦେଖିବାକୁ ହେବ । ସେହି ସମୟରେ ଦାର୍ଶନିକ ଦେଖିଲେ ଯେ ଏକ ବୁଢି କୋଦାଳ ଧରି କିଛି ଖୋଳୁ ଥିଲା । ତାହା ସମ୍ରାମଙ୍କୁ ଦେଖାଇ ଦାର୍ଶନିକ କହିଲେ, ଏହି ପରିଣତ ବୟସରେ ମଧ୍ୟ ଏହି ବୁଢ଼ୀଟି କୂଅ ଖୋଳିବାରେ ଲାଗିଛି । ଏହା ଦେଖି ସମ୍ରାଟ କହିଲେ ଏହି ବୟସରେ ସେ ଏମିତି କଷ୍ଟ କରୁଛି କାହିଁକି ? ଆପଣ ଠିକ୍ କହିଲେ ସମ୍ରାଟ କିନ୍ତୁ ଆବଶ୍ୟକତା ହିଁ ସବୁ କିଛି ହୋଇ ନ ଥାଏ । ସେହି ବୁଢ଼ୀଟି ଭଲ ଭାବରେ ଜାଣିଛି ଯେ ଏହି କୂଅ ଖୋଳୁ ଖୋଳୁ କେଉଁ ମୁହୂର୍ତ୍ତରେ ତାର ପ୍ରାଣବାୟୁ ଚାଲି ଯାଇପାରେ ତଥାପି ସେ ଅନ୍ୟ ମାନଙ୍କ ମଙ୍ଗଳ ପାଇଁ ହିଁ ଏହି କାର୍ଯ୍ୟଟି କରୁଛି । ଯେଉଁ ବ୍ୟକ୍ତି ନିଜ ଜୀବନକୁ ତୁଚ୍ଛ ମନେ କରି ସଂସାରର ମଙ୍ଗଳ ପାଇଁ ଏହି ପରି କାର୍ଯ୍ୟରେ ଲିପ୍ତ ଥାଏ, ସେ ହିଁ ବାସ୍ତବରେ ମହାନ୍ ଓ ଈଶ୍ୱର ସ୍ୱରୂପ ହୋଇଥାଏ । ଏପରି ବ୍ୟକ୍ତି ହିଁ ବଞ୍ଚି ଥାଉଁ ଥାଉଁ ଜୀବନ ମରଣର ସମସ୍ତ ସୀମା ଲଂଘନ୍ କରି ଆମର ହୋଇଥାନ୍ତି ଓ ଏହାହିଁ ମନୁଷ୍ୟର ପରମ ଧର୍ମ । ସେଥିପାଇଁ ମହାପୁରୁଷ ତଥା ସମସ୍ତଙ୍କ ଆରାଧ୍ୟ ଶ୍ରୀରାମକୃଷ୍ଣ ପରମହଂସ ସ୍ୱାମୀ ବିବେକାନନ୍ଦଙ୍କୁ କହିଥିଲେ ଯେ ସେ ହିଁ ଧରା ପୃଷ୍ଠରେ ଜୀବିତ, ଯିଏ ଅନ୍ୟମାନଙ୍କ ପାଇଁ ବଞ୍ଚି ରହନ୍ତି । ତେଣୁ ଏ ମନୁଷ୍ୟ ଜନ୍ମର ସାର୍ଥକତା କେବଳ ହିଁ ଅନ୍ୟ ପାଇଁ ସମର୍ପଣରେ ହିଁ ନିହିତ ଥାଏ । ତେବେ ପ୍ରତ୍ୟେକ ବ୍ୟକ୍ତି ଯଦି ନିଜ ପରିସର ବ୍ୟାପ୍ତ ଅଞ୍ଚଳରେ ନିଜକୁ ନିୟୋଜିତ କରି କିଛି ତ୍ୟାଗ କରି ଅନ୍ୟର ଉପକାରରେ ଲାଗି ପାରିବ, ତାହା ଈଶ୍ୱରପ୍ରାପ୍ତି ସଦୃଶ ଅଟେ ।

**ପ୍ରଦୀପ୍ତ କୁମାର କର ସୂର୍ଯ୍ୟ ନଗର,ଭୁବନେଶ୍ୱର,ମୋ-୯୪୩୭୦୮୪୩୧୨.**

# ନେପାଳରେ ପୁଣି ରାଜତନ୍ତ୍ର !

**ସୌମେନ୍ଦ୍ର ଜେନା**

ନେପାଳ ଶାସନରେ ବର୍ତ୍ତମାନ ରାଜା ଜ୍ଞାନେନ୍ଦ୍ରଙ୍କୁ ପୁନର୍ବାର ଫେରାଇଆଣିବା ସହ, ଦେଶରେ ରାଜତନ୍ତ୍ରର ପ୍ରତିଷ୍ଠା ଓ ନେପାଳକୁ ହିନ୍ଦୁରାଷ୍ଟ୍ର ଭାବେ ମାନ୍ୟତା ଦେବାପାଇଁ ମଧ୍ୟ ଦାବି ଉଠୁଛି । ହଜାର ହଜାର ଲୋକେ ଏଥିପାଇଁ ଶୋଭାଯାତ୍ରାରେ ସାମିଲ ହୋଇ ବର୍ତ୍ତମାନର ସରକାରଙ୍କ ଶାସନଗତ ଅବ୍ୟବସ୍ଥା, ରାଜନେତାମାନଙ୍କ ଦୁର୍ନୀତି ଏବଂ ପାରିବାରିକ ପ୍ରିୟାପ୍ରୀତି ତୋଷଣକୁ ମଧ୍ୟ ସମାଲୋଚନା କରୁଛନ୍ତି ।

ବହୁ ସଂଖ୍ୟାରେ ଲୋକେ ସମାବେଶରେ ସାମିଲ ଥିବା ସତ୍ତ୍ୱେ କୌଣସି ପ୍ରକାର ଅପ୍ରୀତିକର ଘଟଣା ନ ଘଟିବା ହେଉଛି ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ପୂର୍ବରୁ ଗତ ନଭେମ୍ବର ମାସରେ ହୋଇଥିବା ବିକ୍ଷୋଭ ଘଟଣାବେଳେ ପୁଲିସ ପକ୍ଷରୁ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଥିଲା । ଲାଠିମାଡରେ କେତେକ ଲୋକ ଆହତ ମଧ୍ୟ ହୋଇଥିଲେ ।

ନେପାଳର ଲୋକେ ବିଗତ ଦିନମାନଙ୍କରେ ଅନ୍ୟମାନଙ୍କ ହାତବାରିସୀ ହୋଇ ହିଂସା ଓ ରକ୍ତପାତ ଆଧାରିତ ଯେଉଁ ଶାସନ ପ୍ରତିଷ୍ଠା କରିଥିଲେ, ସେଥିରେ ପ୍ରାୟ ୧୬ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା । ମାଓବାଦୀ ସନ୍ତ୍ରାସ ବଳରେ କ୍ଷମତାକୁ ଦଖଲ କରିବାର ତ୍ରୁଟିପୂର୍ଣ୍ଣ ଉଦ୍ଦେଶ୍ୟ ଯୋଗୁଁ ଏବେ ସେଠାକାର ସଂଖ୍ୟାଧିକ ଲୋକ ନିଜକୁ ଠକିହେବା ପରି ଅନୁଭବ କରୁଛନ୍ତି ।

ନେପାଳରେ ୨୦୦୮ରୁ ଗଣତନ୍ତ୍ର ଶାସନ ଚାଲିଆସିଥିଲେ ହେଁ ୨୦୧୫ରୁ ସମ୍ବିଧାନ ଲାଗୁ ହେଲା । କିନ୍ତୁ ସାମ୍ବିଧାନିକ ବ୍ୟବସ୍ଥା ଆଜିଯାଏଁ ଦେଶକୁ ନା ଶକ୍ତିଶାଳୀ କରିପାରିଛି ନା ସରକାରକୁ । ସମ୍ବିଧାନ ଆଳରେ କିଛି ଦଳୀୟ ନେତା ଏବଂ କର୍ମୀ ଉପକୃତ ହେବା ସମୟରେ ସାଧାରଣ ଲୋକେ ବହୁକଷ୍ଟରେ ଜୀବନଯାପନ କରୁଛନ୍ତି । ନେପାଳରେ ଅଫିସରମାନେ ଅଖଣ୍ଡ କ୍ଷମତାକୁ ହାତରେ ମୁଠାଇ ଧରିଛନ୍ତି । କେଉଁ ସରକାର କେତେ ଦିନ ପାଇଁ ଦେଶରେ ଶାସନ କରିବ, ତାହାର କିଛି ନିର୍ଦ୍ଦିଷ୍ଟ ଅବଧି ନଥିବାରୁ ପ୍ରଶାସନିକ କଳରେ ଥିବା ଲୋକେ ନିଜକୁ ସ୍ଥାୟୀ କ୍ଷମତାଧାରୀ ମନେକରି କାର୍ଯ୍ୟ କରୁଛନ୍ତି । ଦେଶରେ ଶାସନଗତ ଅସ୍ଥିରତା ଯୋଗୁ ବିଦେଶୀ ପୁଞ୍ଜିନିବେଶ ଆସୁନାହିଁ କିମ୍ବା ଶିଳ୍ପପତିମାନେ ନେପାଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ।

ସଡ଼କ, ରେଳପଥ ଏବଂ ବିମାନ ଚଳାଚଳ ସବୁ କିଛି ଖରାପ ସ୍ଥିତିରେ ଥିବା ହେତୁ ଦେଶ ବାହାରର କିଛି ଶିଳ୍ପପତି ନେପାଳକୁ ଆସି ଶିଳ୍ପ ସ୍ଥାପନା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଫଳରେ ବଜାରରେ ଅଭାବ ସୃଷ୍ଟି ହେଉଛି । ବିଦେଶୀ ମାଲ ଆଣି ବିକ୍ରି କରିବାକୁ ପଡୁଛି, ରୋଜଗାର ସୁଯୋଗ ସୃଷ୍ଟି ହେଉନାହିଁ । ଯୁବକମାନେ ବ୍ରିଟେନ, ରୁଷିଆ ସମେତ ଅନ୍ୟାନ୍ୟ ବହୁ ରାଷ୍ଟ୍ରକୁ ସୁରକ୍ଷାକର୍ମୀ ଆଳରେ ଭଡାଟିଆ ସେନା ହୋଇଯାଉଛନ୍ତି । ଫଳରେ ସେଠାରେ ମୃତ୍ୟୁପରେ କୌଣସି ସୁବିଧା ମଧ୍ୟ ସେମାନଙ୍କ ପରିବାର ଲୋକେ ପାଇପାରୁନାହାନ୍ତି । କେ ପି ଶର୍ମା ଓଲିଙ୍କ କମ୍ୟୁନିଷ୍ଟ ସରକାର କ୍ଷମତାକୁ ଆସିବା ପରେ ନେପାଳକୁ ଭାରତ ବିରୋଧୀ ଏବଂ ପାକ୍, ଚୀନର ସମର୍ଥକ ରାଷ୍ଟ୍ର ଭାବେ ଛିଡା କରିବା ଯୋଗୁଁ ଭାରତୀୟ ସେନାବାହିନୀରେ ଗୋର୍ଖା ନିଯୁକ୍ତି ବନ୍ଦ ହେଇଯାଇଛି ।

ଅନେକ ବସ୍ତୁ ଯୋଗାଣ ପାଇଁ ନେପାଳ, ସଡ଼କ ମାର୍ଗରେ, ଭାରତ ଉପରେ ନିର୍ଭର କରୁଥିବାବେଳେ ଭାରତୀୟ ବ୍ୟବସାୟୀମାନେ ସୁରକ୍ଷା ଦୃଷ୍ଟିରୁ ନିଜକୁ ନେପାଳ ଠାରୁ ଦୂରେଇ ରଖିଲେ । ସମୟକ୍ରମେ ବିଗତ ବର୍ଷମାନଙ୍କରେ ନେପାଳର ଆର୍ଥିକ ସ୍ଥିତି ଦୁର୍ବଳ ହେବା ଯୋଗୁଁ ଏବେ ସରକାରଙ୍କୁ ଦେଶ ଚଳାଇବା ପାଇଁ ସାଧାରଣଲୋକଙ୍କଠାରୁ ଋଣ କରିବାକୁ ହେଉଛି । ବିଦେଶୀ ଋଣର ଅନେକ ଉତ୍ସ ଦେଶର ଭୁଲନୀତି ପାଇଁ ଏକପ୍ରକାର ବନ୍ଦ ହୋଇଯାଇଛି । ବିଶ୍ୱ ମୁଦ୍ରାପାଣ୍ଠି ଏବଂ ଆନ୍ତର୍ଜାତିକ ଆର୍ଥିକ ସଂସ୍ଥା ନିକଟରେ ନେପାଳର ଦାବି ବହୁତ ଦୁର୍ବଳ ହୋଇଛି । ସମାଜର ଦଳିତ ଏବଂ ମହିଳାଙ୍କ ସ୍ଥିତି ବହୁତ ଖରାପ ହୋଇପଡ଼ିଛି । ନେପାଳରେ ଜାତିଗତ ବାଛବିଚାର ବହୁତ ରହିଛି । ସେଠାର ଶିକ୍ଷା ଓ ସ୍ୱାସ୍ଥ୍ୟର ସ୍ଥିତି ନ କହିଲେ ଭଲ । ଗ୍ରାମାଞ୍ଚଳର ଲୋକଙ୍କ ଅବସ୍ଥା ସବୁଠୁ ଖରାପ । ସେଠାରେ ଶିଶୁ ଶ୍ରମିକ ଓ ମାନବଚାଲାଣ ବଡ ବ୍ୟବସାୟରେ ପରିଣତ ହୋଇଛି ।

ଗତବର୍ଷ ୨୩ ନଭେମ୍ବର ୨୦୨୪ରେ ନେପାଳର ରାଷ୍ଟ୍ରୀୟ ପ୍ରଜାତାନ୍ତ୍ରିକ ପାର୍ଟିର ଆହ୍ୱାନରେ ନେପାଳକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରାଯିବା ସହ ପୁନଶ୍ଚ ରାଜତନ୍ତ୍ର ବ୍ୟବସ୍ଥାକୁ ଫେରିବା ଦାବିରେ ବିକ୍ଷୋଭ ହୋଇଥିଲା । ରାଜା ବୀରେନ୍ଦ୍ରଙ୍କ ଦ୍ୱାରା ୧୯୯୦ରେ ପ୍ରସ୍ତୁତ ସମ୍ବିଧାନକୁ ୨୦୦୭ରେ ହଟାଇ ୨୦୧୫ରେ ଯେଉଁ ସମ୍ବିଧାନ ଲାଗୁ କରାଯାଇଥିଲା ଦଳ ପକ୍ଷରୁ ତା'ର ବିରୋଧ କରାଯାଇଥିଲା । କାରଣ ରାଜନେତାମାନଙ୍କ ପ୍ରୋତ୍ସାହନରେ ବିଗତ ଦିନମାନଙ୍କରେ ଚାଲିଥିବା ସମବାୟ ସଂସ୍ଥା ଏବଂ ମାଇକ୍ରୋ-ଫାଇନାନ୍ସରେ ଲକ୍ଷ ଲକ୍ଷ ସାଧାରଣ ଲୋକଙ୍କ ଅର୍ଥ ବୁଡିଥିଲେ ମଧ୍ୟ ସରକାର ନିରବଦର୍ଶକ ରହିଛନ୍ତି । ନିଜେ ପ୍ରଧାନମନ୍ତ୍ରୀ ଓଲି କାମ୍ବୋଡିଆରେ ଅର୍ଥ ବିନିଯୋଗ କରିବା ଅଭିଯୋଗ ଉଠିଛି । ଦେଶର ଉତ୍ତରାଞ୍ଚଳରେ ଖ୍ରୀଷ୍ଟିଆନ ଜନସଂଖ୍ୟା ବୃଦ୍ଧି ପାଉଥିଲାବେଳେ ଦକ୍ଷିଣାଞ୍ଚଳରେ ଭାରତର ସୀମାବର୍ତ୍ତୀ ଅଞ୍ଚଳରେ ମୁସଲମାନଙ୍କ ସଂଖ୍ୟା ବଢିବାରେ ଲାଗିଛି । ନେପାଳରେ ଧର୍ମାନ୍ତରଣ ପାଇଁ ପ୍ରୟାସ ହେବା ନେଇ ଅଭିଯୋଗ ଉଠୁଛି । ଆମେରିକାର ଷ୍ଟେଟ ଡିପାର୍ଟମେଣ୍ଟ ରିପୋର୍ଟ ମଧ୍ୟ ଧର୍ମାନ୍ତରଣକୁ ସମର୍ଥନ କରିଆସିଛି ବୋଲି ଶୁଣାଯାଉଛି ।

**ସଡ଼କ, ରେଳପଥ ଏବଂ ବିମାନ ଚଳାଚଳ ସବୁ କିଛି ଖରାପ ସ୍ଥିତିରେ ଥିବା ହେତୁ ଦେଶ ବାହାରର କିଛି ଶିଳ୍ପପତି ନେପାଳକୁ ଆସି ଶିଳ୍ପ ସ୍ଥାପନା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଫଳରେ ବଜାରରେ ଅଭାବ ସୃଷ୍ଟି ହେଉଛି । ବିଦେଶୀ ମାଲ ଆଣି ବିକ୍ରି କରିବାକୁ ପଡୁଛି, ରୋଜଗାର ସୁଯୋଗ ସୃଷ୍ଟି ହେଉନାହିଁ ।**

ଦେଶର ଅନେକ ସ୍ଥାନରେ ଜିହାଦି ଗୋଷ୍ଠୀ ଦଙ୍ଗାଗୋଳ ସୃଷ୍ଟିକରି ପରିସ୍ଥିତିକୁ ଖରାପ କରିବାରେ ଲାଗିଛନ୍ତି ବୋଲି ଅଭିଯୋଗ ହେଉଛି । ଯେଉଁ କାରଣରୁ ସାଧାରଣ ଲୋକଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ରାଜା ଜ୍ଞାନେନ୍ଦ୍ର ବୀର ବିକ୍ରମ ଶାହଙ୍କ ସପକ୍ଷରେ ୪୭ପ୍ରତିଶତ ଜନସମର୍ଥନ ରହିଥିବାର ନିକଟରେ ହୋଇଥିବା ଏକ ସର୍ବେକ୍ଷଣରେ ପ୍ରକାଶ ପାଇଛି । ପୋଖରାରେ ରହୁଥିବା ରାଜା ଦେଶବାସୀଙ୍କ ସ୍ଥିତି ଦୃଷ୍ଟିରୁ ଅଧିକ ଚିନ୍ତିତ ରହିଛନ୍ତି । ଗତ ତିନିମାସରେ ରାଜା ଜ୍ଞାନେନ୍ଦ୍ର ନେପାଳଗଞ୍ଜ, ଭୈରହାୱା, ପୋଖରା, ସ୍ୟାଙ୍ଗଜା, ବାଗଲୁଙ୍ଗ, ମ୍ୟାଗଡି, ବରଦିୟା, ଡାଙ୍ଗ୍ ଏବଂ ତୈଲିହାୱା ସମେତ ଲକ୍ଷ୍ନୌ ଏବଂ ଗୋରଖପୁର ଗସ୍ତ କରିଛନ୍ତି । ରାଜ ପରିବାରର ମାର୍ଗଦର୍ଶକ ଗୋରଖନାଥପୀଠର ମହନ୍ତ ଯୋଗୀ ଆଦିତ୍ୟନାଥଙ୍କୁ ରାଜା ଲକ୍ଷ୍ନୌରେ ସାକ୍ଷାତ କରିଥିଲେ । ଯୋଗୀଙ୍କ ଗୁରୁ ମହନ୍ତ ଅବୈଦ୍ୟନାଥ ମଧ୍ୟ ରାଜ ପରିବାରର ମାର୍ଗଦର୍ଶକ ରହିଥିଲେ ।

ଗତ ଫେବୃଆରୀ ୧୮ରେ ରାଜା ଏକ ସମ୍ବୋଧନର ଭିଡିଓ ଦେଶର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜାରି କରିଥିଲେ । ସେଥିରେ ଦେଶର ଭବିଷ୍ୟତ ପାଇଁ ସେ ଲୋକଙ୍କ ସମର୍ଥନ ମାଗିଥିଲେ । କ୍ଷମତାରୁ ଯିବା ପରଠାରୁ ରାଜାଙ୍କର ଏହାଥିଲା ପ୍ରଥମ ଆହ୍ୱାନ । ଚଳିତମାସ ପ୍ରଥମ ସପ୍ତାହରେ ରାଜା କାଠମାଣ୍ଡୁର ତ୍ରିଭୁବନ ଦେବ ବିମାନ ବନ୍ଦରରେ ପହଞ୍ଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଲୋକେ ତାଙ୍କୁ ରାଜପ୍ରସାଦ ଯାଏଁ ପାଛୋଟି ନେଇଥିଲେ । କାଠମାଣ୍ଡୁର ରିଂ ରୋଡରେ ସେଥିପାଇଁ ସଡ଼କ ବନ୍ଦ ହେଲାପରି ସ୍ଥିତି ସୃଷ୍ଟି ହୋଇଥିଲା । ନିର୍ମଳ ନିବାସ (ରାଜପ୍ରସାଦ)କୁ ଯିବାବେଳେ ରାଜା ଗାଡିର ଛାତ ଉପର ଖୋଲି ହାତ ହଲାଇ ଲୋକଙ୍କ ଅଭିବାଦନ ସ୍ୱୀକାର କରୁଥିବା ଦେଖାଯାଇଥିଲା ।

ରାଜା ଏବଂ ହିନ୍ଦୁରାଷ୍ଟ୍ର ସପକ୍ଷରେ ବଢୁଥିବା ସମର୍ଥନକୁ ଦେଖି ପ୍ରଧାନମନ୍ତ୍ରୀ ଓଲି ବିଚଳିତ ହୋଇଛନ୍ତି । କ୍ଷମତାକୁ ଆସିବାକୁ ଚାହୁଁଥିଲେ ରାଜା ୨୦୨୭ ନିର୍ବାଚନ ପାଇଁ ନିଜର ଦଳ ଗଠନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି । କିନ୍ତୁ କମଳ ଥାପା, ରାଜେନ୍ଦ୍ର ଲିଙ୍ଗଡେନ ଏବଂ ରବିନ୍ଦ୍ର ମିଶ୍ରଙ୍କ ପରି ନେତାମାନେ ରାଜସାହୀକୁ ନିର୍ବାଚନ ବ୍ୟବସ୍ଥାର ଉପରେ ବୋଲି କହିଛନ୍ତି । ଏପରିକି ରାଜା ନିକଟରେ ଭୁଟାନ ଗସ୍ତରେ ଯାଇଥିବା ସମୟରେ ସେଠାରେ ମଧ୍ୟ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମିଳିଥିଲା । ନେପାଳର ସେନାମୁଖ୍ୟ ନିକଟରେ ଏକ ମନ୍ତବ୍ୟ ଦେଇଥିଲେ, ଯାହାକୁ କେନ୍ଦ୍ରକରି ଚର୍ଚ୍ଚା ଜୋର୍ ଧରିଛି । ସେନାମୁଖ୍ୟ ଅଶୋକ ରାଜ ସିପଜେଲ ଲେଖିଥିଲେ ଯେ ନେପାଳର ସେନା ସବୁବେଳେ ଲୋକଙ୍କ ଇଚ୍ଛା ସହ ରହିଆସିଛି ।

ନିର୍ବାଚିତ ରାଜନେତାମାନେ ଲୋକଙ୍କ ସମସ୍ୟା ଅପେକ୍ଷା ନିଜ କ୍ଷମତା ଓ ସୁବିଧାକୁ ଅଧିକ ଗୁରୁତ୍ୱ ଦେଉଥିବା ବିଷୟ ମଧ୍ୟ ଅଭିଯୋଗ ହେଉଛି । ଯଦିଓ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟିର ସମର୍ଥନ ବହୁ ଅଧିକ ରହିନାହିଁ, ମାତ୍ର ୫ପ୍ରତିଶତ ସମର୍ଥନ ଦଳପାଇଛି । ତଥାପି ଆଗାମୀ ଦିନରେ ଏହି ଦଳ ଅଧିକ ଶକ୍ତିଶାଳୀ ହେବାର ଆଶା କରାଯାଉଛି ।

ନେପାଳର କାଠମାଣ୍ଡୁର ଶୋଭାଯାତ୍ରାରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ଫଟୋ ଶୋଭାପାଇବା ଘଟଣା ନେପାଳର ବହୁ ରାଜନେତାଙ୍କ ଭୟ ବଢାଇଛି । ନେପାଳ ରାଜପରିବାରର ସେ ମାର୍ଗଦର୍ଶକ । ନାଥ ସଂପ୍ରଦାୟର ପ୍ରମୁଖ ସନ୍ଥ ଭାବେ ତାଙ୍କର ସମ୍ମାନ ରହିଥିବା ହେତୁ ପଶୁପତିନାଥଙ୍କ ଭକ୍ତଗଣ ଗୋରଖନାଥ ପୀଠର ମହନ୍ତ ଯୋଗୀଙ୍କୁ ଯଥେଷ୍ଟ ସମ୍ମାନ ଦେଇଥାନ୍ତି । ଆଦିତ୍ୟନାଥ ମଧ୍ୟ ନେପାଳରେ ବେଶ୍ ଲୋକପ୍ରିୟ । ନେପାଳ ରାଜନୀତିରେ ଉତ୍ତର ପ୍ରଦେଶର ସମ୍ପର୍କ ରହୁଥିବା ହେତୁ ରାଜା ଜ୍ଞାନେନ୍ଦ୍ର ତାଙ୍କ ମାର୍ଗଦର୍ଶନରେ ନିର୍ବାଚନକୁ ଓହ୍ଲାଇପାରନ୍ତି ବୋଲି ଅନେକେ ମନେ କରୁଛନ୍ତି । ରାଜତନ୍ତ୍ର ଫେରିଲେ, ଧର୍ମକ୍ଷେତ୍ର ଆଧାରିତ ନେପାଳର ଅର୍ଥନୀତିକୁ ନୂଆମୋଡ ଦେଇପାରିବ ବୋଲି ଅଧିକାଂଶ ନେପାଳବାସୀ ବିଶ୍ୱାସ କରୁଛନ୍ତି ।

**ଭୁବନେଶ୍ୱର-୭୫୧୦୦୩**

# ତୀର୍ଥରାଜ ଯାଜପୁରର ବାରୁଣୀ ମେଳା

**କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ**

ଯେଉଁ ମହାତୀର୍ଥରେ ବେଦ ପୂଜନ, ଦାନ, ତାପସ୍ୟା, ବେଦ ପୁରାଣର ଅଧ୍ୟୟନ ଓ ଆଲୋଚନା ଓ ଯଜ୍ଞାଦି ବିଧି ଅନୁଷ୍ଠାନ, ଶିକ୍ଷାଦାନ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମାନବୀୟ ପ୍ରେମ ଉଦ୍‌ବୁଦ୍ଧ ହୋଇ ଅଧିବାସୀମାନେ ଏକତା ସୂତ୍ରରେ ଅନୁପ୍ରାଣିତ ହୋଇ ଭାଇଚାରାର ପରମ୍ପରା ସୃଷ୍ଟି ସହ ସହାବସ୍ଥାନ କରିଥାନ୍ତି, ସେହି ଅନ୍ୟ ଏକ ଶକ୍ତିପୀଠ ଓ ଭିନ୍ନ ଏକ ପ୍ରାଚୀନ ସହର ହେଉଛି ଯାଜପୁର । ବରାହ, ବିରଜା, ବେଦ, ବ୍ରାହ୍ମଣ, ବୈତରଣୀ ଆଦିକୁ ନେଇ ପଞ୍ଚ 'ବ'କାରର ଏ କ୍ଷେତ୍ର ଯାଜପୁର । ଏଣୁ ପଞ୍ଚ 'ବ'କାରଯୁକ୍ତ ଏହି କ୍ଷେତ୍ର ରାଜ ଜଗତରେ ତୀର୍ଥମାନଙ୍କ ମଧ୍ୟରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛି । ସୁତରାଂ ଏହା ବିଶ୍ୱରେ ଦୁର୍ଲଭ ଅଟେ । ତନ୍ତ୍ର ଓ ଧର୍ମସ୍ଥାନ ବ୍ୟତୀତ କେତେକ ପୁରାଣରୁ ମଧ୍ୟ ଏହି ପବିତ୍ର କ୍ଷେତ୍ରରେ ମାହାତ୍ମ୍ୟ ତଥା ଭୌଗଳିକ ଅବସ୍ଥିତି ଓ ପ୍ରାଚୀନତା ସମ୍ପର୍କରେ ଆମ୍ଭେ ଅବଗତ ହୋଇଥାଉ ।

**ଚୈତ୍ରମାସ, କୃଷ୍ଣପକ୍ଷ, ତ୍ରୟୋଦଶୀ ତିଥି ଶତଭିଷା ନକ୍ଷତ୍ର ସଂଯୁକ୍ତ ହୋଇ ଯଦି ଶନିବାର ଦିନ ପଡ଼େ, ତେବେ ସେହି ଯୋଗ ସ୍ନାନକୁ ମହାବାରୁଣୀ କୁହାଯାଏ । ଚୈତ୍ରମାସ, କୃଷ୍ଣପକ୍ଷ, ତ୍ରୟୋଦଶୀ ତିଥି ଶନିବାର, ବରୁଣ ବା ଶତଭିଷା ନକ୍ଷତ୍ର, ଶୁଭଯୋଗ ଓ ଗରକରଣ ଇତ୍ୟାଦି ସାତଗୋଟି ଯୋଗ ଏକତ୍ରିତ ହେଲେ ତାହାକୁ ମହାମହାବାରୁଣୀ କୁହାଯାଏ । ଏଭଳି ଯୋଗ ପ୍ରତିବର୍ଷ ପଡ଼େନାହିଁ । ବହୁବର୍ଷ ବ୍ୟବଧାନରେ କ୍ୱଚିତ୍ ପଡ଼ିବାର ଦେଖା ଯାଇଥାଏ । ସେହି ସମୟରେ ଏଠାରେ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କର ସମାଗମ ହୋଇଥାଏ ।**

ଆନୁମାନିକ ଆଜକୁ ପ୍ରାୟ ୫୦୦୦ ବର୍ଷ ପୂର୍ବରୁ ଶ୍ରୀବ୍ୟାସଦେବଙ୍କ ରଚିତ ପ୍ରଚୀନ ଗ୍ରନ୍ଥ ମହାଭାରତର ବନପର୍ବରେ ଏହି କ୍ଷେତ୍ରର ବର୍ଣ୍ଣନା ଦେଖିବାକୁ ମିଳେ । ପାଣ୍ଡବମାନେ ବନବାସ କରୁଥିବା ସମୟରେ ଲୋମଶ ମହର୍ଷିଙ୍କ ଦ୍ୱାରା ଉପଦିଷ୍ଟ ହୋଇ ଏହି କ୍ଷେତ୍ରକୁ ଆଗମନ କରଥିଲେ । ବୈତରଣୀରେ ସ୍ନାନକରି 'ମା' ବିରଜାଙ୍କୁ ପିତୃଗଣଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥିଲେ ।

**'ତତୋ ବୈତରଣୀ ଗତ୍ରେତ୍**
**ସର୍ବପାପ ପ୍ରମୋଚନୀମ୍**
**ବିରଜାକ୍ଷେତ୍ର ମାହାତ୍ମ୍ୟ**
**ବିରଜତେ ଯଥାଶଶୀ।'**

ଏହାର ଅର୍ଥ ହେଲା- ତହିଁରେ ପାପବିନାଶିନୀ ପୂର୍ଣ୍ଣତ୍ରୋୟା ବୈତରଣୀ କୂଳରେ ବିଦ୍ୟମାନ ଚନ୍ଦ୍ରମା ପ୍ରାୟ ଶୋଭିତା ଦେବୀ ବିରଜାଙ୍କ କ୍ଷେତ୍ର ଓ ପବିତ୍ର ତୀର୍ଥସ୍ଥାନ ସେଠାକୁ ଅବଶ୍ୟ ଗମନ କରିବା ଉଚିତ୍ । ଯୁଗ ଯୁଗ ଧରି ବିଭିନ୍ନ ନାମରେ ନାମିତ ଏ କ୍ଷେତ୍ରରେ ମହିମା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

ଯେଉଁ ସାଂସ୍କୃତିକ ଶବ୍ଦକୁ ପୁଞ୍ଜିକରି ବିରଜାଭୂମି ସମଗ୍ର ଭାରତ ଭୂଖଣ୍ଡରେ ଅଦ୍ୟାବିଧି ଆଧ୍ୟାତ୍ମିକ ଜାଗରଣରେ ବ୍ରତୀ ହୋଇ ରହିଛି, ସେ ମଧ୍ୟରେ ଉତ୍କଳର ଗଙ୍ଗା ବୈତରଣୀ ଅନ୍ୟତମ । ଯେଉଁମାନେ ବୈତରଣୀରେ ସ୍ନାନପୂର୍ବକ ଗୋ-ଦାନ, ପିତୃତର୍ପଣ ସହ ବରାହ ବିରଜାଙ୍କୁ ଦର୍ଶନ କରନ୍ତି, ସେମାନେ ପାପମୁକ୍ତ ହୋଇ ୨୧ ପୁରୁଷ ପର୍ଯ୍ୟନ୍ତ ପିତୃଲୋକଙ୍କୁ ଉଦ୍ଧାର କରନ୍ତି । 'ବୈ' ଶବ୍ଦର ଅର୍ଥ ହେଉଛି ନିଶ୍ଚୟ, 'ତରଣୀ'ର ଅର୍ଥ ନୌକା । ଅତଏବ ଯେଉଁ ନଦୀ ଭବସାଗର ପାର କରିବାରେ ଏକ ନିଶ୍ଚିତ ନୌକା ଅଟେ, ସେହି ବୈତରଣୀ ।

ବୈତରଣୀ ଅପାର ମହିମା ବିଷୟରେ କୁହାଯାଇଛି ଯେ ପ୍ରୟାଗ, କାଶୀ ଓ ପୁଷ୍କର ଆଦି ତୀର୍ଥ ଅପେକ୍ଷା ନିଜର ପବିତ୍ର ଜଳରାଶିରେ ସ୍ନାନକାରୀର ପାପତାପକୁ ପ୍ରକ୍ଷାଳନ କରି ପ୍ରାଣୀମାନଙ୍କୁ ଶ୍ରୀଘ୍ର ପାପମୁକ୍ତ କରୁଥିବାରୁ ଏହା ବୈତରଣୀ ନାମରେ ଲୋକ ଶ୍ରୁତି ଅଟେ । ସେଥିପାଇଁ ମହର୍ଷି ଲୋମଶ ବିରଜା ତୀର୍ଥକୁ ଯାଇ ପାପନାଶିନୀ ବୈତରଣୀରେ ସ୍ନାନ କରିବାକୁ ଯୁଧିଷ୍ଠିର ଆଦି ପାଣ୍ଡବମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଗଙ୍ଗା, ବୈତରଣୀ ନାମରେ ବ୍ରହ୍ମାଙ୍କ ଯଜ୍ଞାନୁଷ୍ଠାନ କାଳରେ ଏହି କ୍ଷେତ୍ରଙ୍କୁ ଆସିଥିବାରୁ ତାଙ୍କୁ ବୈତରଣୀ ଗଙ୍ଗା ବୋଲି କୁହାଯାଏ । ଅତଏବ ଭକ୍ତିର ସହ ବୈତରଣୀରେ ସ୍ନାନ, ଦାନ ଓ ପିତୃତର୍ପଣ କଳିଗ୍ରସ୍ଥ ମଣିଷକୁ ଦିବ୍ୟତ୍ୱ ପ୍ରଦାନ କରେ । ତେଣୁ ବୈତରଣୀରେ ବିଭିନ୍ନ ସ୍ନାନଯୋଗ ମଧ୍ୟରେ 'ବାରୁଣୀ ସ୍ନାନ' ଯୋଗ ସମୟରେ ଭାରତର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାର ପୂଣ୍ୟାତ୍ମା ଭକ୍ତବୃନ୍ଦଙ୍କୁ ଏଠାକୁ ଆସିବାକୁ ସତତ ଅନୁପ୍ରେରିତ କରିଛି।

ପ୍ରତିବର୍ଷ ଚୈତ୍ରକୃଷ୍ଣ ତ୍ରୟୋଦଶୀ ତିଥିରେ ବାରୁଣୀଯୋଗ ପଡ଼େ । ମଧୁ ମାସରେ ଅର୍ଥାତ୍ ବସନ୍ତ ଋତୁରେ ଚୈତ୍ର ମାସରେ ଏହି ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇଥିବାରୁ ଏହି ଏହାକୁ ମଧୁବାରୁଣୀ ବୋଲି କେତକ କହିଥାନ୍ତି । ବାରୁଣୀ ସ୍ନାନ ଏକ ଯୋଗ ସ୍ନାନ ହୋଇଥିବାରୁ ସାଧାରଣ ସ୍ନାନ ଯୋଗ ଏଠାରେ ପ୍ରଯୁଜ୍ୟ ନୁହେଁ ।

ଦିବସରେ ଅଥବା ରାତ୍ରିରେ ଯୋଗ ସ୍ନାନ କରାଯାଇପାରେ । ତେଣୁ ପ୍ରତ୍ୟେକ ମୁକ୍ତିଗାମୀ ମଣିଷ ଯୋଗସ୍ନାନ କରି ନିଜେ ପାପତାପରୁ ମୁକ୍ତି ହେବା ସହିତ ନିଜର ପୂର୍ବ ପୁରୁଷମାନଙ୍କୁ ମୁକ୍ତି କରିଥାନ୍ତି । ସାଧାରଣ ବାରୁଣୀ ସ୍ନାନଯୋଗ ଅର୍ଥାତ୍ ଚୈତ୍ରକୃଷ୍ଣ ତ୍ରୟୋଦଶୀ ତିଥିରେ ଶତଭିଷା ନକ୍ଷେତ୍ର ସଂଯୋଗର ସମୟ ।

ଚୈତ୍ରମାସ, କୃଷ୍ଣପକ୍ଷ, ତ୍ରୟୋଦଶୀ ତିଥି ଶତଭିଷା ନକ୍ଷତ୍ର ସଂଯୁକ୍ତ ହୋଇ ଯଦି ଶନିବାର ଦିନ ପଡ଼େ, ତେବେ ସେହି ଯୋଗ ସ୍ନାନକୁ ମହାବାରୁଣୀ କୁହାଯାଏ । ଚୈତ୍ରମାସ, କୃଷ୍ଣପକ୍ଷ, ତ୍ରୟୋଦଶୀ ତିଥି ଶନିବାର, ବରୁଣ ବା ଶତଭିଷା ନକ୍ଷତ୍ର, ଶୁଭଯୋଗ ଓ ଗରକରଣ ଇତ୍ୟାଦି ସାତଗୋଟି ଯୋଗ ଏକତ୍ରିତ ହେଲେ ତାହାକୁ ମହାମହାବାରୁଣୀ କୁହାଯାଏ । ଏଭଳି ଯୋଗ ପ୍ରତିବର୍ଷ ପଡ଼େନାହିଁ । ବହୁବର୍ଷ ବ୍ୟବଧାନରେ କ୍ୱଚିତ୍ ପଡ଼ିବାର ଦେଖା ଯାଇଥାଏ । ସେହି ସମୟରେ ଏଠାରେ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କର ସମାଗମ ହୋଇଥାଏ ।

ଆକୁମାରୀ ହିମାଚଳ ଭାରତର ସବୁ ପ୍ରାନ୍ତରୁ ହିନ୍ଦୁ ଧର୍ମାଲମ୍ବୀ ତୀର୍ଥଯାତ୍ରୀ ଗଣ ସମସ୍ତ ତୀର୍ଥ ଦର୍ଶନ ପରେ ବାରୁଣୀ ଯୋଗରେ ଯାଜପୁର ଆସି ବୈତରଣୀରେ ସ୍ନାନପୂର୍ବକ ପିତୃପୁରୁଷଙ୍କୁ ପିଣ୍ଡ ପ୍ରଦାନ ଓ ଗୋଦାନ ସମ୍ପନ୍ନ କରି ତୀର୍ଥ ଯାତ୍ରା ଉଦ୍‌ଯାପନ କରିଥାନ୍ତି । ଏତଦ୍ ବ୍ୟତୀତ ଯାଜପୁରଠାରେ ନାଭିଗୟାରେ ଅବସ୍ଥିତ ହେତୁ ଏହା ସର୍ବଭାରତୀୟ କ୍ଷେତ୍ରରେ ଏକ ପ୍ରସିଦ୍ଧ ଓ ପ୍ରାଚୀନ ପିତୃତୀର୍ଥ ରୂପେ ପରିଗଣିତ ହୁଏ । ପୁରୀ ସହରର ଭାର୍ଗବୀ ନଦୀତଟ ବାଲୁକେଶ୍ୱର ନିକଟ, ଋଷିକୂଲ୍ୟା ନଦୀର ଉତ୍ତରବାହିନୀ, ଗଞ୍ଜାମର ସୋରଡ଼ା, ଧରାକୋଟରେ ଚନ୍ଦ୍ରକଲ୍ଲେଶ୍ୱର, ପ୍ରତାପପୁରର ତୁମ୍ବେଶ୍ୱର ଓ ଗଞ୍ଜାମର ଲୋକନାଥଙ୍କ ନିକଟରେ ପ୍ରତିବର୍ଷ ବାରୁଣୀମେଳା ବସେ ଓ ହଜାର ହଜାର ଭକ୍ତ ସ୍ନାନଯୋଗ କରନ୍ତି ।

ଓଡ଼ିଶାର ଅନ୍ୟାନ ସ୍ଥାନଠାରୁ ଯାଜପୁରର ବାରୁଣୀ ମେଳା ଅନନ୍ୟ ଓ ଅତି ପ୍ରସିଦ୍ଧ । ଖୁବ୍ କମ୍ ସମୟ ଲାଗି ଯୋଗସ୍ନାନର ମୂହୁର୍ତ୍ତ ରହୁଥିଲେ ମଧ୍ୟ ଏହି ମେଳା ୮-୯ ଦିନ ଧରି ଚାଲେ । ଦଶାଶ୍ୱମେଧ ଘାଟ ନିକଟସ୍ଥ ବୈତରଣୀ ତଟଦେଶରେ ଏସବୁ ସ୍ନାନଯୋଗ ଅନୁଷ୍ଠିତ ହୁଏ । ବରାହ-ବିରଜା-ବିପ୍ର-ବୈଦିକ ସଂସ୍କୃତି ଓ ପୁଣ୍ୟତୋୟା ବୈତରଣୀ, ଯାଜପୁର ମାଟିକୁ ମହିମାମୟ କରିଛନ୍ତି ।

ଏହି ପବିତ୍ର ମାଟିର ଗାରିମାରେ ନିଜକୁ ସାମିଲ୍ କରି ଭାରତର କୋଣ ଅନୁକୋଣରୁ ଭକ୍ତବୃନ୍ଦ ଏଠାକୁ ଆସନ୍ତି ନିଜର ଧାର୍ମିକ ଚେତନାକୁ ସାର୍ଥକ କରିବା ପାଇଁ । ସୁତରାଂ ପୌରାଣିକ, ଅନ୍ୟାନ୍ୟ କିମ୍ବଦନ୍ତୀ ଓ ଲୋକକଥା ଆଧାର କରି ଯଜ୍ଞଭୂମି ବିରଜାକ୍ଷେତ୍ର ଏକ ଅତୁଟ ଆବେଗରେ କୋଳେଇ ନିଏ ଶ୍ରଦ୍ଧାଳୁ ଜନାତାକୁ । ସକଳ କଳୁଷକୁ ଧୋଇଦେଇ ମନରେ ଭରିଦିଏ ଶାଶ୍ୱତ ଆଧ୍ୟାତ୍ମିକ ପୂଲକ । କ୍ଷେତ୍ରଶ୍ୱରୀ ମା' ବିରଜା, ବରାହ, ବିଷ୍ଣୁ, ପୀତୃତୀର୍ଥ ନାଭିଗୟା ଓ ପୁଣ୍ୟତୋୟା ବୈତରଣୀ ତଥା ନାନା ଦେବାଦେବୀ ପ୍ରତ୍ୟକ୍ଷ ସମ୍ପର୍କରେ ମୁକ୍ତିଗାମୀ ମଣିଷ ନିଜକୁ ପବିତ୍ର ମନେକରେ । ସର୍ବୋପରି ମଧୁମାସରେ ପାଗ ଅନୁକୂଳ ଥିବା ହେତୁ ଓ ନଦୀଜଳ ସ୍ପର୍ଶ କରି ଶୀତଳ ସମୀର ପ୍ରବାହିତ ହେଇଥିବାରୁ ବାରୁଣୀମେଳା ସବୁ ଶ୍ରେଣୀରେ ଜନସାଧାରଣଙ୍କୁ ଆକୃଷ୍ଟ କରିଥାଏ ।

**ଷଠିପୁର, ଯାଜପୁର**
**ମୋ- ୭୮୪୯୦୧୫୧୨୭**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭୁବନେଶ୍ୱର ୱାର୍ଡ ନମ୍ବର ୫୨ ଭୀମପୁର ଡେଭେଲପମେଣ୍ଟ କମିଟି କାର୍ଯ୍ୟାଳୟ ଲୋକାର୍ପିତ

ଭୁବନେଶ୍ୱର (ସବ୍ୟୁ): ବିଏମସିର ୱାର୍ଡ ନମ୍ବର ୫୨ ଭୀମପୁର ଉନ୍ନୟନ କମିଟିର କାର୍ଯ୍ୟାଳୟର ଉଦଘାଟନ କରିଛନ୍ତି ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ । ୱାର୍ଡ ନମ୍ବର ୫୨ ଭୀମପୁର ଡେଭେଲପମେଣ୍ଟ କମିଟିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ୬୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟକୁ ଲୋକାର୍ପିତ କରିଛନ୍ତି ଅପରାଜିତା । ଏହି ଅବସରରେ କମିଟିକୁ ସାଂସଦ ଉନ୍ନୟନ ପାଣ୍ଠିରୁ ଆଉ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ସେ । ଯେଉଁଥିରେ ୫୨ ନମ୍ବର ୱାର୍ଡରେ ବସବାସ କରୁଥିବା ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀଙ୍କ ନିମନ୍ତେ ଏଠାରେ ଏକ ଡେ କେୟାର ସେଣ୍ଟର ପ୍ରତିଷ୍ଠା କରାଯିବ । ଏଥିରେ ବରିଷ୍ଠ ନାଗରିକଙ୍କର ବସାଉଠାଠୁ ଆରମ୍ଭ କରି ଲାଇବ୍ରେରୀ, ଆମୋଦପ୍ରମୋଦ, ଅଭିଯୋଗ ପ୍ରକୋଷ୍ଠ ମଧ୍ୟ ପ୍ରତିଷ୍ଠା କରାଯିବ । ବରିଷ୍ଠ ନାଗରିକମାନଙ୍କ ମାଇଁ ବିଭିନ୍ନ ପ୍ରକାରର ଇନଡୋର ଗେମର ମଧ୍ୟ ବ୍ୟବସ୍ଥା କରାଯିବ । ତାଛଡ଼ା ବିଭିନ୍ନ ସମସ୍ୟା ନେଇ ସେମାନଙ୍କୁ ଏଣେ ତେଣେ ଦୌଡ଼ିବାକୁ ପଡ଼ିବନି । ଏଠାରେ ସାଂସଦଙ୍କ ଦ୍ୱାରା ନିର୍ମିତ ହେବାକୁ ଥିବା ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଲେ ଯଥାଶୀଘ୍ର ତାର ସମାଧାନ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ସାଂସଦ ଅପରାଜିତା । ଏହାଦ୍ୱାରା ୫୨ ନମ୍ବର ୱାର୍ଡ ବାସୀଙ୍କର ଦୀର୍ଘଦିନର ଦାବି ପୂରଣ ହୋଇଛି ବୋଲି ଅପରାଜିତା କହିଛନ୍ତି । କମିଟିର ବାର୍ଷିକ ଉତ୍ସବରେ ଅପରାଜିତାଙ୍କ ଛଡ଼ା ମୁଖ୍ୟ ବକ୍ତାଭାବେ ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, ୫୨ ନମ୍ବର ୱାର୍ଡ ଡେଭେଲପମେଣ୍ଟ କମିଟିର ସଭାପତି ସ୍ୱରାଜ ମୋହନ ସାହୁ, ସମ୍ପାଦକ ଅର୍ଜ୍ଜୁନ କୁମାର ଦାଶ ଏବଂ ମୁଖ୍ୟ ଉପଦେଷ୍ଟା ଶଶାଙ୍କ ସେଖର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।



## ରେଜ୍ ଫାଉଣ୍ଡେସନ୍‌ର ଅଭିନବ କାର୍ଯ୍ୟକ୍ରମ

# ୪ର୍ଥ ସ୍ୱୟଂସିଦ୍ଧା ସମ୍ମାନରେ ସମ୍ମାନିତ ହେଲେ ୮ ମହିଳା

କଟକ, (ସ୍ୱପ୍ର): ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ରେଜ୍ ଫାଉଣ୍ଡେସନ୍ ଆନୁକୁଲ୍ୟରେ ୪ର୍ଥ ସ୍ୱୟଂସିଦ୍ଧା ସମ୍ମାନ ୨୦୨୫ ସ୍ଥାନୀୟ ଶିଖରପୁର ସ୍ଥିତ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥିଭାବେ ମେୟର ସୁବାଷ ଚନ୍ଦ୍ର ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ରମାଦେବୀ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧୀକାରୀ ବିପିନ ବିହାରି ରାଉତ, ସମ୍ବାଦର ସହ-ପ୍ରବନ୍ଧକ କୃଷ୍ଣ ପ୍ରସାଦ ଦାସ, ସାଇବର କ୍ରାଇମ ଓ ଇକୋନୋମିକ୍ ଅଫେନ୍ସ ବିଭାଗର ସହଯୋଗୀ ଶୁଭଶ୍ରୀ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିବା ସହ ୮ଜଣ ପ୍ରତିଭାଧାରୀ ମହିଳାଙ୍କୁ ସମ୍ମାନୀତ କରିଥିଲେ । ରେଜ୍ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ତଥା ବିଶିଷ୍ଟ ମହିଳା ଶିଳ୍ପୋଦ୍ୟୋଗୀ ରଶ୍ମୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂପାଦକ ଅଭିନାଶ ସିଂ ସ୍ୱାଗତ ଭାଷଣ ରଖିଥିଲେ। ଅଧ୍ୟକ୍ଷା ଶ୍ରୀମତୀ ସାହୁ ପ୍ରକାଶ କରିଥିଲେ ଯେ ୪ ବର୍ଷର ପ୍ରୟାସରେ ରେଜ୍ ଫାଉଣ୍ଡେସନ୍ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଅନେକ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେଇ ଅନେକ ଲୋକଙ୍କ ମୁହଁରେ ହସ ଫୁଟାଇ ପାରିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ, ପିତା ଡ଼. ଶରତ କୁମାର ସାହୁଙ୍କ ମାର୍ଗଦର୍ଶନ ରେଜ୍ ଫାଉଣ୍ଡେସନ୍‌କୁ ସ୍ୱଳ୍ପ ସମୟ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟିକ ସଂସ୍ଥାନ, କ୍ରୀଡା, ଅନ୍ନଦାନ, ତଥା ସର୍ବୋପରି କର୍କଟ ପିଡୀତ ଶିଶୁମାନଙ୍କ ପାଇଁ କାର୍ଯ୍ୟକ୍ରମ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି । ଏହି ଅବସରରେ ୮ ଜଣ ବିଶିଷ୍ଟ ସଫଳ ମହିଳାଙ୍କୁ ସେମାନଙ୍କର ସାଧନା ଓ ସ୍ୱୀକୃତୀ ପାଇଁ ସ୍ୱୟଂସିଦ୍ଧା ସମ୍ମାନ ୨୦୨୫ରେ ସମ୍ମାନୀତ କରାଯାଇଥିଲା । ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଖା ବୃଦ୍ଧାଶ୍ରମର ପ୍ରତିଷ୍ଠାତ୍ରୀ କବିତା ମହାପାତ୍ରଙ୍କୁ ଜୀବନ ବ୍ୟାପି ସାଧନା ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଶ୍ରେଷ୍ଠ ମହିଳା ସମ୍ମାନରେ ଓମ୍ ସାଇ ସଂସ୍ଥାନର ଶକୁନ୍ତଳା ମୁଦୁଲିଙ୍କୁ ସମ୍ମାନୀତ କରାଯାଇଥିଲା । କୃଷ୍ଣପ୍ରିୟା ତ୍ରିପାଠୀ, ଅନୁପମା ନାୟକ, ସୁଶ୍ରୀ ସଙ୍ଗୀତା ଦାସ, ରୋଜାଲିନ ବେହେରା, ସାମ୍ବାଦିକ ସିମନ୍ତିକା ନନ୍ଦ, ବିଣା ଧୋଳିଙ୍କୁ ମଧ୍ୟ ବିଭିନ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ସମସ୍ତ ଅତିଥି ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶିକା(ସ୍ୱାଧୀନ) ଆର୍ଯ୍ୟା କୁମାରୀ ପାଣିଗ୍ରାହୀ, ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ସମାଜସେବୀ ସଞ୍ଜୟ ଜେନା, କର୍ପୋରେଟର ଇଂ ସୁବ୍ରତ ଘଡ଼େଇ ଓ ହିମାଂଶୁ ଶେଖର ଷଡଙ୍ଗୀଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଓ ସମାଜୀକ କର୍ମୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି ସ୍ୱୟଂସିଦ୍ଧା କାର୍ଯ୍ୟକ୍ରମକୁ ସଂଚ୍ଚାଳନ କରିଥିଲେ ଉଲ୍ଲାସ ଚନ୍ଦ୍ର ବେହୁରା। ଶ୍ରୀକାନ୍ତ ମହାପାତ୍ର, ଶିଳ୍ପା ଦାସ, ଚିନ୍ମୟୀ ଭୂୟାଁ । ହ୍ୱାଇଟକାନଭାସର କର୍ମକର୍ତ୍ତାମାନେ ଏଥିରେ ସହାୟତା କରିଥିଲେ।



# ଗିଫ୍ଟ ସ୍ୱୟଂଶାସିତ କଲେଜରେ ଟେକ୍‌ଫେଷ୍ଟ

ଭୁବନେଶ୍ୱର, (ସବ୍ୟୁ): ଗିଫ୍ଟ ସ୍ୱୟଂଶାସିତ କଲେଜରେ ୧୭ତମ ଟେକ୍‌ଫେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନରୁ ପାଖାପାଖି ୬୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ଟେକ୍‌ଫେଷ୍ଟରେ ଅନ୍ୟୁନ ୨୦ ଟି ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ନାମ ପଞ୍ଜିକରଣ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଓକେସିଏଲ୍‌ରେ ଏମ୍‌ଡି ଡଃ. ମନୋରଂଜନ ପୁଥାଲ ମୁଖ୍ୟଅତିଥି ଓ ସମ୍ମାନନୀୟ ଅତିଥି ଭାବେ ଓଓଏ ଆଇଆଇଜି ଭରସିଟ୍ ଡାଇରେକ୍ଟର ଅଦିତ ଜେନା ଯୋଗ ଦେଇଥିଲେ । ଏଥିସହ ଅଧକ୍ଷ ଡଃ ତ୍ରିଲୋଚନ ସାହୁ, ଉପାଧକ୍ଷ ଡଃ. ଦେବେନ୍ଦ୍ର ପଣ୍ଡା, ଡାଇରେକ୍ଟର ଡଃ. ପତିତ ପାବନ ପଣ୍ଡା, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଉଦ୍‌ଯାପନ ସମାରୋହରେ ଟିସିଏସ୍ ଭୁବନେଶ୍ୱରର ଏଚ୍‌ଆର ମୁଖ୍ୟ ଅବିନାଶ ସାମଲ ମୁଖ୍ୟ ଅତିଥୀ ଭାବେ ଯୋଗଦେଇଥିବାବେଳେ ଓଏବ ବକେଟ୍‌ର ଡାଇରେକ୍ଟର ପିୟୁସ୍ ଜେନା ସମ୍ମାନନୀତ ଅତିଥୀ ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ଡଃ. ସତ୍ୟରଂଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଛାତ୍ର ପ୍ରତିନିଧି ଆଶୀର୍ବାଦ ଦାସ, ଅବିନାଶ ଦାସ ଓ ଜଗମୋହନ ସାମନ୍ତସିଂହାର ସଫଳତାର ସହସଂପାଦନ କରିଥିଲେ।



# ହାୟର୍ ଆଣିଲା ଭାରତର ଏକମାତ୍ର ଏଆଇ କ୍ଲାଇମେଟ କଂଟ୍ରୋଲ ଏୟାର କଣ୍ଡିସନ୍‌ର

ଭୁବନେଶ୍ୱର (ସବ୍ୟୁ): କ୍ରମାଗତ ୧୬ ବର୍ଷଧରିବିଶ୍ୱର ଏକ ନମ୍ବର ପ୍ରମୁଖ ଗୃହ ଉପକରଣ ବ୍ରାଣ୍ଡ ହାୟରଇଣ୍ଡିଆ ଗ୍ରୀଷ୍ମ ଋତୁ ପୂର୍ବରୁ, ଏହାର ସଦ୍ୟତମ ଏଆଇ-ପରିଚାଳିତ ଏୟାର କଣ୍ଡିସନରର ଶୁଭାରମ୍ଭ କରିଛି। ଏହା ଭାରତର ଘରର ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ବୁଦ୍ଧମିତାପର୍ଣ୍ଣ ଶୀତଳତା ପ୍ରଦାନ କରିବା ଲାଗି ଉଦ୍ଦିଷ୍ଟ। ଭାରତର ଏକମାତ୍ର ଏଆଇ କ୍ଲାଇମେଟ କଂଟ୍ରୋଲ ସବୁଧା ସହ ପ୍ରସ୍ତୁତ, ନୂତନ ଏସିଗୁଡକି ବ୍ୟବହାରକାରୀଙ୍କ ପସନ୍ଦ ଏବଂ ପରିବେଶ୍ ପରିସ୍ଥିତି ସହିତ ସ୍ୱୟଂକ୍ରିୟା ଭାବନର ଖାପଖୁଆଇଥାଏ। ହାୟର ଏଆଇ କ୍ଲାଇମେଟ କଂଟ୍ରୋଲ ପ୍ରଯୁକ୍ତି ବ୍ୟବହାରକାରୀଙ୍କ ପସନ୍ଦକୁ ବୁଦ୍ଧିମାନ ଭାବରେ ଅନୁଧ୍ୟାନ କରିବା, ଥଣ୍ଡା କରିବାର ବ୍ୟବସ୍ଥାକ ଅନୁଯାୟୀ ଅନୁକୂଳ କରିବା ଏବଂ ଏକ ବାଧାମୁକ୍ତ ଅଭିଜ୍ଞତା ପାଇଁ ଶକ୍ତିଦକ୍ଷତାକୁ ଉପଯୋଗ କରି ଏୟାର କଣ୍ଡିସନିଂ କ୍ଷେତ୍ରରେ ବିପ୍ଳବ ଆଣିଛି। ଏହି ଉନ୍ନତ ବ୍ୟବସ୍ଥାରେ ତିନୋଟି ପ୍ରମୁଖ ବୈଶିଷ୍ଟ୍ୟ ରହିଛି: ଏଆଇ କଲାଇମମଟ୍ ଆସିଷ୍ଟାଣ୍ଟ ବ୍ୟବହାରକାରୀଙ୍କ ଅଭ୍ୟାସ ସହିତ ଖାପଖୁଆଇ ଶୀତଳତାକୁ ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ଅନୁକୂଳ କରିଥାଏ, ସର୍ବନିମ୍ନ ପ୍ରୟାସ ସହିତ ସର୍ବାଧିକ ଆରାମ ସୁନିଶ୍ଚିତ କରିଥାଏ। ବିଦ୍ୟୁତ ଖର୍ଚ୍ଚ ନିରିକ୍ଷଣ ବ୍ୟବହାରକାରୀଙ୍କୁ ଦୈନିକ, ସାପ୍ତାହିକ କିମ୍ବା ମାସିକ ବିଦ୍ୟୁତ ଶକ୍ତି ବୟବହାର ଲକ୍ଷ୍ୟ ସ୍ଥିର କରିବାକୁ ଅନୁମତି ଦେଇଥାଏ, ଉନ୍ନତ ବିଦ୍ୟୁତ ଶକ୍ତି ସଂଚୟ ପାଇଁ ଉନ୍ନତ ନିରୀକ୍ଷଣ ଏବଂ ଉପଯୋଗୀକରଣ ସକ୍ଷମ କରେ ।

# ଚୋଳ ଗ୍ରାମୀଣ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ଏହାର ପ୍ରତିବଦ୍ଧତା ଦୋହରାଇଛି

ଭୁବନେଶ୍ୱର (ସବ୍ୟୁ): ରୟାଲ କମନୱେଲଥ ସୋସାଇଟି ସହ ଭାଗିଦାରୀରେ ଚୋଳମଣ୍ଡଳମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନି ଲିମିଟେଡ୍ (ଚୋଳ) ଗ୍ରାମୀଣ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ନିଜର ପ୍ରତିବଦ୍ଧତାକୁ ବିସ୍ତାର କରୁଛି । ବିଶେଷ କରି ଓଡ଼ିଶାର ନବରଙ୍ଗପୁରରେ ଅବହେଳିତ ସମ୍ପ୍ରଦାୟକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରେ ଚକ୍ଷୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବାରେ ଉନ୍ନତି ଆଣିବା ଏହି ପଦକ୍ଷେପର ଲକ୍ଷ୍ୟ । ସାଇଟ୍ ସେଭର୍ସ ହେଉଛି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯାହାର ଭାରତରେ ୫୦ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି । ଏହି ଏନଜିଓ ଦୃଷ୍ଟିହୀନତାକୁ ଦୂର କରିବା ଏବଂ ଦୃଷ୍ଟିହୀନ ବ୍ୟକ୍ତିଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ସମର୍ପିତ । ଚୋଳଙ୍କ ଦ୍ୱାରା ଗ୍ରାମୀଣ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଗ୍ରାମୀଣ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ଚକ୍ଷୁ ଯତ୍ନ ସେବା ପ୍ରଦାନ, ଉପଲବ୍ଧତା, ସୁଲଭତା ଏବଂ ଗୁଣାତ୍ମକ ଚିକିତ୍ସା ସୁନିଶ୍ଚିତ କରି ଏହି ଅଭିଯାନକୁ ଆଗକୁ ବଢ଼ାଇଥାଏ ।

ଗୋଟିଏ ମାସ ମଧ୍ୟରେ ନବରଙ୍ଗପୁର ଜିଲ୍ଲାର ୨୬୦୦ ହିତାଧିକାରୀଙ୍କ ସ୍କ୍ରିନିଂ ଓ ୪୦୦ ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ସହାୟତା କରି ଚକ୍ଷୁ ସ୍ୱାସ୍ଥ୍ୟ ସ୍ଥିତିରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି । ଚକ୍ଷୁ ସ୍ୱାସ୍ଥ୍ୟ ବୃଦ୍ଧି ଦ୍ୱାରା ଉନ୍ନତ ମାନର ଜୀବନ ଧାରଣ ହେବ, ଯାହା ଉତ୍ପାଦକତା ବୃଦ୍ଧି କରିବ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି । ଉପଲବ୍ଧ ଚକ୍ଷୁ ସ୍ୱାସ୍ଥ୍ୟ ସେବାର ଉପଯୋଗ ପାଇଁ ଗ୍ରାମୀଣ ଜନସାଧାରଣଙ୍କୁ ଉତ୍ସାହିତ କରିବା ପାଇଁ ସଚେତନତା ବୃଦ୍ଧି ଉପରେ ମଧ୍ୟ ଏହି ପଦକ୍ଷେପ ଧ୍ୟାନ ଦେବ । ଏହି ଟିମ୍ ଚକ୍ଷୁ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, କ୍ଲିନିକାଲ ଗୁଣବତ୍ତା ମୂଲ୍ୟାୟନ ଏବଂ ପରାମର୍ଶ ସହିତ କର୍ମଶାଳା ଆୟୋଜନ କରିଥିଲେ । ଚୋଳମଣ୍ଡଳମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ରବୀନ୍ଦ୍ର କୁମାର କୁଣ୍ଡୁ କହିଛନ୍ତି ଯେ "ଚୋଳରେ ଆମେ ସାମଗ୍ରିକ ସୁସ୍ଥତା ବୃଦ୍ଧିରେ ଚକ୍ଷୁ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରୁଛୁ ।



## ବିଧାନସଭାରୁ ୧୨ କଂଗ୍ରେସ ବିଧାୟକ ନିଲମ୍ବନ ପ୍ରସଙ୍ଗ

# ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ପ୍ରତୀକ ଶବଦାହ

ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ମହିଳା ବିରୋଧି ମୋହନ ସରକାରଙ୍କର ଗଣ ଶବଦାହ କରାଯାଇଛି । ଯୁବ କଂଗ୍ରେସ କର୍ମୀମାନେ ମାଷ୍ଟର କ୍ୟାଣ୍ଟିନ ଛକରୁ ଲୋଏର ପି.ଏମ୍.ଜି ଛକ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଏବଂ ବାଚସ୍ପତିଙ୍କର ପ୍ରତୀକ କୋକେଇ କାନ୍ଧେଇ ନେଇଥିଲେ । ଲୋଏର ପିଏମଜି ପର୍ଯ୍ୟନ୍ତ ହିନ୍ଦୁ ରୀତି ନୀତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କର ପ୍ରତୀକ ଶବଦାହ କରାଯାଇଥିଲା । ବିଧାନସଭାରେ ଓଡ଼ିଶାର ଅତ୍ୟାଚାରିତ ମହିଳାମାନଙ୍କୁ ନ୍ୟାୟ ଦାବି କରୁଥିବା ୧୨ ଜଣ କଂଗ୍ରେସ ବିଧାୟକଙ୍କୁ ଗୃହରୁ ନିଲମ୍ବିତ କରାଯାଇଛି। କଂଗ୍ରେସ ବିଧାୟକଙ୍କର ଗୃହରେ ପାଟି ଖୋଲିବାର ଅଧିକାର ନାହିଁ । ବିଜେପି ସରକାର, ବାଚସ୍ପତି, ମୁଖ୍ୟମନ୍ତ୍ରୀ ଓ ବିଜେପି ବିଧାୟକ ଓଡ଼ିଶା ବିଧାନ ସଭାକୁ ନିଜର ଦଳୀୟ ସଂପତି ମନେ କରୁଛନ୍ତି। ଏଠାରେ ବିରୋଧି ଦଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ନିଜର ଅଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ଦିଆଯାଉନାହିଁ।

ରାଜ୍ୟର ସମସ୍ତ ମହିଳାମାନେ ଗଣମାଧ୍ୟମରେ ଦେଖୁଛନ୍ତି ଯେ ସେମାନଙ୍କର ସୁରକ୍ଷା ପାଇଁ ବିଧାନ ସଭାରେ କଂଗ୍ରେସ ଦଳ ସ୍ୱର ଉତ୍ତୋଳନ କରୁଛି। ମାତ୍ର ଶାସକ ଦଳର ବିଧାୟକମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଶାରିରୀକ ଆକ୍ରମଣ କରୁଛନ୍ତି। ମହିଳାଙ୍କ ଭୋଟ ପାଇ ନିର୍ବାଚିତ ହେଲା ପରେ ମହିଳାଙ୍କ ସୁରକ୍ଷାର ପ୍ରସଙ୍ଗକୁ ବିଜେପି ସରକାର ଭୁଲିଯାଇଛି। ଏହି କାର୍ଯ୍ୟକ୍ରମ ପ୍ରଦର୍ଶନ ସମୟରେ ପ୍ରତିକାତ୍ମକ ଭାବେ ଯୁବ କଂଗ୍ରେସର ମହିଳା କର୍ମୀମାନେ ଶବଦାହ ସମୟରେ ରୋଦନ କରିଥିଲେ। କୋକେଇ ପାଖରେ ବସି ମଥା ପିଟିଥିଲେ। ସମସ୍ତ ରୀତିନୀତି ସହ ଲୋଏୟର ପିଏମ୍‌ଜି ଠାରେ ବାଚସ୍ପତି ଓ ମୁଖ୍ୟମନ୍ତ୍ରୀଙ୍କର ଶବଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏଆଇସିସି ସଭ୍ୟ ମାନସ ଚୌଧୁରୀ, ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ, ଉଦିତ୍ ପ୍ରଧାନ, ନିହାର ବେହେରା, ସୁଦିପ ସାମଲ, ଅମୀୟ ପାଣ୍ଡବ, ଅଭିଳାସ ମାଣିଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଜୀ ସାର୍ଥକର ନୂଆ ଫିଲ୍ମ 'ଅଜବ ଏ ପ୍ରେମ କାହାଣୀ'

# ମାର୍ଚ୍ଚ ୩୦ ତାରିଖ ସନ୍ଧ୍ୟା ୬:୩୦ରେ ପ୍ରସାରଣ

ଭୁବନେଶ୍ୱର (ସବ୍ୟୁ): ସମୟ ସହିତ ଓଡ଼ିଆ ସିନେମାର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି । ନିଛକ, ବାସ୍ତବବାଦୀ ଓ ଭିନ୍ନ କାହାଣୀକୁ ବଡ଼ ପରଦାକୁ ନେଇ ଆସିବା ଏବେ ଜୀ ସାର୍ଥକର ମୂଳ ଉଦ୍ଦେଶ୍ୟ । ଏମିତିରେ ଓଡ଼ିଶାର ଘରେ ଘରେ ପରିଚିତ ଲୋକଙ୍କର ମନପସନ୍ଦର ଚ୍ୟାନେଲ୍ ଜୀ ସାର୍ଥକ ଗୋଟିଏ ପରେ ଗୋଟିଏ ନିଛକ କାହାଣୀ ନିଜ ଦର୍ଶକଙ୍କୁ ଭେଟି ଦେଉଛି । ଆସନ୍ତା ୩୦ ମାର୍ଚ୍ଚ ସନ୍ଧ୍ୟା ୬:୩୦ ମିନିଟରେ ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର 'ଅଜବ ଏ ପ୍ରେମ କାହାଣୀ'କୁ ଦେଖିବାକୁ ପାଇବେ ସିନେପ୍ରେମୀ । ଏସପିପି ପ୍ରଡକ୍ସନ ବ୍ୟାନର ଦ୍ୱାରା କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜନା ଓ ରାଶେଷ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଅଜବ ଏ ପ୍ରେମ କାହାଣୀ' ଆସନ୍ତା ମାର୍ଚ୍ଚ ୩୦ ତାରିଖ ରବିବାର ସନ୍ଧ୍ୟା ୬.୩୦ ମିନିଟରେ ଦେଖିବାକୁ ମିଳିବ । ମୁଖ୍ୟ ନାୟକ ଭାବରେ ଶ୍ରୀଜିତ ମହାପାତ୍ର ଓ ନାୟିକା ଭାବରେ ଭକ୍ତି ପଟ୍ଟନାୟକ ଏଥିରେ ନଜର ଆସିବେ । ସିନେମାରେ ସଂଗୀତ ଦାୟିତ୍ୱ ଗୁଡଲି ରଥ ସମ୍ଭାଳିଥିବା ବେଳେ ଲିପ୍ସା ମହାପାତ୍ର, ବିଷ୍ଣୁ ମୋହନ କବି, ଲୋପାମୁଦ୍ରା ଦାସ ଓ ରୁପେଶ ପାତ୍ର କଣ୍ଠଦାନ କରିଛନ୍ତି । ଗୀତ ରଚନା କରିଛନ୍ତି ସୂର୍ଯ୍ୟ ମହାପାତ୍ର ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା ।

ଚଳଚ୍ଚିତ୍ରର କାହାଣୀ ଗୌରବଠୁ ଆରମ୍ଭ, ନିଜ ଜୀବନର ନୂଆ ଯାତ୍ରା ଆରମ୍ଭ କରିବା ପାଇଁ ସେ ଭୁବନେଶ୍ୱର ଚାଲି ଆସେ ଓ ଏମିତି ଏକ ଘର ଭଡ଼ା ନିଏ ଯାହା ୪ ବର୍ଷ ହେବ ବନ୍ଦ ପଡ଼ିଥିଲା । ସେହି ଘରେ ରହିବ ଭିତରେ ଗୌରବର ଦେଖା ହୋଇଥାଏ ସ୍ମିତା ସହ, ଆଉ ଗୌରବର ଜୀବନରେ ଘଟିଥାଏ କିଛି ଅଲୌକିକ ଘଟଣା ଧିରେ ଧିରେ ଘରେ ଘଟୁଥିବା ଏମିତି କିଛି ଘଟଣାରୁ ଗୌରବକୁ ସ୍ମିତାର ଅତୀତ ବିଷୟରେ ଜଣା ପଡ଼େ । ଗୌରବ ଓ ସ୍ମିତାର ଏହି ଯାତ୍ରାରେ କଣ କଣ ସବୁ ରୋଚକ ଘଟଣା ଘଟୁଛି ତାହା ସମ୍ପୂର୍ଣ୍ଣ ଫିଲ୍ମ ଦେଖିଲେ ହିଁ ଜାଣିପାରିବେ । ତେବେ ଫିଲ୍ମକୁ ମାର୍ଚ୍ଚ ୩୦ ତାରିଖ ରବିବାର ସନ୍ଧ୍ୟା ୬.୩୦ ମିନିଟରେ ଦେଖିବା ସହିତ ଭଲପାଇବା ଦେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର୍ ପ୍ରତୀକ ସିଲ୍ ।



# ଡ୍ରିମ୍ସରେ ବୌଦ୍ଧିକ ସମ୍ପତ୍ତି ଅଧିକାର ସୁରକ୍ଷା ସଂପର୍କୀତ କର୍ମଶାଳା

କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଇଷ୍ଟିଚ୍ୟୁସନ୍ସ ଇନୋଭେସନ୍ କାଉନ୍‌ସିଲ (ଆଇଆଇସି) ଏବଂ ରିସର୍ଚ୍ଚ ଓ ଡେଭଲପମେଣ୍ଟ ସେଲ ମିଳିତ ଆନୁକୂଲ୍ୟରେ ବୌଦ୍ଧିକ ସମ୍ପତ୍ତି ଅଧିକାର ସୁରକ୍ଷା ଓ ନୂତନ ଉତ୍ପାଦ ପରିଚାଳନା ସଂପର୍କୀତ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଉଦଘାଟନ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ନିମନ୍ତ୍ରିତ ବକ୍ତା, ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଆଲୋଚ୍ୟ ପ୍ରସଙ୍ଗର ଗୁରୁତ୍ୱ ଓ ଏହାର ସୁଦୂରପ୍ରସାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ବକ୍ତା ଡ. ଭାସ୍କର ଦାସ ଉଦ୍ୟମିତାର ପ୍ରଭାବୀ ଭୂମିକା ଉପରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ । ଅନ୍ୟତମ ସମ୍ମାନିତ ବକ୍ତା ସଂପ୍ରତି ବସନ୍ତ ଓ ଡ. ପ୍ରଶାନ୍ତ କୁମାର ସୁଆର ବୌଦ୍ଧିକ ସମ୍ପତ୍ତିର ଅଧିକାର ସୁରକ୍ଷା ଓ ଷ୍ଟାର୍ଟଅପ ପରିଚାଳନା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ଡିନ୍ (ଗବେଷଣା) ଡ. ବିଶ୍ୱରଂଜନ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ଡିନ୍ ଡ. ନୟନ ରଂଜନ ସାମଲ, ଇନୋଭେସନ୍ କାଉନସିଲ ର ଆବାହକ ଡ. ଦୀପକ କୁମାର ବିଶ୍ୱାଳ, ନିର୍ଦ୍ଦେଶକ (ଆଇକ୍ୟୁଏସି) ପ୍ରଫେସର ଡ. ଆଲୋକ ରଂଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସହକାରୀ ପ୍ରାଧ୍ୟାପିକା ଜୟଶ୍ରୀ ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



# ଜଟିଳ ହୃଦ ସମସ୍ୟା ଥିବା ନବଜାତ ଶିଶୁର ଜୀବନ ବଞ୍ଚାଇଲେ ସମ୍ ଶିଶୁରୋଗ ବିଶେଷଜ୍ଞ



ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶିଶୁରୋଗ ବିଶେଷଜ୍ଞ ଖୁବ କମ୍ ଓଜନ ଥିବା ଏବଂ ଏସୋଫାଜିଆଲ୍ ଆଟ୍ରେସିଆ ସମସ୍ୟାରେ ପୀଡ଼ିତ ଥିବା ଗୋଟିଏ ନବଜାତ ଶିଶୁର ଜୀବନ ବଂଚାଇବାରେ ସଫଳ ହୋଇଛନ୍ତି । ଆର୍‌ଏଚ୍ ନେଗେଟିଭ୍ ଗର୍ଭ ସମସ୍ୟା ଥାଇ ପୂର୍ବରୁ ଗର୍ଭପାତ ହୋଇଥିବା ଜଣେ ୨୭ ବର୍ଷୀୟା ମା'ଙ୍କ ଗର୍ଭରୁ ମାତ୍ର ୨.୧ କେଜି ଓଜନର ଶିଶୁଟି ଜନ୍ମ ନେଇଥିଲା । ତେବେ ଜନ୍ମ ସମୟରେ ଶିଶୁଟି ଏସୋଫାଜିଆଲ ଆଟ୍ରେସିଆ ସମସ୍ୟାରେ ପୀଡ଼ିତ ଥିବା ଜଣାପଡ଼ିବା ପରେ ତାକୁ ଏନ୍‌ଆଇସିୟୁରେ ଭର୍ତ୍ତି କରାଯାଇଥିଲା ଏବଂ ଶିଶୁଟି ନିଃଶ୍ୱାସ ନେବାର କଷ୍ଟ ଅନୁଭବ କରୁଥିଲା ବୋଲି ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ଡାକ୍ତର ଦେବାଶିଷ ନନ୍ଦ କହିଛନ୍ତି ।

ଶିଶୁଟିର ମଧ୍ୟ କନ୍‌ଜେନିଟାଲ୍ ସିଆନୋଟିକ ହୃଦ ସମସ୍ୟା ଥିଲା ବୋଲି ଜଣାପଡ଼ି ଥିଲା। ଅସ୍ତ୍ରୋପଚାର କରିବାର ନିଷ୍ପତି ନେବା ପୂର୍ବରୁ ଶିଶୁଟିକୁ ଆଇସିୟୁରେ ରଖାଯାଇଥିଲା । ତେବେ ଏହି ସବୁ ସମସ୍ୟା ଭିତରେ ମଧ୍ୟ ତା'ର ଅସ୍ତ୍ରୋପଚାର କରାଯାଇ ପାରିଥିଲା । ତେବେ ଏହି ସବୁ ସମସ୍ୟା ଭିତରେ ମଧ୍ୟ ତା'ର ସଫଳ ଅସ୍ତ୍ରୋପଚାର କରାଯାଇ ପାରିଥିଲା । ଅସ୍ତ୍ରୋପଚାର ପରେ ଶିଶୁଟି ଖୁବ୍ ଅସୁସ୍ଥ ହୋଇପଡ଼ିବାରୁ ତାକୁ ନବଜାତ ଶିଶୁରୋଗ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଇଥିଲା । ତେବେ ଧୀରେ ଧୀରେ ଶିଶୁଟି ସୁସ୍ଥ ହେବା ଆରମ୍ଭ କରିବା ସହ ଖାଦ୍ୟ ଗ୍ରହଣ କରିବା ଆରମ୍ଭ କରିଥିଲା । ପରେ ଶିଶୁଟିକୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା ବୋଲି ଡାକ୍ତର ନନ୍ଦ କହିଛନ୍ତି ।

# ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ

କଟକ, (ସବ୍ୟୁ) : କଟକ ଜିଲ୍ଲା ଶିକ୍ଷା ବିଭାଗ ଅଧୀନସ୍ଥ କଟକ ସଦର ୪୨ ମୌଜା ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ୨୦୨୪ - ୨୦୨୫ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଶିକ୍ଷାବିତ୍ ଡଃ. ଏସ୍.କେ.କଲିମୁଲା ଯୋଗଦେଇ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାପୀଠ ପରିଚାଳନା କମିଟିର ସଭାପତି ବିନୟ ମହାପାତ୍ର ଯୋଗଦେଇଥିଲେ । କାର୍ଯ୍ୟକ୍ରମର ସଭାପତି ସୁଲୋଚନା ଦାସ ନିଜ ଅଭିଭାଷଣରେ ଅଲିମ୍ପିକ ହିଁ ଖେଳ ଏବଂ ଖେଳ ହେଉଛି ବନ୍ଧୁତ୍ୱର ଏକ ମୂଲ୍ୟବୋଧ ବୋଲି କହିଥିଲେ । ଉଦଘାଟକ ତଥା ମୁଖ୍ୟ ଅତିଥି ଡଃ.କଲିମୁଲ୍ଲା ଖେଳ ହିଁ ପରାଜିତକୁ ଅପରାଜିତ କରିବାର ଏକମାତ୍ର ରାସ୍ତା ବୋଲି ମତଦେଇଥିଲେ । ଏହିକାର୍ଯ୍ୟକ୍ରମ ତଥା ଖେଳ ପ୍ରତିଯୋଗିତାରେ ଆଖପାଖ ଅଂଚଳର ପ୍ରାଥମିକବିଦ୍ୟାଳୟ ମାନଙ୍କରୁପ୍ରାୟତଃ ୨୦୦ ରୁଊର୍ଦ୍ଧ୍ୱଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରତିଯୋଗିତାରେ ବିଜେତାଙ୍କୁ ଟ୍ରଫି, ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

## ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର

# ପ୍ରଣତି ନାୟକଙ୍କୁ ଏଫ୍‌ଆଇଜି ଆପାରାଟସ୍ ବିଶ୍ୱକପ୍ ୨୦୨୫ରେ ବ୍ରୋଞ୍ଜ ପଦକ

ଭୁବନେଶ୍ୱର (ସବ୍ୟୁ): ତୁର୍କୀର ଅନ୍ତଲ୍ୟାଠାରେ ଅନୁଷ୍ଠିତ ଏଫ୍‌ଆଇଜି ଆପାରାଟସ୍ ବିଶ୍ୱକପ୍ ର ଭଲ୍ଟ ଫାଇନାଲ୍ ରେ ଭାରତୀୟ ଜିମ୍ନାଷ୍ଟ ପ୍ରଣତି ନାୟକ କାଂସ୍ୟ ପଦକ ହାସଲ କରି ଇତିହାସ ରଚିଛନ୍ତି । ୧୩.୪୧୭ ସ୍କୋର୍ ସହ ସେ ବିଶ୍ୱ ସ୍ତରରେ ଟିମ୍ ଇଣ୍ଡିଆର ପ୍ରତିନିଧିତ୍ୱ କରି ନିଜର ଉତ୍କୃଷ୍ଟ ଏବଂ ନିରନ୍ତର ପ୍ରଦର୍ଶନ ମାଧ୍ୟମରେ ଦେଶ ପାଇଁ ଗୌରବ ଆଣିଥିଲେ ।

ଏଫ୍‌ଆଇଜି ଆପାରାଟସ୍ ବିଶ୍ୱକପ୍ ୨୦୨୫ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି)ର ୪ ଜଣ ଜିମ୍ନାଷ୍ଟ ଟିମ୍ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିଲେ । ବରିଷ୍ଠ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ (ଏମଏଜି) ବର୍ଗରେ ତପନ ମହାନ୍ତି ଓ ତପେଶ୍ୱରନାଥ ଦାସ ପ୍ରତିନିଧିତ୍ୱ କରିଥିବା ବେଳେ ବରିଷ୍ଠ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ (ଡବ୍ଲ୍ୟୁଏଜି) ବର୍ଗରେ ପ୍ରଣତି ନାୟକ ଓ କରିଶ୍ମା ରାଜପୁତ ପ୍ରତିନିଧିତ୍ୱ କରିଥିଲେ ।

୨୦୨୫ ମାର୍ଚ୍ଚ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଆଜରବାଇଜାନର ବାକୁଠାରେ ଅନୁଷ୍ଠିତ ଫ୍ଲୋର୍ ବ୍ୟାୟାମ/ଷ୍ଟିଲ୍ ରିଙ୍ଗ୍ସ ଇଭେଣ୍ଟରେ ବରିଷ୍ଠ ଏମଏଜି ବର୍ଗରେ ତପନ ମହାନ୍ତି ୮.୯୩୩ ସ୍କୋର ସହ ଯୋଗ୍ୟତା ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହୋଇ ଫାଇନାଲରେ ଅଷ୍ଟମ ସ୍ଥାନରେ ରହିଥିଲେ । ୨୦୨୫ ମାର୍ଚ୍ଚ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ତୁର୍କୀର ଅନ୍ତଲ୍ୟାଠାରେ ସିନିୟର ଡବ୍ଲ୍ୟୁଏଜି ବର୍ଗ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପ୍ରଣତି ନାୟକ ଓ କରିଶ୍ମା ରାଜପୁତ ଯଥାକ୍ରମେ ଭଲ୍ଟ ଏବଂ ବାଲାନ୍ସ ବିମ୍ ରେ ଟିମ୍ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିଲେ । ପ୍ରଣତି ନାୟକ ୧୩.୩୧୭ ସ୍କୋର ସହ ଯୋଗ୍ୟତା ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହୋଇ ଭଲ୍ଟରେ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ ।

ଏଫ୍‌ଆଇଜି ଆପାରାଟସ୍‌ୱିଶ୍‌କପ୍ ୨୦୨୫ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ଜିମ୍ନାଷ୍ଟଙ୍କ ଅସାଧାରଣ ସଫଳତା ସେମାନଙ୍କ ନିଷ୍ଠା, ପ୍ରତିଭା ଏବଂ କେନ୍ଦ୍ରରେ ପ୍ରଦାନ କରାଯାଉଥିବା ବିଶ୍ୱସ୍ତରୀୟ ପ୍ରଶିକ୍ଷଣର ପ୍ରମାଣ । ଏହି ଉପଲବ୍ଧି ଗୁଡିକ ଏଚପିସିରେ ପ୍ରଦାନ କରାଯାଉଥିବା ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଏବଂ ସାମଗ୍ରିକ ବିକାଶଉପରେ ଆଲୋକପାତ କରେ, ଯାହା ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ ଭାରତରେ ଜିମ୍ନାଷ୍ଟିକ୍ସ ଖେଳକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।



# କାଶ୍ମୀରରେ ବିଚ୍ଛିନ୍ନତାବାଦର ବିଲୋପ



କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ କାଶ୍ମୀରରେ ବିଚ୍ଛିନ୍ନତାବାଦ ଏବେ ଇତିହାସ ପାଲଟି ଯାଇଛି । ଏକ୍ସରେ ପୋଷ୍ଟ କରି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ମୋଦୀ ସରକାରଙ୍କ ଏକୀକରଣ ନୀତି ଜାମ୍ମୁ-କାଶ୍ମୀରରୁ ବିଚ୍ଛିନ୍ନତାବାଦକୁ ବିଦା କରିଦେଇଛି । ହୁରିୟାତ ସହିତ ଜଡିତ ଦୁଇଟି ସଂଗଠନ ବିଚ୍ଛିନ୍ନତାବାଦ ସହିତ ସମସ୍ତ ସମ୍ପର୍କ ଛିନ୍ନ କରିବାକୁ ଘୋଷଣା କରିଛନ୍ତି । ଶ୍ରୀ ଶାହ କହିଥିଲେ ଯେ ଭାରତର ଏକତାକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପକୁ ସେ ସ୍ୱାଗତ କରନ୍ତି ଏବଂ ଏଭଳି ସମସ୍ତ ଗୋଷ୍ଠୀଙ୍କୁ ଆଗକୁ ଆସି ଚିରଦିନ ପାଇଁ ବିଚ୍ଛିନ୍ନତାବାଦ ଛାଡ଼ିବାକୁ ଅନୁରୋଧ କରିଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଏକ ବିକଶିତ, ଶାନ୍ତିପୂର୍ଣ୍ଣ ଏବଂ ଏକୀକୃତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟି ପାଇଁ ଏହା ଏକ ବଡ଼ ବିଜୟ ।

ନୂଆଦିଲ୍ଲୀ : ବିଚ୍ଛିନ୍ନତାବାଦ ଏବେ କାଶ୍ମୀରରେ ଇତିହାସ ପାଲଟି ଯାଇଛି ବୋଲି କହିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଏକ ବିକଶିତ, ଶାନ୍ତିପୂର୍ଣ୍ଣ ଏବଂ ଏକୀକୃତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟି ପାଇଁ ଏହା ଏକ ବଡ଼ ବିଜୟ । ମୋଦୀ ସରକାରଙ୍କ ଏକୀକରଣ ନୀତି ଜାମ୍ମୁ-କାଶ୍ମୀରରୁ ବିଚ୍ଛିନ୍ନତାବାଦକୁ ବିଦା କରିଦେଇଛି । ହୁରିୟାତ ସହ ଜଡ଼ିତ ଦୁଇଟି ସଂଗଠନ ବିଚ୍ଛିନ୍ନତାବାଦ ସହ ସମସ୍ତ ସମ୍ପର୍କ ଛିନ୍ନ କରିବାକୁ ଘୋଷଣା କରିଥିଲେ ।

# ସାମାଜିକ ସୁରକ୍ଷା ଡାଟା ପୁଲିଂ ଆରମ୍ଭ କଲା କେନ୍ଦ୍ର

ନୂଆଦିଲ୍ଲୀ : ଭାରତରେ ସାମାଜିକ ସୁରକ୍ଷା କଭରେଜର ସଠିକ୍ ଚିତ୍ର ଉପସ୍ଥାପନ କରିବା ପାଇଁ ମନ୍ତ୍ରଣାଳୟ ରାଜ୍ୟ ଏବଂ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ) ସହିତ ସହଯୋଗ କରୁଛି । ଡାଟା ପୁଲିଂ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ତାମିଲନାଡୁ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ଗୁଜରାଟ ଭଳି ୧୦ଟି ରାଜ୍ୟ ସାମିଲ । ହେବ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ଆନ୍ତର୍ଜାତୀୟ ଶ୍ରମ ସଂଗଠନ ସହଯୋଗରେ କରାଯାଇଥିବା ଏକ ବ୍ୟାପକ ଡାଟା-ପୁଲିଂ କାର୍ଯ୍ୟ ମାଧ୍ୟମରେ ଭାରତ ସାମାଜିକ ସୁରକ୍ଷା କଭରେଜକୁ ପ୍ରୋତ୍ସାହିତ କରିବାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି ।

ହିତାଧିକାରୀ ଚିହ୍ନଟ କରିବା ପାଇଁ ମନରେଗା, ଇପିଏଫଓ, ଇଏସଆଇସି, ଏପିୱାଇ ଏବଂ ପିଏମ-ପୋଷଣ ଭଳି ୩୪ଟି ପ୍ରମୁଖ କେନ୍ଦ୍ରୀୟ ଯୋଜନାରେ ଏନକ୍ରିପ୍ଟେଡ ଆଧାରକୁ ଏକ ସ୍ୱତନ୍ତ୍ର ପରିଚାୟକ ଭାବରେ ବ୍ୟବହାର କରି, ୨୦୦ କୋଟିରୁ ଅଧିକ ରେକର୍ଡର ପ୍ରକ୍ରିୟାକରଣ କରାଯାଇଥିଲା ।

ଏହି ଅଭ୍ୟାସରୁ ଜଣାପଡିଛି ଯେ ଭାରତର ୬୫% ଜନସଂଖ୍ୟା (୯୨ କୋଟି ଲୋକ) ଅତି କମରେ ଗୋଟିଏ ସାମାଜିକ ସୁରକ୍ଷା ସୁବିଧା (ନଗଦ, ଅଣଆର୍ଥିକ ସୁବିଧା ଏବଂ ଉଭୟ ପ୍ରକାରରେ) ଅନ୍ତର୍ଭୁକ୍ତ ଅଛନ୍ତି ଏବଂ ୪୮.୮% ନଗଦ ସୁବିଧା ପାଉଛନ୍ତି । ଆଇଏଲଓର ବିଶ୍ୱ ସାମାଜିକ ସୁରକ୍ଷା ରିପୋର୍ଟ (ଡବ୍ଲୁଏସପିଆର)



୨୦୨୪-୨୬ ଅନୁଯାୟୀ ଭାରତର ସାମାଜିକ ସୁରକ୍ଷା କଭରେଜ୍ ୨୦୨୧ରେ ୨୪.୪% ଥିବାବେଳେ ୨୦୨୪ରେ ଏହା ଦ୍ୱିଗୁଣିତ ହୋଇ ୪୮.୮%ରେ ପହଞ୍ଚିଛି ।

ଆଇଏଲଓ ଦ୍ୱାରା ଭାରତର ବର୍ତ୍ତମାନର ସାମାଜିକ ସୁରକ୍ଷା କଭରେଜ୍ ଆକଳନ ଅର୍ଥାତ ୪୮.୮% ଏବେ ବି ଏକ ବାସ୍ତବିକତାଠାରୁ କମ ପ୍ରତୀତ ହୁଏ, କାରଣ ଏଥିରେ (କ) ଦେଶର ନାଗରିକମାନଙ୍କୁ ପ୍ରଦାନ କରାଯାଉଥିବା ପ୍ରକାର ସୁବିଧା, ଯେପରିକି ଖାଦ୍ୟ ସୁରକ୍ଷା ଏବଂ ଆବାସ ସୁବିଧା ଏବଂ (ଖ) ରାଜ୍ୟମାନଙ୍କ ଦ୍ୱାରା ପରିଚାଳିତ ସାମାଜିକ ସୁରକ୍ଷା ଯୋଜନା ଆଦିକୁ ବିଚାରକୁ ନିଆଯାଇନାହିଁ । ଏହି ତଥ୍ୟକୁ ବିଚାରକୁ ନିଆଯିବା ପରେ ଭାରତର ପ୍ରକୃତ ସାମାଜିକ ସୁରକ୍ଷା କଭରେଜ୍ ବହୁତ ଅଧିକ ହେବ ବୋଲି ଆଶା କରାଯାଉଛି ।

ଏହି ପରିପ୍ରେକ୍ଷୀରେ ମନ୍ତ୍ରଣାଳୟ ଏକ ଉଚ୍ଚସ୍ତରୀୟ ଆଲୋଚନା ମାଧ୍ୟମରେ ଆଇଏଲଓ ମୁଖ୍ୟାଳୟ ସହିତ କ୍ରମାଗତ ଭାବରେ ଅନୁଧ୍ୟାନ କରିଆସୁଛି । ଗତ ସପ୍ତାହରେ ଜେନେଭାରେ ଭାରତ ସହ ଆଇଏଲଓର ୩୫୩ ତମ ଗଭର୍ଣ୍ଣିଂ ବଡି ବୈଠକରେ ସଚିବ (ଏଲଆଣ୍ଡଇ) ଏବଂ ଆଇଏଲଓର ଡିଜିଙ୍କ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନାରେ ଆଇଏଲଓ କହିଛି ଯେ ଆବାସ ଏବଂ ଖାଦ୍ୟ ନିରାପତ୍ତା ସେମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସମ୍ପ୍ରସାରିତ ସୂଚକାଙ୍କ (ମିଳିତ ଜାତିସଂଘ-ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ଆଧାରିତ)ର ଏକ ଅଂଶ ଅଟେ । ତେଣୁ ଏଭଳି ଯୋଜନା ଏବଂ ଆନୁସଙ୍ଗିକ ତଥ୍ୟକୁ ମଧ୍ୟ ଆଇଏଲଓ ବିଚାର କରିବ । ଭାରତରେ ସାମାଜିକ ସୁରକ୍ଷା କଭରେଜର ଏକ ବ୍ୟାପକ ଚିତ୍ର ପାଇବା ପାଇଁ ଏକ ଜାତୀୟ ସାମାଜିକ ସୁରକ୍ଷା ଡାଟା ପୁଲିଂ ପ୍ରକ୍ରିୟା ସ୍ଥାପନ କରିବାରେ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ରାଜ୍ୟ ସରକାର ଏବଂ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ) ସହିତ ସକ୍ରିୟ ଭାବରେ ସହଯୋଗ କରୁଛି ।

ରାଜ୍ୟ ସରକାରଙ୍କ ଶ୍ରମ ବିଭାଗଗୁଡ଼ିକ ସମ୍ପୃକ୍ତ ରାଜ୍ୟର ରାଜ୍ୟ ନିର୍ଦ୍ଦିଷ୍ଟ ତଥ୍ୟ ସଂଗ୍ରହ କରିବାରେ ଏବଂ ଏହାକୁ କେନ୍ଦ୍ର ସରକାରଙ୍କ ସହିତ ସେୟାର କରିବାରେ ନୋଡାଲ୍ ଭୂମିକା ଗ୍ରହଣ କରୁଛନ୍ତି ଯାହାଦ୍ୱାରା ଅଧିକ ସମନ୍ୱୟ, ବୈଧତା ଏବଂ ନକଲ ଦୂର କରାଯାଇପାରିବ ।

ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ୧୯.୦୩.୨୦୨୫ ରେ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏକ ହାଇବ୍ରିଡ୍ ବୈଠକରେ ଭାରତର ସାମାଜିକ ସୁରକ୍ଷା ଡାଟା ପୁଲିଂ ଅଭ୍ୟାସର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଥିଲା । ପ୍ରଥମ ପର୍ଯ୍ୟାୟ ପାଇଁ, ମନ୍ତ୍ରଣାଳୟ କେନ୍ଦ୍ରୀୟ ସ୍ତରରେ ଡାଟା ସମନ୍ୱୟ ପାଇଁ ଉତ୍ତରପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ତାମିଲନାଡୁ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ଗୁଜରାଟ ଭଳି ମନୋନୀତ ରାଜ୍ୟଗୁଡ଼ିକୁ ଚିହ୍ନଟ କରିଛି ।

ଏହି ତଥ୍ୟ ସଂଗ୍ରହ ପ୍ରକ୍ରିୟା କେବଳ ସାମାଜିକ ସୁରକ୍ଷାରେ ଏକ ଅଗ୍ରଣୀ ଭାବରେ ଭାରତର ବିଶ୍ୱ ଖ୍ୟାତିକୁ ସୁଦୃଢ଼ କରିବ ନାହିଁ, ବରଂ କେନ୍ଦ୍ର ସରକାର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କଲ୍ୟାଣ ଖର୍ଚ୍ଚକୁ ସର୍ବୋତ୍ତମ କରିବା ଏବଂ ସାମାଜିକ ସୁରକ୍ଷାର ସ୍ଥାୟୀ ଆର୍ଥିକ ସହାୟତା ଦିଗରେ ଅଗ୍ରସର ହେବାରେ ସାହାଯ୍ୟ କରିବ । ଏହା ରାଜ୍ୟ-ନିର୍ଦ୍ଦିଷ୍ଟ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ନିର୍ଦ୍ଦିଷ୍ଟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ମଧ୍ୟ ରାଜ୍ୟଗୁଡ଼ିକୁ ସାହାଯ୍ୟ କରିବ ।

ଏହି ଅଭ୍ୟାସ ଅନ୍ୟ ଦେଶମାନଙ୍କ ସହିତ ବାଣିଜ୍ୟ ଏବଂ ସାମାଜିକ ସୁରକ୍ଷା ଚୁକ୍ତିନାମା ଆଲୋଚନାରେ ଭାରତର ସ୍ଥିତିକୁ ସୁଦୃଢ଼ କରିବ ଏବଂ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ଭଲ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ମଧ୍ୟ ପ୍ରଦର୍ଶନ କରିବ ।

# ଆମେରିକା ସାମଗ୍ରୀ ଉପରୁ ଶୁଳ୍କ ହ୍ରାସ କରିବ ଭାରତ

ନୂଆଦିଲ୍ଲୀ : ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବାକୁ ଭାରତ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ଏପ୍ରିଲ ୨ରୁ ସମାନୁପାତିକ ଟିକସ ଲଗାଇବାର ଧମକ ଦେବାପରେ ଭାରତ ଏବେ ଶୁଳ୍କ ହ୍ରାସ କରିବାକୁ ପଦକ୍ଷେପ ନେଉଥିବା ଏକ ସୂତ୍ରରୁ ଜଣାପଡିଛି । ପ୍ରାୟ ୨୩ ବିଲିୟନ୍ ଡଲାର ଆମଦାନୀ ଉପରେ ଶୁଳ୍କ ହ୍ରାସ ହେବ ବୋଲି ସୂଚନା ମିଳିଛି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ମୁଲଚାଲରେ ଏହି ନିଷ୍ପତ୍ତି ହୋଇଛି ।

ଚଳିତବର୍ଷର ଏହା ହେବ ସବୁଠୁ ବଡ ଶୁଳ୍କ ରିହାତି । ସରକାର ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ପରେ ଏଭଳି ପଦକ୍ଷେପ ନେଉଛନ୍ତି । ନୂଆ ଶୁଳ୍କ ଖୁବ୍‌ଶୀଘ୍ର ବଜାରରେ ଛଡାଯିବ ଓ ଅନେକ ଦେଶକୁ ମଧ୍ୟ ତାହା ଜଣାଇ ଦିଆଯିବ । ଇଣ୍ଟରନାଲ ଆନାଲିସିସ୍ ବା ଇଣ୍ଡିଆ ପକ୍ଷରୁ ଆମେରିକାର ନୂଆ ଶୁଳ୍କ ପ୍ରାୟ ୮୭% ଭାରତ ରପ୍ତାନୀ ଉପରେ ପ୍ରଭାବ ପଡ଼ିବ । ଯାହାର ମୂଲ୍ୟ ୬୬ ବିଲିୟନ୍ ଡଲାର । ଏହାର ପ୍ରଭାବକୁ ହ୍ରାସ କରିବା ପାଇଁ ଭାରତ ୫୫% ଶୁଳ୍କ ନେଉଥିବା ଆମେରିକା ଆମଦାନୀ ଉପରେ ୫ ଏବଂ ୩୦% ଶୁଳ୍କ ଲଗାଇପାରେ । କେତେକ ଶୁଳ୍କ ମଧ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ । ଏବେ ଏହା ଆଲୋଚନା ସ୍ତରରେ ରହିଛି । ଭାରତ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଚୂଡାନ୍ତ ନିଷ୍ପତ୍ତି ଜଣାଇ ଦିଆଯାଇନାହିଁ । କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଶୁଳ୍କ ହ୍ରାସ କରାଯିବ । ଆମେରିକାର ଏକ ପ୍ରତିନିଧି ବ୍ରେଣ୍ଡାଲ ଲଞ୍ଚଙ୍କ ଅଧକ୍ଷତାରେ ଏନେଇ ଆଲୋଚନା କରୁଥିବା ସୂଚନା ମିଳିଛି । ଭାରତ ଓ ଆମେରିକା ମଧ୍ୟରେ ଦୀର୍ଘ ଦିନର ବାଣିଜ୍ୟିକ ବୁଝାମଣା ରହିଛି । ଆମେରିକାକୁ ଯାଉଥିବା ଭାରତୀୟ ସାମଗ୍ରୀ ଉପରେ ୨.୨% ଶୁଳ୍କ ଥିବାବେଳେ ଭାରତରେ ଏହା ୧୨% ରହିଛି ।

## ସନ୍ଦିଗ୍ଧ ପାକିସ୍ତାନୀ ଗୁପ୍ତଚର ଅଟକ

ଜୈସଲମେର: ଅନ୍ତର୍ଜାତୀୟ ସୀମା ସଂଲଗ୍ନ ରାଜସ୍ଥାନର ଜୈସଲମେରରୁ ଜଣେ ସଂଦିଗ୍ଧ ପାକିସ୍ତାନୀ ଗୁପ୍ତଚରଙ୍କୁ ଅଟକ ରଖାଯାଇଛି । ସୂଚନା ଅନୁଯାୟୀ, ସୁରକ୍ଷା ଏଜେନ୍ସିମାନେ ଜୈସଲମେରର ମୋହନଗଡ଼ କେନାଲ ଅଞ୍ଚଳରୁ ଅଭିଯୁକ୍ତକୁ ଧରିଛନ୍ତି । ଗିରଫ ବ୍ୟକ୍ତି, ଦିନୁ ଖାନଙ୍କ ପୁଅ ପଠାନ ଖାନ (୪୦), ଜୈସଲମେରର ବାସିନ୍ଦା । ଦିନୁ ଭାରତୀୟ ଗୁପ୍ତଚର ସୂଚନା ପାକିସ୍ତାନକୁ ପଠାଉଥିବା ସନ୍ଦେହ କରାଯାଉଛ । ସୁରକ୍ଷା ଏଜେନ୍ସିଗୁଡ଼ିକ ପଠାନ ଖାନଙ୍କୁ କଡ଼ାକଡ଼ି ପଚରାଉଚରା କରୁଛନ୍ତି । ଏହା ସହିତ ପାକିସ୍ତାନକୁ ପଠାଯାଇଥିବା ଗୁପ୍ତଚର ସୂଚନା ସମ୍ପର୍କରେ ତଦନ୍ତ କରାଯାଉଛ ।ସନ୍ଦେହକୁ ଭିତ୍ତି କରି ଗୁଇନ୍ଦା ସଂସ୍ଥାଗୁଡ଼ିକ ମୋହନଗଡ଼ ପୋଲିସ ଷ୍ଟେସନ ସହିତ ମିଶି କେନାଲ ଅଞ୍ଚଳର ଜିରୋ ଆରଡିରୁ ପଠାଣ ଖାନଙ୍କୁ ଗିରଫ କରିଥିଲେ । ଉଲ୍ଲେଖନୀୟ ଯେ ଚନ୍ଦନର କରମୋ କି ଧନୀର ବାସିନ୍ଦା ପଠାଣ ଖାନଙ୍କ ସମ୍ପର୍କୀୟମାନେ ପାକିସ୍ତାନରେ ରୁହନ୍ତି । ପଠାନ ଖାନ ୨୦୧୯ ମସିହାରେ ମଧ୍ୟ ପାକିସ୍ତାନ ଗସ୍ତ କରିଥିଲେ । ସେବେଠାରୁ ସେ ନିରନ୍ତର ପାକିସ୍ତାନ ସହିତ ଯୋଗାଯୋଗରେ ଥିଲେ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ମଧ୍ୟ ତାଙ୍କ ଉପରେ ନଜର ରଖିଥିଲେ ।

## ଦକ୍ଷିଣ କୋରିଆରେ ରାଜନୈତିକ ହଟଚମଟ

# ପ୍ରଧାନମନ୍ତ୍ରୀ ହେଲେ କାମଚଳା ରାଷ୍ଟ୍ରପତି

ସିଓଲ: ଯେଉଁ ପ୍ରଧାନମନ୍ତ୍ରୀଙ୍କୁ ଦେଶର ସମ୍ବିଧାନ ଅନୁସାରେ ମହାଭିଯୋଗ ଦ୍ୱାରା ହଟାଯାଇଥିଲା, ସେଇ ବ୍ୟକ୍ତିଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଅବସ୍ଥାପିତ କରିବାକୁ ଦକ୍ଷିଣ କୋରିଆର ସର୍ବୋଚ୍ଚ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୪ ଡିସେମ୍ବର ୩ରେ ଦକ୍ଷିଣ କୋରିଆରେ ସାମରିକ ଆଇନ ଲାଗୁ ହୋଇଥିଲା । ଏହାକୁ ନେଇ ଦେଶରେ ରାଜନେତିକ ହଇଚଇ ସୃଷ୍ଟି ହୋଇଥିଲା । ପରେ କ୍ଷମତାସୀନ ରାଜନେତିକ ଦଳର



ସଦସ୍ୟମାନେ ମହାଭିଯୋଗ ଦ୍ୱାରା ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ୍‌ଙ୍କୁ ହଟାଇ ଦେଇଥିଲେ । ପରବର୍ତ୍ତୀ ସମୟରେ ବିରୋଧୀ ଦଳ ସହ ବିବାଦ ଯୋଗୁଁ ପ୍ରଧାନମନ୍ତ୍ରୀ ହାନ୍ ଡକ୍ ସୁଙ୍କୁ ମଧ୍ୟ ମହାଭିଯୋଗ ଦ୍ୱାରା ପଦବିରୁ ହଟାଇ ଦିଆଯାଇଥିଲା । ଏହା ବିରୋଧରେ ହାନ୍ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଆଜି ଏହି ଆବେଦନର ଶୁଣାଣି କରି ହାନ୍‌ଙ୍କ ମହାଭିଯୋଗକୁ ଖାରଜ କରିଛନ୍ତି । କେବଳ ଏହାନୁହେଁ, ତାଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ରାଷ୍ଟ୍ରପତି ୟୁନ୍‌ଙ୍କ ମହାଭିଯୋଗର ଚୂଡ଼ାନ୍ତ ରାୟ ପ୍ରକାଶ ପାଇନାହିଁ । ଯଦି ମହାଭିଯୋଗ ବିରୋଧରେ ରାୟ ପ୍ରକାଶ ପାଏ ତେବେ ତାଙ୍କୁ ପୁନଃ ଅବସ୍ଥାପିତ କରାଯିବ, ନଚେତ୍ ପୁଣିଥରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ ।

# ଦିଲ୍ଲୀର ବସ୍ତି ବାସିନ୍ଦାଙ୍କୁ ବଡ଼ ଉପହାର ଦେଲେ ରେଖା ସରକାର

ନୂଆଦିଲ୍ଲୀ: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର ଦିନ ତାଙ୍କ ପ୍ରଥମ ବଜେଟ୍ ଉପସ୍ଥାପନ କରିଛନ୍ତି । ସେ ତାଙ୍କର ପ୍ରଥମ ବଜେଟରେ ବସ୍ତି ଓ ଜେଜେ କଲୋନିରେ ରହୁଥିବା ବାସିନ୍ଦାଙ୍କୁ ବଡ଼ ଉପହାର ଦେଇଛନ୍ତି । ତାଙ୍କ କହିବା କଥା ହେଉଛି ଦିଲ୍ଲୀର ଏକ ବଡ଼ ଅଂଶ ଆଜି ବି ବସ୍ତିରେ ରହୁଛି । ପୂର୍ବରୁ ବଜେଟ୍ ହୋଇଛି ମାତ୍ର ଖର୍ଚ୍ଚ ହେଉନଥିଲା । ସେ ବସ୍ତି ଓ ଜେଜେ କଲୋନି ପାଇଁ ୬୯୬ କୋଟି ଟଙ୍କା ଆବଣ୍ଟନ ଘୋଷଣା କରିଛନ୍ତି । ସେ ଆପ୍ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ''ସେମାନେ କହୁଥିଲେ କି



ବିଜେପି ଆସିଲେ ବସ୍ତି ଉଠାଇ ଦେବଛ ମାତ୍ର ଆମେ ଏହା ପାଇଁ ଅଧିକ ୧୫୭ ପ୍ରତିଶତ ବଜେଟ୍ କରିଛୁ ।'' ଦିଲ୍ଲୀରୁ ହଟିବ ବସ୍ତି ଯୁଗ । ତୁମେ ଶୀଶମହଲ ନିର୍ମାଣ କରାଇଲ, ଆମେ ଗରିବଙ୍କ ପାଇଁ ଘର ନିର୍ମାଣ କରିବୁ । ଆମେ ବସ୍ତି ବାସିନ୍ଦାଙ୍କ ପାଇଁ ଶୌଚାଳୟ ଏବଂ ସ୍ନାନାଗାର ନିର୍ମାଣ କରିବୁ । ପୂର୍ବ ସରକାର ଯୋଜନାଗୁଡ଼ିକ ଅପେକ୍ଷା ଯୋଜନାଗୁଡ଼ିକର ବିଜ୍ଞାପନରେ ଅଧିକ ଖର୍ଚ୍ଚ କରିଥିଲେ । କିନ୍ତୁ ଆମର ସ୍ୱପ୍ନ, ଏକ ସମୃଦ୍ଧ ଏବଂ ସଶକ୍ତ ଦିଲ୍ଲୀ ଗଠନ କରିବା । ବଜେଟରେ ବଡ ଘୋଷଣା କରିଛନ୍ତି ରେଖା ଗୁପ୍ତା ସରକାର ।

# ନିତିଶ ଓ ରାବ୍ରୀ ଦେବୀ ପୁଣି ମୁହାଁମୁହିଁ

ପାଟ୍ନା: ବିହାରରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ନିତିଶ କୁମାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କ ମଧ୍ୟରେ ବିବାଦ ଦେଖିବାକୁ ମିଳିଛି । ବିହାର ବିଧାନ ପରିଷଦର କାର୍ଯ୍ୟକାଳ ସମୟରେ ଉଭୟ ନେତା ପୁଣି ପରସ୍ପର ସହିତ ଝଗଡ଼ା କରୁଥିବାର ଦେଖାଯାଇଥିଲା । ନିତିଶ କୁମାର ଓ ରାବ୍ରୀ ଦେବୀଙ୍କ ମଧ୍ୟରେ ପୁଣି ବିବାଦ ଦେଖାଦେଇଛି ।

ନିତିଶ କୁମାର ରାବିଡି ଦେବୀଙ୍କୁ କଟାକ୍ଷ କରି କହିଥିଲେ କି, ପାର୍ଟି ତୁମ ସ୍ୱାମୀଙ୍କର ଓ ତୁମେ ତାଙ୍କ କ୍ଷମତାରେ ଏଠି ପହଂଚିପାରିଛ । ତେଣୁ ତୁମକୁ ଗୁରୁତର ସହ ନିଆଯାଇ ପାରିବ ନାହିଁ । ବିହାର ବିଧାନ ପରିଷଦରେ ଆଲୋଚନା ଚାଲିଥିବା ବେଳେ ନୀତିଶ କୁମାର କହିଥିଲେ କି, ମହାମେଣ୍ଟର ସଦସ୍ୟମାନେ ଏନଡିଏ ଓ ବିଜେପିକୁ ସଂରକ୍ଷଣ ଚୋର କହୁଛନ୍ତି, ଏହାପରେ ସେ ଆରଜେଡି ବାବଦରେ କିଛି କହିବାକୁ ଯାଉଥିବା ବେଳେ ରାବିଡି ଦେବୀ ଠିଆ ହୋଇପଡିଥିଲେ । ଏହାଦେଖି ନିତିଶ କୁମାର ରାବିଡି ଦେବୀଙ୍କ ଉପରେ ବର୍ଷିଥିଲେ । ନିତିଶ ରାବିଡି ଦେବୀଙ୍କୁ ଇଙ୍ଗିତ କରି ନିଜ ଚେୟାରରେ ବସିପଡ ବୋଲି କହିଥିଲେ । ପାର୍ଟି ତୁମ ସ୍ୱାମୀଙ୍କର ତୁମେ କିଛି ନୁହେଁ ବୋଲି କଟାକ୍ଷ ମଧ୍ୟ କରିଥିଲେ । ନିତିଶ କୁମାର ଓ ରାବଡି ଦେବୀଙ୍କ ମଧ୍ୟରେ କଳିଗୋଳ ଏହା ପ୍ରଥମ ନୁହେଁ । ଏହା ପୂର୍ବରୁ ବି ଏଭଳି ଅନେକ ଥର ଘଟିଛି । ଯେତେବେଳେ ନିତିଶ କୁମାର କହିଥିଲେ କି, ଯେତେବେଳେ ତୁମ ସ୍ୱାମୀଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଗଲା ତାହାର ସୁଯୋଗରେ ତୁମକୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା । ହେଲେ ମୁଖ୍ୟମନ୍ତ୍ରୀ ପଦ ପାଇଁ ତୁମେ ଯୋଗ୍ୟ ନଥିଲ ।

# କାନାଡାରେ ଭାରତୀୟ ଯୁବତୀଙ୍କ ଉପରେ ଆକ୍ରମଣ

ଓଟାୱା: କାନାଡାର କାଲଗାରିରେ ଜଣେ ଭାରତୀୟ ଯୁବତୀଙ୍କ ଉପରେ ଆକ୍ରମଣ ହୋଇଛି । ଏହି ଆକ୍ରମଣର ଭିଡିଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଭିଡିଓରେ ଜଣେ ବ୍ୟକ୍ତି ବୋ ଭ୍ୟାଲି କଲେଜ ଟ୍ରେନ୍ ଷ୍ଟେସନର ପ୍ଲାଟଫର୍ମରେ ଜଣେ ଝିଅକୁ ଜୋରରେ ଠେଲି ଦେଉଥିବାର ଓ ତାହାର ବେକ ଚିପୁଥିବାର ଦେଖିବାକୁ ମିଳୁଛି ।

ଭାଇରାଲ ହୋଇଥିବା ଭିଡିଓରେ, ନୀଳ ଜ୍ୟାକେଟ୍ ଏବଂ ଗାଢ଼ ମାଟିଆ ପ୍ୟାଣ୍ଟ ପିନ୍ଧିଥିବା ଜଣେ ବ୍ୟକ୍ତି ଷ୍ଟେସନରେ ଠିଆ ହୋଇଥିବା ଜଣେ ଝିଅକୁ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି । ପୁରୁଷ ଜଣକ ପ୍ରଥମେ ଝିଅଟିକୁ ଧକ୍କା ଦେବା ସହ ବେକ ଚିପିବାକୁ ଉଦ୍ୟମ କରିଥିଲା । ତା'ପରେ ସେ ଯୁବତୀଙ୍କ ଜ୍ୟାକେଟ୍ ଧରି ଟ୍ରାଞ୍ଜିଟ୍ ଆଶ୍ରୟସ୍ଥଳର କାନ୍ଥରେ ଜୋରରେ ପିଟି ଦେଲା । ଝିଅଟି ଭାରତୀୟ ବୋଲି କୁହାଯାଉଥିଲେ ବି ତାହାର ପରିଚୟ




ମିଳିପାରିନାହିଁ । ଭିଡିଓରେ ଆପଣ ଦେଖାଯାଉଛି ଯେ ଝିଅଟି ଭୟରେ ଚିତ୍କାର କରିବା ଆରମ୍ଭ କରୁଛି । ପ୍ଲାଟଫର୍ମରେ ଅନେକ ଲୋକ ଉପସ୍ଥିତ ଥିଲେ, କିନ୍ତୁ ଆକ୍ରମଣକାରୀଙ୍କୁ ରୋକିବା କିମ୍ବା ଝିଅଟିକୁ ସାହାଯ୍ୟ କରିବା ପାଇଁ କେହି କୌଣସି ପଦକ୍ଷେପ ନେଇ ନଥିଲେ । ଏହି ସମୟରେ, ବ୍ୟକ୍ତି ଜଣକ ଫୋନ୍ ନ ଉଠାଇ ସେଠାରୁ ଚାଲିଯାଆନ୍ତି । ଏହା ପରେ ଯୁବତୀ ତୁରନ୍ତ ଏହି ଆକ୍ରମଣ ବିଷୟରେ ପୋଲିସକୁ ସୂଚନା ଦେଇଥିଲେ ।

# ଶିବକୁମାରଙ୍କ ଟିପ୍ପଣୀକୁ ନେଇ ସଂସଦରେ ହୋହଲ୍ଲା

ନୂଆଦିଲ୍ଲୀ: କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସ ନେତା ଡିକେ ଶିବକୁମାରଙ୍କ 'ସମ୍ବିଧାନ ପରିବର୍ତ୍ତନ' ଟିପ୍ପଣୀକୁ ନେଇ ଆଜି ବିରୋଧୀ ଏବଂ ବିଜେପି ସଦସ୍ୟମାନେ ରାଜ୍ୟସଭାରେ ମୁହାଁମୁହିଁ ହୋଇଛନ୍ତି । କର୍ଣ୍ଣାଟକରେ କଂଗ୍ରେସ ସରକାର ମୁସଲମାନଙ୍କୁ ସଂରକ୍ଷଣ ପ୍ରଦାନ କରୁଛି ଏବଂ କଂଗ୍ରେସ ନେତାମାନେ ମଧ୍ୟ ସମ୍ବିଧାନକୁ ସଂଶୋଧନ କରିବା ପାଇଁ ଆଗ୍ରହୀ ବୋଲି ବିଜେପି ଅଭିଯୋଗ କରିଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏହି ଅଭିଯୋଗ କରିଥିବାବେଳେ କଂଗ୍ରେସ ସଭାପତି ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ଏହାକୁ ଖଣ୍ଡନ କରିଛନ୍ତି ।

ଗୃହ କାର୍ଯ୍ୟ ଆରମ୍ଭ ହେଉହେଉ ସଂସଦୀୟ ବ୍ୟାପାର ମନ୍ତ୍ରୀ ରିଜିଜୁ



ନିକଟରେ କର୍ଣ୍ଣାଟକରେ ଜଣେ ବରିଷ୍ଠ କଂଗ୍ରେସ ନେତା ଦେଇଥିବା ଟିପ୍ପଣୀକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ । ସେ କହିଥିଲେ ଅତି ସାଂଘାତିକ କଥା ଏବେ ଆମ ନଜରକୁ ଆସିଛି । ସାମ୍ବିଧାନିକ ପଦବୀରେ ଥିବା ଜଣେ ବରିଷ୍ଠ କଂଗ୍ରେସ ନେତା ମୁସଲମାନ ସମ୍ପ୍ରଦାୟକୁ ସଂରକ୍ଷଣ ଦେବା ପାଇଁ ସମ୍ବିଧାନ ପରିବର୍ତ୍ତନ କରିବାକୁ ଚାହାନ୍ତି ବୋଲି ରିଜିଜୁ ଅଭିଯୋଗ କରିଛନ୍ତି ।

ରିଜିଜୁ କହିଛନ୍ତି, ଯଦି ଜଣେ ସାଧାରଣ ଲୋକ ଏଭଳି ଟିପ୍ପଣୀ ଦେବେ ତେବେ ଆମେ ତାଙ୍କୁ ଅଣଦେଖା କରିଦେବା । କିନ୍ତୁ ଯଦି ସାମ୍ବିଧାନିକ ପଦବୀରେ ଥିବା ଜଣେ ବ୍ୟକ୍ତି ଏଭଳି ଟିପ୍ପଣୀ ଦିଅନ୍ତି ତେବେ ଆମେ ତାହାକୁ ସହଜରେ ଗ୍ରହଣ କରିପାରିବାନି । ରିଜିଜୁ ସିଧାସଳଖ ଖଡ଼ଗେଙ୍କୁ ପ୍ରଶ୍ନ କରିଛନ୍ତି । ମୁସଲମାନ ସଂରକ୍ଷଣ ଲାଗି କଂଗ୍ରେସ ସମ୍ବିଧାନ ସଂଶୋଧନ ପାଇଁ କିଭଳି ଯୋଜନା କଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ପ୍ରସଙ୍ଗରେ ବିରୋଧୀ ଦଳ ନେତା ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ କହିଥିଲେ । ରାଜ୍ୟସଭାରେ ଗୃହର ନେତା ଜେପି ନଡ୍ଡା ମଧ୍ୟ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ସମ୍ବିଧାନର ଅପମାନ କରୁଛି ।

ନଡ୍ଡା ମଧ୍ୟ ଦାବି କରିଛନ୍ତି ଯେ ଶିବକୁମାର ସର୍ବସାଧାରଣ ସ୍ଥଳରେ ଖୋଲାଖୋଲି ଭାବେ କହିଥିଲେ ଯେ ମୁସଲମାନ ସଂରକ୍ଷଣ ପାଇଁ ଆବଶ୍ୟକ ପଡ଼ିଲେ ସମ୍ବିଧାନ ସଂଶୋଧନ ହେବ । ନଡ୍ଡା ମଧ୍ୟ ଖଡ଼ଗେଙ୍କଠାରୁ ଉକ୍ତ ପ୍ରସଙ୍ଗରେ ସ୍ପଷ୍ଟୀକରଣ ମାଗିଛନ୍ତି । ତେବେ ଖଡ଼ଗେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି । କଂଗ୍ରେସ ସମ୍ବିଧାନକୁ ସୁରକ୍ଷା ଦେବାପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଆଜି ଉଭୟ ଗୃହରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏହି ପ୍ରସଙ୍ଗ ଉଠାଇଛନ୍ତି ।

# ଭାରତରେ ତିଆରି ହେଲା ଏମ୍ଆର୍ଆଇ ମେସିନ୍

ନୂଆଦିଲ୍ଲୀ : ବୈଷୟିକ ପ୍ରଯୁକ୍ତି କ୍ଷେତ୍ରରେ ଭାରତ ଏକ ବଡ଼ ସଫଳତା ପାଇଛି । ଦେଶରେ ପ୍ରଥମ ଥର ପାଇଁ ମ୍ୟାଗ୍ନେଟିକ୍ ରେଜୋନାନ୍ସ ଇମେଜିଂ (ଏମଆରଆଇ) ମେସିନ ତିଆରି କରାଯାଇଛି । ବର୍ତ୍ତମାନ ଏହି ମେସିନକୁ ବିଦେଶରୁ ଆମଦାନୀ କରାଯାଉଛି ।

ସୂଚନା ଅନୁସାରେ, ଫିସର ମେଡିକାଲ୍ ଭେଞ୍ଚର୍ସ ଲିମିଟେଡ୍ (ଏଫଏମଭିଏଲ୍) ଭାରତରେ ପ୍ରଥମ ସ୍ୱଦେଶୀ ମ୍ୟାଗ୍ନେଟିକ୍ ରେଜୋନାନ୍ସ ଇମେଜିଂ (ଏମଆରଆଇ) ସିଷ୍ଟମ୍ ନିର୍ମାଣ କରି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ଏହି ଐତିହାସିକ ସଫଳତା । ଏଫଏମଭିଏଲକୁ ଆମଦାନୀ ହୋଇଥିବା ଚିକିତ୍ସା ଉପକରଣ ଉପରେ ଦେଶର ନିର୍ଭରଶୀଳତା ହ୍ରାସ କରିବାରେ ସହାୟକ ହେବ ।



ଭାରତ ନିଜର ବିଭିନ୍ନ ମେଡିକାଲ ଯନ୍ତ୍ରପାତିର ପ୍ରାୟ ୮୦-୮୫% ବିଦେଶରୁ ଆମଦାନୀ କରିଥାଏ । ଏବାବଦରେ ଭାରତ ବର୍ଷକୁ ପ୍ରାୟ ୬୩୨୦୦ କୋଟି ଟଙ୍କାର ବୈଦେଶିକ ମୁଦ୍ରା ବ୍ୟୟ କରିଥାଏ ।

ଆସନ୍ତା ଅକ୍ଟୋବର ମାସରେ ଏମ୍ସ ଦିଲ୍ଲୀରେ ପ୍ରଥମ ଥର ପାଇଁ ସ୍ୱଦେଶୀ ଏମଆରଆଇ ମେସିନ ସ୍ଥାପନ କରି ତାହାର ପରୀକ୍ଷଣ କରାଯିବ । ସ୍ୱଦେଶୀ ଏମଆରଆଇ ମେସିନ ହେବା ପରେ ତାହା ଦ୍ୱାରା ଦେଶରେ ଏମଆରଆଇ ଟେଷ୍ଟିଂ ବ୍ୟୟ କମିବ ଓ ରୋଗୀମାନେ ଉପକୃତ ହେବେ ।

# ଧାୱନଙ୍କୁ ପୁରସ୍କାର ଉତ୍ସର୍ଗ କଲେ ଆଶୁତୋଷ

ବିଶାଖାପଟନମ, ୨୫।୩ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ଧରାଶାୟୀ କରି ଦିଲ୍ଲୀକୁ ଜମାଣିଆ ବିଜୟ ଦେଇଥିବା ଆଶୁତୋଷ ଶର୍ମା ଚର୍ଚ୍ଚାରେ ରହିଛନ୍ତି । ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍‌ରେ ସେ ୩୧ ବଲରୁ ୬୬ ରନର ବିସ୍ଫୋରକ ଇନିଂସ ଖେଳିଥିଲେ । ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ମ୍ୟାଚ୍ ପରେ ଆଶୁତୋଷ ତାଙ୍କ ପୁରସ୍କାର ମହାନ ଖେଳାଳି ଶିଖର ଧାୱନଙ୍କୁ ଉତ୍ସର୍ଗ କରିଥିଲେ । ସେ ମୋ' ପଥ ପ୍ରଦର୍ଶକ । ତାଙ୍କ ଲାଗି ଆଜି ମୁଁ ଭଲ ପ୍ରଦର୍ଶନ କରିପାରିଛି । ସେ ଧାୱନଙ୍କ ସହ ଭିଡିଓ କଲ୍‌ରେ ମଧ୍ୟ କଥା ହୋଇଥିଲେ । ଗତ ସିଜନରେ ମୋ' ନିକଟରେ ମ୍ୟାଚ୍ ଜିତାଇବାର ସୁଯୋଗ ଥିଲେ ମଧ୍ୟ ସଫଳତା ପାଇ ନଥିଲି । ତେଣୁ ଭଲ ଫିନିସର ହେବାପାଇଁ ସ୍କିଲ ବଢ଼ାଇବାରେ ମନୋନିବେଶ କରିଥିଲି । ଏବେ ଏଥିରେ ସଫଳତା ମିଳିଥିବାରୁ ମୁଁ ବ୍ୟକ୍ତିଗତ ଭାବେ ବେଶ୍ ଖୁସି ଅଛି ବୋଲି ସେ କହିଛନ୍ତି । ଗତ ସଂସ୍କରଣରେ ଧାୱନଙ୍କ ସହ ଆଶୁତୋଷ ଏକତ୍ର ଖେଳିଥିଲେ ।

# ପ୍ରଶଂସକଙ୍କୁ କ'ଣ କହିଥିଲେ କୋହଲି ?

କୋଲକାତା, ୨୫।୩ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ କୋଲକାତା ଓ ବେଙ୍ଗାଲୁରୁ ମ୍ୟାଚ୍ ବେଳେ ଜଣେ ପ୍ରଶଂସକ ପଡ଼ିଆ ମଧ୍ୟକୁ ପଶିଆସିଥିଲେ । ବିରାଟ କୋହଲି ବ୍ୟାଟିଂ କରୁଥିବାବେଳେ



ସେ ସୁରକ୍ଷାବଳୟକୁ ଭେଦ କରି ପଡ଼ିଆକୁ ଯାଇଥିଲେ । ସେଠାରେ ସେ କୋହଲିଙ୍କ ପାଦ ଛୁଇଁଥିଲେ । ଏହାପରେ ସୁରକ୍ଷାକର୍ମୀ ତାଙ୍କୁ ଭିଡ଼ି ନେଇଥିଲେ । ଉକ୍ତ ପ୍ରଶଂସକ ଯାହାଙ୍କ ନାମ ରତ୍ନପର୍ଣ୍ଣା ପାଖିର, ତାଙ୍କୁ କୋହଲି ସେ ସମୟରେ କ'ଣ କହିଥିଲେ ତାହା ଭାଇରାଲ ହୋଇଛି । ମୁଁ ଯେତେବେଳେ ତାଙ୍କ ପାଦ ଛୁଇଁଲି, ସେ ମୋର ନାଁ ପଚାରିଲେ । ଏହାପରେ ସଙ୍ଗେସଙ୍ଗେ ପଳାଇଯିବା ପାଇଁ କହିଲେ । ସୁରକ୍ଷା କର୍ମୀ ନିକଟତର ହେବାପରେ କୋହଲି ତାଙ୍କୁ ନବାଡ଼େଇବା ପାଇଁ ଅନୁରୋଧ କରିଥିଲେ । ଏହି ଘଟଣା ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚାର କାରଣ ସାଜିଥିଲା । କୋହଲି ଏହି ମ୍ୟାଚ୍‌ରେ ୩୦ ବଲ୍‌ରେ ୫୯ ରନ କରିଥିଲେ । ତାଙ୍କର ଚମତ୍କାର ଇନିଂସ ବଳରେ ଆର୍‌ସିବି ୭ ୱିକେଟରେ ବିଜୟ ହାସଲ କରିଥିଲା । ଆଇପିଏଲ୍‌ରେ କୋହଲିଙ୍କ ଏହା ୫୬ତମ ଅର୍ଦ୍ଧଶତକ ଥିଲା ।

# ଓଡିଶା କନିଷ୍ଠ ବାଳିକା ହ୍ୟାଣ୍ଡବଲ ଦଳର ଲକ୍ଷ୍ନୌ ଯାତ୍ରା



ଭୁବନେଶ୍ୱର, ୨୫।୩ (ସବ୍ୟୁ) : ଚଳିତ ମାସ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ନୌଠାରେ ୪୭ତମ କନିଷ୍ଠ ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଓଡିଶାର ୧୬ ଜଣିଆ ଦଳ ଲକ୍ଷ୍ନୌ ଯାତ୍ରା କରିଛି । ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଅଧିନାୟକ ସୁନିତା ମହାନ୍ତ, ରାଜାଲକ୍ଷ୍ମୀ ନାୟକ, ମୋନାଲିସା ବେହେରା, ପ୍ରତୀକ୍ଷା ଦାସ, ଲକିରାଣୀ ବେହେରା, ରାଣୀ ଦାସ, ସୁମନ ଦାସ, ଶ୍ରଦ୍ଧାଞ୍ଜଳି ବେହେରା, ରୋଶନୀ ପିଟର, ସଞ୍ଜନା କୁମାରୀ ସ୍ୱାଇଁ, ବିଜୟଲକ୍ଷ୍ମୀ ପ୍ରଧାନ, ସୁଭଦ୍ରା ନାୟକ, ପୂଜା ବେହେରା, ସସ୍ମିତା ଦାସ, ସ୍ୱାତି ସୁଚରିତା ଦାସ, ସ୍ୱାଗତିକା ପାତ୍ର, କୋଚ ଅଭଜିତ ଆଶୀଷ କୁମାର ଲେଙ୍କା, ମ୍ୟାନେଜର ଶୁଭ୍ର ପ୍ରଲ୍ଲବୀ ଦାସ ଦଳ ସହ ଯାତ୍ରା କରିଛନ୍ତି । କଳିଙ୍ଗ ଷ୍ଟାଡିୟମଠାରେ ଓଡିଶା କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଏସଡି ଧୀରଜ କୁମାର ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ହରେଶ ମିଶ୍ର, ଓଡିଶା ହ୍ୟାଣ୍ଡବଲ ସଙ୍ଘ ସମ୍ପାଦକ ଇଂ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, ଉପସଭାପତି ପ୍ରିୟନାଥ ରାୟ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, କୋଚ ଗୌରୀଶଙ୍କର ମିଶ୍ର ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ଆଇପିଏଲ୍ ମହାସମର

# ଗୁଜରାଟର ଲଢ଼େଇ ବ୍ୟର୍ଥ

ଅହମ୍ମଦାବାଦ, ୨୫।୩ (ଏଜେନ୍ସି): ପଞ୍ଜାବ କିଙ୍ଗସ ଚଳିତ ଆଇପିଏଲ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି । ବ୍ୟାଟିଂରେ ବିସ୍ଫୋରକ ରୂପ ଦେଖାଇଥିବା ପଞ୍ଜାବ କିଙ୍ଗସ୍ ବୋଲିଂରେ ମଧ୍ୟ ମାପଚୁପ ପ୍ରଦର୍ଶନ ଦେଖାଇଥିଲା । ତେଣୁ ଗୁଜରାଟର ଲଢ଼େଇ ବ୍ୟର୍ଥ ଯାଇଛି । ପଞ୍ଜାବ ୨୦ ଓଭରରେ ୫ ୱିକେଟ ହରାଇ ୨୪୩ ରନ କରିଥିଲା । ୯ଟି ଛକା ସହ ୪୨ ବଲରୁ ୯୭ ରନର ଇନିଂସ୍ ଖେଳିଥିଲେ ଅଧିନାୟକ ଶ୍ରେୟାସ ଆୟର । ଜବାବରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୫ ୱିକେଟ ହରାଇ ୨୩୨ ରନ କରିବାକୁ ସକ୍ଷମ ହୋଇଥିଲା । ବିଜୟ ସହ ପଞ୍ଜାବ ୨ ପଏଣ୍ଟ ଲାଭ କରିଛି ।

ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଆଇପିଏଲ୍‌ର ୫ମ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଟସ୍ ଜିତି ପଞ୍ଜାବ କିଙ୍ଗ୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ବ୍ୟାଟରଙ୍କୁ ସୁହାଇବା ଭଳି ଫ୍ଲାଟ୍ ୱିକେଟରେ ଧୂଆଁଧାର ଖେଳିଥିଲେ ପଞ୍ଜାବ ଖେଳାଳି । ଅବଶ୍ୟ ୨୮ ରନରେ ପ୍ରଥମ ୱିକେଟ ଝଡ଼ିଥିଲା । ପ୍ରଭସିମରନ୍ ସିଂ ୫ ରନ କରି ପାଭିଲିୟନ ଫେରିଥିଲେ । କିନ୍ତୁ ପରବର୍ତ୍ତୀ ବ୍ୟାଟରମାନେ ଗୁଜରାଟ ବୋଲରଙ୍କୁ ନିସ୍ତୁକ ପିଟିଥିଲେ । ପ୍ରିୟାନ୍ସ ଆର୍ଯ୍ୟ ୨୩ ବଲରୁ ୭ଟି ଚୌକା ଓ ୨ଟି ଛକା ସହାୟତାରେ ୪୭ ରନ କରିଥିଲେ । ସବୁଠୁ ଜମାଣିଆ ଥିଲା ଅଧିନାୟକ ଶ୍ରେୟାସ ଆୟରଙ୍କ ଇନିଂସ୍ । ୪୨ ବଲ୍‌ରୁ ୯ଟି ଛକା ଓ ୫ଟି ଚୌକା ସହାୟତାରେ ଅପରାଜିତ ୯୭ ରନର ଇନିଂସ୍ ଖେଳିଥିଲେ । ତାଙ୍କ ବ୍ୟତୀତ ଅଜମତୁଲ୍ଲା ଓମାରଜାଇ ୧୬ ରନ, ମାର୍କସ ଷ୍ଟୋଇନିସ୍ ୨୦ ରନ ତଥା ଶେଷଭାଗରେ ଶଶାଙ୍କ ସିଂ ୧୬ ବଲରୁ ୪୪ ରନ କରିବାରୁ ପଞ୍ଜାବ ୫ ୱିକେଟ ହରାଇ ୨୪୩ ରନର ବିଶାଳ ସ୍କୋର କରିଥିଲା । ବୋଲିଂରେ ଗୁଜରାଟର ସାଇ କିଶୋର ୩ଟି, କାଗିସୋ ରବାଡ଼ା ଓ ରସିଦ ଖାନ୍ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।



୨୪୪ ରନର ବିଜୟଲକ୍ଷ୍ୟକୁ ପିଛା କରିଥିଲା ଗୁଜରାଟ । ଘରୋଇ ମାହୋଲରେ ଘରୋଇ ଦର୍ଶକ ବିଜୟ ଆଶା ରଖିଥିଲେ । ଆରମ୍ଭରୁ ମଧ୍ୟ ଗୁଜରାଟ ଆକ୍ରମଣାତ୍ମକ ଖେଳିଥିଲେ । ଶେଷ ପର୍ଯ୍ୟନ୍ତ ସବୁ ବ୍ୟାଟର ଦଳକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାକୁ ଲଢ଼ିଥିଲେ । କିନ୍ତୁ ଆବଶ୍ୟକତାଠାରୁ ଅଧିକ ରନ ସ୍କୋର୍‌ବୋର୍ଡ଼ରେ ଥିବାରୁ ଗୁଜରାଟ ହାତ ପାହାନ୍ତାରୁ ମ୍ୟାଚ୍ ହାତଛଡ଼ା କରିଥିଲା । ମାତ୍ର ୧୧ ରନ ପାଇଁ ଦଳର ବିଜୟ ଆଶା ଫିକା ପଡ଼ିଯାଇଥିଲା । ଓପନର ସାଇ ସୁଦର୍ଶନଙ୍କ ସହ ଅଧିନାୟକ ଶୁଭମନ ଗିଲ୍ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୬୧ ରନର ପାର୍ଟନରସିପ୍ ହୋଇଥିଲା । ଅଧିନାୟକ ଶୁଭମନ ୧୪ ବଲରୁ ୩ଟି ଛକା ଓ ୨ଟି ଚୌକା ସହାୟତାରେ ୩୩ ରନ କରି ମ୍ୟାକ୍ସୱେଲଙ୍କ ବଲ୍‌ରେ ଆଉଟ ହୋଇଥିଲେ । ଓପନିଂ ଯୋଡ଼ି ଭାଙ୍ଗିବା ସତ୍ତ୍ୱେ ମଧ୍ୟମ କ୍ରମରେ ଜୋସ୍ ବଟଲର ଓ ସେରଫାନେ ରଦରଫୋର୍ଡ଼ ସ୍ଥିତି ସମ୍ଭାଳିଥିଲେ । ଜଗିରଖି ଖେଳୁଥିବା ସାଇ ସୁଦର୍ଶନ ୫ଟି ଚୌକା ଓ ୬ଟି ଛକା ସହାୟତାରେ ୭୪ ରନ କରିଥିଲେ । ସେହିଭଳି ଜୋସ୍ ବଟଲର ୩୩ ବଲରୁ ୪ଟି ଚୌକା ଓ ୨ଟି ଛକା ସହାୟତାରେ ୫୪ ରନ କରି ଜନ୍‌ସେନ୍‌ଙ୍କ ଶିକାର ହୋଇଥିଲେ । ବାମହାତୀ ରଦରଫୋର୍ଡ଼ ୨୮ ବଲ୍‌ରୁ ୪୬ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ । ଏହାସତ୍ତ୍ୱେ ଗୁଜରାଟ ୨୦ ଓଭରରେ ୫ ୱିକେଟ ହରାଇ ୨୩୨/୫ ରନ କରିବାକୁ ସକ୍ଷମ ହୋଇଥିଲା । ତେଣୁ ଗୁଜରାଟ ମାତ୍ର ୧୨ ରନ ପାଇଁ ଲକ୍ଷ୍ୟଠାରୁ ଦୂରରେ ରହିଯାଇଥିଲା । ବୋଲିଂରେ ରାଜସ୍ଥାନର ଅର୍ଶଦୀପ ସିଂ ୨ଟି, ମାର୍କୋ ଜନ୍‌ସନ୍ ଓ ମ୍ୟାକ୍ସୱେଲ ପ୍ରତ୍ୟେକ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ । ଏହି ମ୍ୟାଚ୍‌ରେ ପ୍ରାୟ ସବୁ ବୋଲରଙ୍କ ଇକୋନୋମି ପ୍ରାୟ ୧୦ ପରେ ଥିଲା । ଉଭୟ ଇନିଂସ୍‌ରେ ମୋଟ ୧୦ଟି ୱିକେଟ ଝଡ଼ିଥିଲା ।



**ଆଜିର ମ୍ୟାଚ**
ରାଜସ୍ଥାନ – କୋଲକାତା
ସମୟ: ରାତି ୭.୩୦
ସ୍ଥାନ: ଗୌହାଟୀ
ପ୍ରସାରଣ: ଷ୍ଟାରନେଟୱର୍କ

# ଆଇପିଏଲ : ଛକାରେ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରୁଛି ଜୁପି

ଭୁବନେଶ୍ୱର, ୨୫।୩ (ସବ୍ୟୁ): ଭାରତର ଅଗ୍ରଣୀ ଅନଲାଇନ ଦକ୍ଷତା ଭିତ୍ତିକ ଗେମିଂ ପ୍ଲାଟଫର୍ମ ଜୁପି ଏହାର 'ଏକ୍ସଟ୍ରା ୱିନିଂ' ଅଭିଯାନ ମାଧ୍ୟମରେ ଆଇପିଏଲ ୨୦୨୫ର ଉତ୍ସାହକୁ ବଢାଇଛି । ଯେଉଁଥିରେ ସାରା ଦେଶର କ୍ରୀଡା ପ୍ରଶଂସକଙ୍କ ଲାଗି 'ଲଗା ଛକ୍କା ତୋ ଇନାମ ପକ୍କା' ଅଫର ରହିଛି । ଚଳିତ ଆଇପିଏଲରେ ଜୁପି ଲୁଡୋ ଆପରେ ପ୍ରତ୍ୟେକ ଛକା ଏକ ଲାଭଦାୟକ ସୁଯୋଗରେ ପରିଣତ ହୋଇଛି । ଷ୍ଟାର ସ୍ପୋର୍ଟସରେ ଆଇପିଏଲରେ ସହଯୋଗୀ ପ୍ରାୟୋଜକ ଭାବରେ, ପ୍ରଶଂସକଙ୍କ ନିୟୋଜନ ପାଇଁ ଏହା ଜୁପିର ଅଭିନବ ଆଭିମୁଖ୍ୟ ।

ପ୍ରତ୍ୟେକ ଲାଇଭ ଆଇପିଏଲ ମ୍ୟାଚରେ କ୍ରିକେଟ ଗ୍ରାଉଣ୍ଡରେ ପ୍ରତି ଛକା ମାଡରେ ଜୁପି ଆପରେ ଏକ ଭର୍ଚୁଆଲ କ୍ରିକେଟ ବଲ ସୃଷ୍ଟି କରିବ, ଯାହା ବ୍ୟବହାରକାରୀଙ୍କୁ ରିୟଲ ଟାଇମରେ ଆକର୍ଷଣୀୟ ପୁରସ୍କାର, ସ୍ୱତବ ବୋନସ ଏବଂ ସ୍ୱତବ ଲାଭ ପାଇବାକୁ ଅନୁମତି ଦେବ । ଜୁପି ପ୍ରାସଙ୍ଗିକ ମେସେଜିଂ, ରିୟଲ-ଟାଇମ୍ ଇନ୍-ଆପ୍ ପୁରସ୍କାର ଏବଂ ହାଇ-ଇମ୍ପାକ୍ଟ ବ୍ରାଣ୍ଡ ଦୃଶ୍ୟମାନତାର ଉପଯୋଗ କରୁଛି । ଏହି ଅଭିଯାନର ପ୍ରଭାବକୁ ବଢାଇବା ପାଇଁ ଜୁପି କ୍ରିକେଟ କିମ୍ବଦନ୍ତୀ ହରଭଜନ ସିଂହ, କେ ଶ୍ରୀକାନ୍ତ ଏବଂ ପ୍ରସିଦ୍ଧ କ୍ରୀଡା ଉପସ୍ଥାପକ ଯତୀନ ସପ୍ରୁଙ୍କ ସହ ମିଶି କ୍ରିକେଟର ଭାବନାକୁ ପାଳନ କରୁଥିବା ଅନେକ ଆକର୍ଷଣୀୟ ଏବଂ ହାସ୍ୟାସ୍ପଦ ବିଜ୍ଞାପନ ଚଳଚ୍ଚିତ୍ର ମାଧ୍ୟମରେ ପ୍ରଶଂସକଙ୍କୁ ଆକର୍ଷିତ ଏବଂ ମନୋରଞ୍ଜନ କରୁଛି ।

ଜୁପି ମୁଖପାତ୍ର କହିଛନ୍ତି, ଭାରତର ଅନ୍ୟତମ ପ୍ରସିଦ୍ଧ କ୍ରୀଡା ପ୍ରତିଯୋଗିତା ଆଇପିଏଲ ୨୦୨୫ରେ ଯୋଗ ଦେଇ ଆମେ ଆନନ୍ଦିତ । ଆମର ଅତିରିକ୍ତ ବିଜୟ ଅଭିଯାନ ବାସ୍ତବ ଖେଳ ମୁହୂର୍ତ୍ତ ଗୁଡିକୁ ରୋମାଞ୍ଚକର ପୁରସ୍କାରରେ ପରିଣତ କରି ଖେଳାଳୀଙ୍କ ସଂପୃକ୍ତିକୁ ବଢାଉଛି । ଏବଂ ସୁପର ୬ ମୁହୂର୍ତ୍ତରେ ଆମର ଲଗା ଛକା ତୋ ଇନାମ ପକ୍କା ଅଫର ସହିତ, ଆମେ ପ୍ରଶଂସକମାନଙ୍କୁ ଆକ୍ସନ ନିକଟତର କରିଥାଉ, ଯାହା ଆକର୍ଷଣୀୟ ଓ ଲାଭଦାୟକ ଅନୁଭୂତି ପ୍ରଦାନ କରିବାକୁ ଆମର ପ୍ରତିବଦ୍ଧତାକୁ ଦୃଢ କରିଥାଏ । ଏହି ସହଭାଗିତା ମନୋରଞ୍ଜନକୁ ଅଭିନବତା ସହିତ ମିଶ୍ରଣ କରିବାର ଆମର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ ଏବଂ ପ୍ରତ୍ୟେକ ମ୍ୟାଚରେ କେବଳ ଏକ ଖେଳଠାରୁ ଅଧିକ ବଢ଼ି ଜିତିବା, ଉତ୍ସବ ପାଳନ କରିବା ଏବଂ କିଛି ଅସାଧାରଣ ଜିନିଷର ଅଂଶ ହେବାର ଏକ ସୁଯୋଗ ପ୍ରଦାନ କରୁଛି ।

# କିଟ୍‌ରେ ଭାରତୀୟ ବିଶ୍ୱବିଦ୍ୟାଳୟ ଆର୍ଚେରୀ ଦଳ ଚୟନ

ଭୁବନେଶ୍ୱର, ୨୫।୩ (ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୩ ଦିନିଆ ଭାରତୀୟ ବିଶ୍ୱବିଦ୍ୟାଳୟ ଆର୍ଚେରୀ ଦଳ ଚୟନ ଶିବିର ଆରମ୍ଭ ହୋଇଛି । ଜର୍ମାନୀରେ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଫିଶୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆୟୋଜିତ ହେବ । ଏଥିରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିବ । ୧୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୩୦୦ ଜଣ ଆର୍ଚର ଏହି ଶିବିରରେ ଅଂଶଗ୍ରହଣ କରିଛନ୍ତି । ଏମାନଙ୍କ ମଧ୍ୟରେ ବହୁ ସଂଖ୍ୟାରେ ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆର୍ଚର ଅଛନ୍ତି । ଖେଳାଳି ଚୟନ କମିଟିରେ ଅଲିମ୍ପିଆନ ତଥା ଅର୍ଜୁନ ଆୱାର୍ଡି ରାହୁଲ ବାନାର୍ଜୀ, ଏସିଆଡ୍ ଆର୍ଚେରୀ କୋଚ୍ ରାଜେଶ ହାଁସଦାକ, ଜାତୀୟ ଆର୍ଚେରୀ କୋଚ୍ ସୁରିନ୍ଦର ସିଂ ରାନ୍ଧୁଆ, ସାଇର ଜଣେ ପ୍ରତିନିଧି ଏବଂ କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଅଛନ୍ତି ।




# ଜାତୀୟସ୍ତରୀୟ ସ୍କୋଏ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଗୁଲ୍‌ଜାରିଙ୍କୁ ବ୍ରୋଞ୍ଜ



ଅନୁଗୋଳ, ୨୫।୩ (ସବ୍ୟୁ) : ୨୫ତମ ସିନିୟର ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା ରାଜସ୍ଥାନର ଜୟପୁର ଜିଲ୍ଲାସ୍ଥିତ ଇଞ୍ଜିନିୟର କଲେଜଠାରେ ଅନୁଷ୍ଠିତ ହେଇଥିଲା । ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ବାଳିକା ବିଭାଗର ଗୁଲଜାରି ସ୍ୟାମରଙ୍ଗି ଅଂଶ ଗ୍ରହଣ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ କରିଥିବାରୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଗୁଲ୍‌ଜାରିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇ ଥିଲେ । ଆଗକୁ କିଭଳି ଜିଲ୍ଲାର ଓ ରାଜ୍ୟର ଗୌରବ ଆଣିବ ସେଥିପାଇଁ ଖେଳାଳିର ମନୋବଳକୁ ଦୃଢ଼ କରିବା ପାଇଁ ଦିଗଦର୍ଶନ ଦେଇଥିଲେ ।

ରାଜ୍ୟ ସ୍କୋଏ ଉପସଭାପତି ଦୁଷ୍ମନ୍ତ କୁମାର ନାଥଙ୍କ ଠାରୁ ମା ବାସନ୍ତୀ ଦୁର୍ଗା ଖେଳପଡ଼ିଆରେ ସେ ପ୍ରଶିକ୍ଷଣ ନେଇ ଆସୁଛନ୍ତି । ଅନୁଗୋଳ ଜିଲ୍ଲା ସ୍କୋଏ ମାର୍ଶଲ ଆର୍ଟ ଆସୋସିଏସନର ସଭାପତି ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ଅନୁଗୋଳ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଉପଦେଷ୍ଟା ଆଇନଜୀବୀ ପ୍ରଦୀପ କୁମାର ଦେବତା, ଉପସଭାପତି ପର୍ଶୁରାମ ଦାଶ ପ୍ରମୁଖ ମାର୍ଶାଲ ଆର୍ଟରେ କାଂସ୍ୟ ପଦକ ହାସଲ କରିଥିବା ଗୁଲ୍‌ଜାରିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ଖୋର୍ଦ୍ଧା ଜିଲ୍ଲା ପେଞ୍ଚାକ ସିଲାଟ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୨୫।୩ (ସବ୍ୟୁ): ପେଞ୍ଚାକ ସିଲାଟ ଆସୋସିଏସନ (ଖୋର୍ଦ୍ଧା) ତରଫରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଖୋର୍ଦ୍ଧା ପେଞ୍ଚାକ ସିଲାଟ ଆସୋସିଏସନର ଅଧ୍ୟକ୍ଷ ସଚିନ ମହାପାତ୍ର ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ସଂଘର ଉପସଭାପତି ନାରାୟଣ ଚନ୍ଦ୍ର ପାତ୍ର ଓ ସନ୍ତୋଷ ଧଳ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ୬ଟି ଜିଲ୍ଲାରୁ ୧୦୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ୧୦ ଜଣ ରେଫରୀ ସାମିଲ ହୋଇଥିଲେ । ଖୋର୍ଦ୍ଧା ଜିଲ୍ଲା ସଂଘ ସଭାପତି ଶୁଭ୍ରଜିତ ଜେନା, ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ଉପସଭାପତି ନବକିଶୋର ପାଇକରାୟ, ନରେନ୍ଦ୍ର ପାତ୍ର, ସନ୍ତୋଷ ଧଳ, ବୁଲୁ ଚମ୍ପତି, ଦେବାଶିଷ ସୁନ୍ଦରାୟ, ସହସମ୍ପାଦକ ପ୍ରକାଶ ବେହେରା, ରଞ୍ଜିତ ନାୟକ, ପୂର୍ଣ୍ଣଚନ୍ଦ୍ର ମହାରଣା, ଜଗନ ଲେଙ୍କା, ସିଦ୍ଧାର୍ଥ ସାହୁ ଆଦି ସମସ୍ତ ପ୍ରତିଯୋଗୀଙ୍କୁ ଶୁଭକାମନା ଜଣାଇଛନ୍ତି ।




# ଅନିରୁଦ୍ଧ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଛତିଆ ଚାମ୍ପିଅନ



ଚଣ୍ଡିଖୋଲ, ୨୫।୦୩ (ସବ୍ୟୁ): ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ନିକଟ ସୁଙ୍ଗୁଡା ଖେଳ ପଡିଆରେ ଆୟୋଜିତ ପ୍ରଥମ ବାର୍ଷିକୀ ଅନିରୁଦ୍ଧ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଚିତ୍ତାକର୍ଷକ ଫାଇନାଲ ମ୍ୟାଚରେ ବଡ଼ଚଣା ଟିମ୍‌କୁ ହରାଇ ଛତିଆ କ୍ରିକେଟ ଟିମ୍ ଚଳିତ ବର୍ଷର ଅନିରୁଦ୍ଧ ସ୍ମାରକୀ ଚମ୍ପିୟାନ ଟ୍ରଫି ହାସଲ କରିଛି ।

ପୁରସ୍କାର ବିତରଣୀ ଉତ୍ସବରେ ବିଜେଡି ନେତା ରାଜନାରାୟଣ ମହାପାତ୍ର, ସୁଙ୍ଗୁଡା ପଞ୍ଚାୟତ ସମିତି ସଭ୍ୟା ସ୍ନିଗ୍ଧାରାଣୀ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌କୁ ନଗଦ ୧୦ ହଜାର ଅର୍ଥ ରାଶି ସହ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ରନର୍ସଅପ ବଡ଼ଚଣା ଟିମ୍‌କୁ ୭ ହଜାର ଅର୍ଥ ରାଶି ଓ କପ ପ୍ରଦାନ କରାଯାଇଥିଲା । ଅତିଥିମାନେ ମ୍ୟାଚକୁ ଦେଖିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଫାଇନାଲ ଖେଳରେ ବେଷ୍ଟ ବୋଲର ଭାବେ କାହ୍ନୁ ବଳ, ମ୍ୟାନ ଅଫ ଦି ମ୍ୟାଚ ଭାବେ ତପୁ ରାଉତ ଓ ମ୍ୟାନ ଅଫ ଦି ସିରିଜ ଭାବେ ପପୁ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା ।

ଏହି ଖେଳକୁ ଅଭିଷେକ ବିଶ୍ୱାଳ ଓ ବିନୋଦ ମାରାଣ୍ଡି ପରିଚାଳନା କରିଥିଲେ । ଉକ୍ତ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ । ଆୟୋଜକ ଦଳ ପକ୍ଷରୁ ସୁରଜିତ ରାଉତ, ନିଖିଲ ନାୟକ, ବିଭୁ ପ୍ରସାଦ ମହାଲା, ରାକେଶ ରାଉତ, ପ୍ରଭାତ ରାଉତ, ପପୁନ ବିଶ୍ୱାଳ, ଜୟ ମହାଲା ପ୍ରମୁଖ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ ।

**ସୂଚନା**
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି